R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୨
ତିଥି : ଚତୁର୍ଥୀ
୨୭ ଏପ୍ରିଲ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 202
27 April 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଇଭିଏମ୍‌ରେ ହେବ ଭୋଟ୍



ନୂଆଦିଲ୍ଲୀ, ୨୬।୪ : ଇଭିଏମ୍ ଭୋଟ୍ ସହ ଭିଭିପାଟ୍ ସ୍ଲିପ୍‌ର ଶତ ପ୍ରତିଶତ ମେଳକୁ ନେଇ ହୋଇଥିବା ସମସ୍ତ ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି । ବାଲାଟ ପେପର ବ୍ୟବସ୍ଥାରେ ନିର୍ବାଚନ ପାଇଁ ହୋଇଥିବା ଆବେଦନକୁ ଖାରଜ କରାଯାଇଛି । ତେବେ ନିର୍ବାଚନ ପରେ ଜଣେ ପ୍ରାର୍ଥୀ ଯଦି ଅଭିଯୋଗ ଆଣେ ତେବେ ଇଭିଏମ୍ ସହ ଭିଭିପାଟ୍‌ର ଯାଞ୍ଚ କରାଯାଇପାରିବ । ଯେଉଁ ପ୍ରାର୍ଥୀ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ଥିବେ ସେ ଏହି ଆବେଦନ କରିପାରିବେ । ଏଥିଲାଗି ୪୫ ଦିନ ପର୍ଯ୍ୟନ୍ତ ଭିଭିପାଟ୍ ସ୍ଲିପ୍‌କୁ ସୁରକ୍ଷିତ ରଖିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୁପ୍ରିମ୍‌କୋର୍ଟ ରାୟ ଅନୁଯାୟୀ ଇଭିଏମ୍‌ରେ ହିଁ ଭୋଟିଂ ପ୍ରକ୍ରିୟା ହେବ । ଇଭିଏମ୍‌ରେ ଚିହ୍ନ ଲୋଡିଂ ପ୍ରକ୍ରିୟା ସମାପ୍ତ ହେବାପରେ ସିମ୍ବଲ ଲୋଡିଂ ୟୁନିଟ୍‌କୁ ସିଲ୍ କରାଯିବା ଉଚିତ୍ । ଏହା ଅତି କମ୍‌ରେ ୪୫ ଦିନ ପର୍ଯ୍ୟନ୍ତ ରହିବ । ଯେଉଁ ପ୍ରାର୍ଥୀ ପୁନଃ ଯାଞ୍ଚ ପାଇଁ ଆବେଦନ କରିବେ ତେବେ ୭ ଦିନ ମଧ୍ୟରେ ଲିଖିତ ଅନୁରୋଧ କରିବେ । ଏଥିପାଇଁ ଖର୍ଚ୍ଚ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଦେବାକୁ ପଡିବ । ଯେଉଁ ସଂସ୍ଥାରେ ଇଭିଏମ୍ ପ୍ରସ୍ତୁତ କରାଯାଇଥିବ ତା'ର ଏକ ଇଞ୍ଜିନିୟର ଟିମ୍ ଏହାକୁ ଯାଞ୍ଚ କରିବେ । ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଓ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଫଳାଫଳ ପ୍ରକାଶ ପାଇବା ପରେ ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ମାଇକ୍ରୋ କଣ୍ଟ୍ରୋଲର ଇଭିଏମ୍‌ରେ ପୋଡି ଯାଇଥିବା ବା ନଷ୍ଟ ହୋଇଥିବା ମେମୋରିକୁ ଏକ ଇଞ୍ଜିନିୟରିଂ ଟିମ୍ ଦ୍ୱାରା ଯାଞ୍ଚ ଖଣ୍ଡପୀଠ ପଚାରିଛନ୍ତି । ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଯାଞ୍ଚ ପ୍ରକ୍ରିୟାରେ ଯେତିକି ଖର୍ଚ୍ଚ ହେବ ତାହା ଇସିଆଇଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇବ । ଯଦି ଅଭିଯୋଗ ସତ ହେଲା ତେବେ ସମ୍ପୃକ୍ତ ଆବେଦନକାରୀଙ୍କୁ ଅର୍ଥ

## ଭିଭିପାଟ୍ ସ୍ଲିପ୍ ୪୫ ଦିନ ଯାଏ ରହିବ ସୁରକ୍ଷିତ
## ୭ ଦିନ ମଧ୍ୟରେ ଆବେଦନ କଲେ ହେବ ଯାଞ୍ଚ
## ଯାଞ୍ଚ ଖର୍ଚ୍ଚ ବହନ କରିବେ ପ୍ରାର୍ଥୀ

କରାଯିବ । କାଗଜ ସ୍ଲିପ୍ ଗଣନା ପାଇଁ ଏକ ଇଲୋକ୍ଟ୍ରୋନିକ୍ସ ମେସିନ୍ ଲାଗି ଯାଞ୍ଚ କରିବାକୁ କୁହାଯାଇଛି । ଏଥିସହ ପ୍ରତ୍ୟେକ ଦଳ ପାଇଁ ବାର୍‌କୋଡ୍ ରହିବ କି ନାହିଁ ତାହା ଦେବାକୁ ପଡିବନାହିଁ । ଯଦି କୌଣସି ଜାଗାରେ ଟାମ୍ପରିଂ ହେଉଥିବା ତେବେ ପ୍ରିଜାଇଡିଂ ଅଫିସର ତୁରନ୍ତ ରିଟର୍ଣ୍ଣିଂ ଅଫିସରଙ୍କୁ ଜଣାଇବେ ।

## ସରିଲା ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍

# ସନ୍ଧ୍ୟା ୫ଟା ସୁଦ୍ଧା ୬୦% ମତଦାନ



## ରାହୁଲ, ହେମାମାଳିନୀ, ଓମ୍ ବିର୍ଲା, ରାଜୀବଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ

ନୂଆଦିଲ୍ଲୀ, ୨୬।୪ : ଲୋକସଭା ନିର୍ବାଚନ ଲାଗି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆଜି ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ୧୩ ରାଜ୍ୟର ୮୮ ଲୋକସଭା ନିର୍ବାଚନମଣ୍ଡଳୀ ଲାଗି ୬୦.୭% ଭୋଟ୍ ହୋଇଥିବା ସୂଚନା ମିଳିଛି । କେରଳର ୨୦ ଲୋକସଭା ଆସନର ଭୋଟ୍ ସରିଛି । ସମସ୍ତଙ୍କ ଆଖି ଏବେ କେରଳ ଉପରେ ରହିଛି । କାରଣ କେରଳର ୱେନାଡ଼୍‌ରୁ କଂଗ୍ରେସର ପ୍ରମୁଖ ନେତା ରାହୁଲ ଗାନ୍ଧି ନିର୍ବାଚନ ଲଢୁଛନ୍ତି । ତେବେ ପଶ୍ଚିମବଙ୍ଗରେ ସର୍ବାଧିକ ୨୯୦ଟି ଅଭିଯୋଗ ଆସିଛି ।

ମଣିପୁର, ଛତିଶଗଡ, ପଶ୍ଚିମବଙ୍ଗ, ଆସାମ ଓ ତ୍ରିପୁରାରେ ୭୦%ରୁ ଅଧିକ ଭୋଟ୍ ହୋଇଥିବା ଜଣାପଡିଛି । ସେହିଭଳି ଉତ୍ତରପ୍ରଦେଶ, (୯ ପୃଷ୍ଠାରେ)

## ଉମରକୋଟ ଓ ଝରିଗାଁରେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

# ବିଏସ୍‌କେୱାଇ ବନ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଚକ୍ରାନ୍ତ : କାର୍ତ୍ତିକ

## ମୁଖ୍ୟମନ୍ତ୍ରୀ ଆପଣଙ୍କ ସୁଖ, ଦୁଃଖରେ ଅଛନ୍ତି
## ଯୋଡି ଶଙ୍ଖରେ ଭୋଟ୍ ଦେଇ ଆଶୀର୍ବାଦ କରନ୍ତୁ
## ବିକାଶର ହିସାବ ଦେଲେ ପାଣ୍ଡିଆନ

ଭୁବନେଶ୍ୱର, ୨୬।୪ (ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ଓ ଝରିଆଁରେ ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର



ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ବହୁସଂଖ୍ୟାରେ ଆସି ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ । ୯୦ ପ୍ରତିଶତ ଭୋଟରେ ଜିତାନ୍ତୁ । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

ନିଜ ଭାଷଣରେ କେନ୍ଦ୍ରମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ତାଙ୍କର ରାଗ ହେଉଛି ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି । ମା ମାନଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି । ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି କାର୍ଯ୍ୟକ୍ରମ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି । ମା ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେଛ ତାଙ୍କୁ ଅନୁରୋଧ ସେ ମା ମାନଙ୍କୁ ବାରମ୍ବାର ଅପମାନିତ ନ କରନ୍ତୁ, ମା ମାନେ ତାଙ୍କୁ ଉଚିତ ଜବାବ ଦେବେ । ଆପଣମାନେ ତାଙ୍କୁ ପ୍ରଶ୍ନ ପଚାରନ୍ତୁ, ସେମାନେ ଉତ୍ତର ଦେଇପାରିବେ ନାହିଁ ।

ସେ କହିଲେ ଯେ କେନ୍ଦ୍ରମନ୍ତ୍ରୀ ବଡ ବଡ କଥା କହୁଛନ୍ତି । କିନ୍ତୁ ୫ ବର୍ଷ ହେଲା ଶିକ୍ଷାମନ୍ତ୍ରୀ ହେଲେଣି, ଆପଣଙ୍କ ଅଞ୍ଚଳରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଲେ ନାହିଁ । ସେ ଚାହିଁଥିଲେ ନବରଙ୍ଗପୁରରେ ତିନି ଚାରିଟି କେନ୍ଦ୍ରୀୟ ବିଦ୍ୟାଳୟ କରିପାରିଥାନ୍ତେ । କିନ୍ତୁ ହୋଇପାରିଲା ନାହିଁ । ଓଡିଶା ସରକାର ୫-ଟ୍ରେ ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତର କରିଛନ୍ତି ।

ସେ କହିଲେ ଯେ ବିକାଶ ପାଇଁ ଶାନ୍ତି ଦରକାରଛ ଶାନ୍ତି ଥିଲେ ପ୍ରଗତୀ ଆସେ । ଆମ ମୁଖ୍ୟମନ୍ତ୍ରୀ ଓଡିଶାରେ ଶାନ୍ତି ପ୍ରତିଷ୍ଠା କରିଛନ୍ତି, ତେଣୁ ବିକାଶ ହେଉଛି । ପଡୋଶୀ ରାଜ୍ୟ ଛତିଶଗଡ କଥା ଉଠାଇ ସେ କହିଲେ ଦେଖନ୍ତୁ, ସେଠାରେ ବାରମ୍ବାର ସରକାର ବଦଳୁଛି,କିନ୍ତୁ ଶାନ୍ତି ନାହିଁ । ଆମ ମୁଖ୍ୟମନ୍ତ୍ରୀ ଜନଜାତିଙ୍କୁ ବହୁତ ଭଲ ପାଆନ୍ତି, ସମ୍ମାନ କରନ୍ତି, (୯ ପୃଷ୍ଠାରେ)

# ଟ୍ରକ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ସୁନ୍ଦରଗଡ଼, ୨୬।୪ (ସବ୍ୟୁ) : ଅଜଣା ଟ୍ରକ ଧକ୍କାରେ ତିନି ବାଇକ୍ ଆରୋହୀ ମୃତ । ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଦର୍ଲିପାଲି ଏନ ଟି ପି ସି ପାୱାର ପ୍ଲାଣ୍ଟ କଲୋନୀ ସମ୍ମୁଖ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ବିଳମ୍ବିତ ରାତିରେ ଅଜଣା ଟ୍ରକଟି ଧକ୍କା ମାରି ଫେରାର ହୋଇଯାଇଥିବା ସୂଚନା ରହିଛି । ଗୋଟିଏ ବାଇକ୍ ରେ ଯାଉଥିବା ତିନି ସ୍ଥାନୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସେହି ଦର୍ଲିପାଲି ଗାଁର ରଞ୍ଜନ ପ୍ରଧାନ, ଆଶିଷ ଭୋଇ ଓ ରୂପକ ଧୁରୁଆ । ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି ଲୋକେ ।

# ହତ୍ୟା ମାମଲାରେ ଜଣକୁ ଫାଶୀ

ଓଡ଼ଗାଁ, ୨୬।୪ (ସବ୍ୟୁ) : କୌଣସି କାରଣକୁ ନେଇ ୫ ବର୍ଷ ତଳେ ୨୦୧୯ ମସିହା ଜାନୁୟାରୀ ୧୭ ତାରିଖ ରାତିରେ ଅତି ବୀଭତ୍ସ ଭାବେ ଦୁଇ ଜଣଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ। ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଆଜି ପ୍ରକାଶ ପାଇଛି ରାୟ । ଆଉ ଅଭିଯୁକ୍ତଙ୍କୁ ମିଳିଛି ଫାଶୀ ଦଣ୍ଡାଦେଶ। ନୟାଗଡ଼ ଜିଲ୍ଲା ଓଡଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଏକ ହତ୍ୟା ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ହେବା ମାମଲା ନୟାଗଡ଼ ଜିଲ୍ଲାରେ ପ୍ରଥମ ବୋଲି କୁହାଯାଉଛି । ଫାଶୀ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଜଣଙ୍କ ହେଲେ ଓଡଗାଁ ଥାନା କୁଶଡିପି ଗାଁର ନିରଞ୍ଜନ ମଲ୍ଲୀକ । ନିରଞ୍ଜନ ଉକ୍ତ ରାତିରେ ଓଡଗାଁ ମାର୍କେଟରେ ଡ୍ୟୁଟି କରୁଥିବା ରାତ୍ର ଜଗୁଆଳି ଲୋଚନ ସେଠିଙ୍କୁ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିଥିଲେ।ଏହାପରେ ସେ ଓଡଗାଁ ସିନେମା ହଲ ନିକଟରେ ବଦନି ପ୍ରଧାନ ନାମକ ମହିଳାଙ୍କୁ ଘରେ ପଶି ତାଙ୍କୁ ହତ୍ୟା କରିଥିଲା । ଏହି ଘଟଣାରେ (୯ ପୃଷ୍ଠାରେ)

# ଆହୁରି ୫ ଦିନ ଡହଡହ ଖରା

## ହିଟ୍‌ୱେଭ୍ ଲାଗି ବିଭିନ୍ନ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ
## ୪୪.୬°ରେ ସିଝିଲା ଅନୁଗୁଳ
## ୪୩° ଉପରେ ୧୨, ୪୦° ଉପରେ ୩୨ ସହର




ଭୁବନେଶ୍ୱର, ୨୬।୪ (ସବ୍ୟୁ) : ରାଜ୍ୟରେ ଗ୍ରୀଷ୍ମପ୍ରବାହ ଅବ୍ୟାହତି ରହିଛି । କିଛି ଜିଲ୍ଲାରେ ଉଷ୍ମ ପାଣିପାଗ ସ୍ଥିତି ଜାରି ରହିବା ସହ କେତେକ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମପ୍ରବାହର ସ୍ଥିତି ଲାଗିରହିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରୀଷ୍ମପ୍ରବାହ ଯୋଗୁ ଲୋକମାନେ ତହଳ ବିକଳ ହେଉଛନ୍ତି । ଅନୁଗୁଳରେ ସର୍ବାଧିକ ତାପମାତ୍ରା ୪୪.୬° ହୋଇଥିବାବେଳେ ୧୨ ସହରରେ ତାପମାତ୍ରା ୪୩° ଅତିକ୍ରମ କରିଛି । ୩୨ ସହରରେ ୪୦°ରୁ ଅଧିକ ଭିନ୍ନ ତାପମାତ୍ରା ରେକର୍ଡ଼ ହୋଇଛି । ଆଗାମୀ ୪ରୁ ୫ ଦିନ ଯାଏଁ ଏଭଳି ସ୍ଥିତି ରହିପାରେ । ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଭିନ୍ନ ତାପମାତ୍ରା ଆଉ ୨° ଯାଏ ବଢ଼ିବାର ସମ୍ଭାବନା ରହିଛି ।

ଆସନ୍ତା ୨୭ ତାରିଖ ଲାଗି କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା ଓ ଅନୁଗୁଳ ଜିଲ୍ଲାକୁ ରେଡୱାର୍ଣ୍ଣିଂ (୯ ପୃଷ୍ଠାରେ)

# ସ୍ୱାଧୀନତା ପୂର୍ବର ନିର୍ବାଚନ : ଥାନା ସାଜୁଥିଲା ମତଦାନ କେନ୍ଦ୍ର

**ସତ୍ୟଜିତ୍ ମହାପାତ୍ର**

ସମ୍ବଲପୁର, ୨୬।୪ : ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବା ପରେ ଓ ଦେଶ ସ୍ୱାଧିନ ହେବା ପୂର୍ବରୁ ୩ଥର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୧୯୩୬ରେ ସମ୍ବଲପୁର ଜିଲ୍ଲାରେ ପ୍ରଥମ କରି ନିର୍ବାଚନ ହୋଇଥିଲା । ଏହାପରେ ୧୯୩୮ ଓ ୧୯୪୬ରେ ମଧ୍ୟ ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କରଦାତା ଭଳି ନିର୍ଦ୍ଦିଷ୍ଟ ବର୍ଗଙ୍କ ବ୍ୟକ୍ତିବିଶେଷ ମତଦାନ କରୁଥିଲେ। ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ପୋଲିସ ଥାନା ଗୁଡିକୁ ମତଦାନ କେନ୍ଦ୍ର କରାଯାଉଥିଲା । ପ୍ରତି ଥାନା ଅନ୍ତର୍ଗତ ଅଞ୍ଚଳରେ ପ୍ରାୟ ୪ ହଜାର ପର୍ଯ୍ୟନ୍ତ ଭୋଟର ରହୁଥିଲେ। ମତଦାନ ପ୍ରକ୍ରିୟା ପ୍ରାୟ ଏକ ସପ୍ତାହ ଚାଲୁଥିଲା । ବର୍ତ୍ତମାନ ପ୍ରାର୍ଥୀ ଓ ଦଳ ଗୁଡିକୁ ନିର୍ବାଚନ କମିଶନ ଚିହ୍ନ ଦେଉଛନ୍ତି । ଭୋଟର ନିଜ ପସନ୍ଦର ବ୍ୟକ୍ତି ଓ ଚିହ୍ନରେ ଭୋଟ ଦେଉଛନ୍ତି। ମାତ୍ର ସ୍ୱାଧୀନତା ପୂର୍ବରୁ ପ୍ରାର୍ଥୀମାନଙ୍କ ପାଇଁ ଲାଲ ଓ ସବୁଜ ଭଳି ବାକ୍ସ ରହୁଥିଲା। ଭୋଟରମାନେ ନିଜ ପ୍ରାର୍ଥୀଙ୍କ ପାଇଁ ରହିଥିବା ରଙ୍ଗର ବାକ୍ସରେ ଭୋଟ ଦେଉଥିଲେ । ଗମନାଗମନର ବିଶେଷ ସୁବିଧା ନଥିବାରୁ ପ୍ରାର୍ଥୀ ମାନେ ନିଜ ସମର୍ଥକ ଭୋଟର ମାନଙ୍କୁ ଗାଡିରେ ଆଣି ଭୋଟ ଦେଇ ନେଉଥିଲେ । ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜୀବୀ ବୋଧରାମ ଦୁବେ ୧୯୩୬ ଓ ୧୯୪୬ ମସିହାରେ ସମ୍ବଲପୁର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀପଦ ପାଇଥିଲେ। ୧୯୪୬ରେ ବିଧାୟକ ବୋଧରାମ ଦୁବେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ଏହାଦ୍ୱାରା ୧୯୪୯ରେ ଉପନିର୍ବାଚନ ହୋଇଥଲା ।




ଡ. ଶ୍ରଦ୍ଧାକର ସୁପକାର କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଥିଲେ । ସେ ୧୯୪୯ ଉପ ନିର୍ବାଚନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। କଂଗ୍ରେସ ପକ୍ଷରୁ ଓଡ଼ିଶା ବାହାରର ଜଣେ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ଟିକେଟ୍ ଦିଆଯାଇଥିଲା। ଫଳରେ ଡ. ସୂପକାର ପ୍ରାୟ ୩ ହଜାର ଭୋଟ ବ୍ୟବଧାନରେ ବିଜୟ ହୋଇଥିଲେ। ବିର୍ଲା କମ୍ପାନୀର କାରଖାନା ବର୍ଜିତ ଜଳ ଦ୍ୱାରା ମହାନଦୀ ଜଳ ପ୍ରଦୂଷଣ ବିରୁଦ୍ଧରେ ଓ ହୀରାକୁଦ ବନ୍ଧ ବିରୋଧୀ ଲଢ଼ିଥିବାରୁ ରାଜ୍ୟ କଂଗ୍ରେସ ନେତୃବର୍ଗଙ୍କ ଇଚ୍ଛା ସତ୍ତ୍ୱେ ଡ. ସୂପକାର ମନ୍ତ୍ରୀପଦ ପାଇ ପାରିନଥିଲେ । ସ୍ୱାଧୀନତା ପରେ ୧୯୫୧-୫୨ରେ ସାବାଳକ ଭୋଟ ପ୍ରଥା ଅନୁଯାୟୀ ପ୍ରଥମ କରି ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା। ରାଜନୈତିକ ଦଳ ଓ ପ୍ରାର୍ଥୀ ମାନେ ନିର୍ବାଚନ କମିଶନଙ୍କ ଦ୍ୱାରା ଦିଆଯାଇଥିବା ଚିହ୍ନରେ ନିର୍ବାଚନ ଲଢିବା ପ୍ରକିୟା ଆରମ୍ଭ ହୋଇଥିଲା । ଏଥିସହ ମତଦାନ କେନ୍ଦ୍ର ଗୁଡିକରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ସମ୍ବଲପୁର-ରେଢ଼ାଖୋଲ ଦ୍ୱେତ ଆସନରୁ ଡ. ଶ୍ରଦ୍ଧାକର ସୂପକାର ଓ ଭିକାରୀ ସୁନା ଗଣତନ୍ତ୍ର ପରିଷଦର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହେଲେ। ଡ. ସୂପକାର ଝୁଲା ବିଧାନସଭାରେ ଗଣତନ୍ତ୍ର ପରିଷଦ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମର୍ଥନ ନେଇ ରାଜ୍ୟରେ ସରକାର ଗଠନ ପାଇଁ ଚେଷ୍ଟା କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ପାରି ନଥିଲା। ତେଣୁ ସେ ଓଡ଼ିଶା ବିଧାନସଭାର ପ୍ରଥମ ବିରୋଧୀ ଦଳ (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କୁ ପୁଣି ରାହୁଲଙ୍କ କଟାକ୍ଷ

# ମୋଦି ଏତେ ଭୟଭୀତ, ସଭାରେ ଏବେ କାନ୍ଦିପାରନ୍ତି

ନୂଆଦିଲ୍ଲୀ, ୨୬।୪ : କଂଗ୍ରେସ ନେତା ରାହୁଲ ଗାନ୍ଧି ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ତାଙ୍କ ଆକ୍ଷେପକୁ ଶାଣିତ କରିବାରେ ଲାଗିଛନ୍ତି । ରାହୁଲ ଅଭିଯୋଗ ଆଣିଛନ୍ତି ଯେ କିଛି ଲୋକଙ୍କୁ ପ୍ରଧାନମନ୍ତ୍ରୀ କୋଟିପତି ବନାଇଛନ୍ତି ଏବଂ ଏବେ ମୋଦିଙ୍କ ବକ୍ତବ୍ୟରେ ଭୟ ବାରି ହୋଇପଡୁଛି । କେଉଁଦିନ ସେ ଷ୍ଟେଜ୍ ଉପରେ କାନ୍ଦି ନପକାଇବେ କହି ହେବନାହିଁ । ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ଉତ୍ତରାଧିକାରୀ ଓ ସମ୍ପତ୍ତି ପୁନର୍ବଣ୍ଟନ ପ୍ରସଙ୍ଗ ଉଠାଇ ଲୋକଙ୍କୁ ବିଭ୍ରାନ୍ତ କରିବାରେ ଲାଗିଛନ୍ତି ।



ପ୍ରଧାନମନ୍ତ୍ରୀ ମୋଦି ଉତ୍ତରାଧିକାରୀ ଟିକସକୁ ନେଇ କଂଗ୍ରେସକୁ ଆକ୍ଷେପ କରିଥିଲେ । ରାହୁଲ କହିଛନ୍ତି ଯେ ଆମେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଲୁ । ସେ ଭୟଭୀତ ହୋଇଛନ୍ତି । ଏହା ଅସମ୍ଭବ ନୁହେଁ ଯେ ସେ କେଉଁ ଦିନ ଷ୍ଟେଜ୍ ଉପରେ କାନ୍ଦି ପକାଇବେ । ସେ ଅଯଥା ପ୍ରସଙ୍ଗ ଉଠାଇ ଲୋକଙ୍କ ଧ୍ୟାନ ଅନ୍ୟତ୍ର କରିବାକୁ ଚେଷ୍ଟା କରୁଛନ୍ତି । କେତେବେଳେ ଚୀନ୍, ପାକିସ୍ତାନ କଥା କହୁଛନ୍ତି ତ ଆଉକେତେବେଳେ ଥାଳି ବାଡେଇବା ଓ ମୋବାଇଲ୍ ଫୋନ୍‌ର ଟର୍ଚ୍ଚ ଲାଇଟ୍ ଜାଳିବା କଥା କହୁଛନ୍ତି । ମୋଦି ତାଙ୍କ ସମୟରେ କିଛି ଲୋକଙ୍କୁ କୋଟିପତି କରିଛନ୍ତି । ଗରିବ ଲୋକଙ୍କ ଟଙ୍କା ନେଇ ସେ ସେମାନଙ୍କୁ ଧନୀ ସଜାଇଛନ୍ତି । ଦେଶର ୨୨ ଜଣଙ୍କ ପାଖରେ ଯେତିକି ସମ୍ପତ୍ତି ରହିଛି ୭୦ କୋଟି ଲୋକଙ୍କ ପାଖରେ ଥିବା ସମ୍ପତ୍ତି ସହ ସମାନ । ୧% ଲୋକଙ୍କ ହାତରେ ଦେଶର ୪୦% ସମ୍ପତ୍ତି ରହିଛି । ଯୁବକମାନଙ୍କର ସେନା ଚାକିରିକୁ ପ୍ରଧାନମନ୍ତ୍ରୀ ଅଗ୍ନିବୀର ଯୋଜନା ଆଣି ଛଡାଇ ନେଇଛନ୍ତି । ଏହା କରି ସେ ଭାରତୀୟ ସେନା ଓ ସୈନିକଙ୍କୁ ଅପମାନ କରିଛନ୍ତି । ଆମେ ଏହାକୁ ଉଚ୍ଛେଦ କରିବୁ । ତେବେ ଇତି ଅବସରରେ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ବର୍ତ୍ତମାନ ମୋର ଡିଭର୍ସ କେସ୍ ଚାଲିଛି । ଏହି ବିବାହ ମୋ ପାଖରୁ ଅନେକ କିଛି ଛଡାଇ ନେଇଛି । ଦିନ ଥିଲା ବିବାହ କାରଣରୁ ମୋ ପାଖରେ କୌଣସି କାମ ନଥିଲା । ହେଲେ ମୁଁ ବର୍ତ୍ତମାନ ମୋ ପିଲା ପାଇଁ କିଛି କରିବାକୁ ଚାହୁଁଛି ।

**କଙ୍ଗନା ଶର୍ମା, ଅଭିନେତ୍ରୀ**



ସଲମାନ ରିଅଲ ଲାଇଫ୍‌ରେ ଖୁବ ଭଲ ଲୋକ । ମୋ ପୁଅର ଅନୁରୋଧରେ ସେ ରାତି ଅଧରେ ବି ଯୁବରାଜ ସିଂ ଓ ଶୋଏବ ଅଖତରଙ୍କ ସହିତ ତାର ଭେଟ କରାଇଥିଲେ । ସେ ସବୁବେଳେ ବିନ୍ଦାସ ରହିବା ଲୋକ ।

**ଅନୀସ ବଜମୀ, ଫିଲ୍ମମେକର**



ବୁଢି ଓ ମୋଟି ଭଳି କମେଣ୍ଟର ମୋ ଉପରେ କୌଣସି ପ୍ରଭାବ ପଡିନଥାଏ । ଏଭଳି କମେଣ୍ଟରେ ମୋ ଲାଇଫ୍‌ରେ କୌଣସି ପରିବର୍ତ୍ତନ ହେବାର ନାହିଁ ।

**ଲାରା ଦତ୍ତ, ଅଭିନେତ୍ରୀ**

## ଇତିହାସ

୧୬୬୨ – ନେଦରଲାଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ସୈନ୍ୟ ଚୁକ୍ତି ଉପରେ ସ୍ୱାକ୍ଷରିତ ।
୧୭୪୮ – ମୋଗଲ ବାଦଶାହ ମହମ୍ମଦ ଶାହଙ୍କ ନିଧନ ।
୧୯୦୮ – ଲଣ୍ଡନରେ ଚତୁର୍ଥ ଅଲମ୍ପିକ ଆରମ୍ଭ ।
୧୯୬୦ – ଦିଲ୍ଲୀରେ ନ୍ୟାସନାଲ ଡିଫେନ୍ସ କଲେଜର ପ୍ରତିଷ୍ଠା ।
୧୯୬୧ – ୧୫୦ ବର୍ଷ ପରେ ବ୍ରିଟେନ୍ ଶାସନରୁ ମୁକ୍ତ ହେଲା ପଶ୍ଚିମ ଆଫ୍ରିକା ଦେଶ ସିୟରା ଲିଓନ ।
୧୯୭୨ – ମହାକାଶଯାନ ଆପୋଲୋ ୧୬ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା ।
୧୯୮୯ – ବାଙ୍ଗଲାଦେଶର ଝଡତୋଫାନରେ ୫୦୦ ଲୋକଙ୍କ ମୃତ୍ୟୁ ।
୨୦୦୯ – ହିନ୍ଦୀ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ଫିରୋଜ ଖାନଙ୍କ ନିଧନ ।

## ମେନୋପଜ୍ ଡାଏଟ୍

**ମେନୋପଜ୍ ସମସ୍ୟା ମହିଳାଙ୍କର ଋତୁଚକ୍ର ସରିବା ସମୟରେ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କର ଅନେକ ପ୍ରକାର ଲକ୍ଷଣ ଯେପରି ନିଦ ନହେବା, ଅତ୍ୟଧୀକ ରକ୍ତସ୍ରାବ, ମନ ପରିବର୍ତ୍ତନ, ହଠାତ୍ ଶରୀରର ଉପରି ଭାଗରେ ଗରମ ଲାଗିବା । ସାଧାରଣତଃ ଏହି ସମସ୍ୟା ମହିଳାଙ୍କ ନିକଟରେ ୪୦ରୁ ୫୦ ବର୍ଷରେ ଦେଖିବାକୁ ମିଳିଥାଏ । ଯଦି ଏଭଳି ସମସ୍ୟା ଦେଖୁଛନ୍ତି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ତେବେ ଏଭଳି କିଛି ଡାଏଟ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଏହି ସମସ୍ୟାରୁ କେତେକାଂଶରେ ଉପଶମ ମିଳିବ । ଏଥିରେ ସବୁଠାରୁ ଆଗରେ ରହିଛି ଟି-ଡାଏଟ୍ ।**





**ବ୍ଲାକ୍ କୋହୋସା ଟି–** ବ୍ଲାକ୍ କୋହୋସାରେ ଥିବା ଏଷ୍ଟ୍ରୋଜେନ୍ ମେନୋପଜ୍ ପାଇଁ ଖୁବ ଉପକାରୀ ହୋଇଥାଏ । ଏହି ସମୟରେ ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ । ଯଦି ଚା ପିଇବାର ଅଭ୍ୟାସ ରହିଛି, ତେବେ ବ୍ଲାକ୍ କୋହୋସା ଟିକୁ ଏଥିରେ ସାମିଲ କରନ୍ତୁ ।

**ରେଡ୍ କ୍ଲୋଭର ଟି–** ରେଡ୍ କ୍ଲୋଭର ଟିରେ ଇସୋଫ୍ଲାଭୋନେସ୍ ରହିଥାଏ ଯାହା ମେନୋପଜ୍ ସମସ୍ୟା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ତେଣୁ ଶରୀରରେ ହର୍ମୋନାଲ ବାଲାନ୍ସ ରଖିବା ପାଇଁ ଡାଏଟ୍‌ରେ ପ୍ରତିଦିନ ରେଡ୍ କ୍ଲୋଭର ଟି ପିଅନ୍ତୁ ।

**ସେଗ୍ ଟି–** ଏହା ମଧ୍ୟ ମେନୋପଜ୍ ପାଇଁ ଖୁବ ଲାଭକାରୀ ହୋଇଥାଏ । ମେନୋପଜ୍ ସମସ୍ୟା ସମୟରେ ଦେଖିବାକୁ ମିଳୁଥିବା ବିଭିନ୍ନ ଲକ୍ଷଣକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ । ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ଇନ୍‌ବାଲାନ୍ସକୁ ନିୟନ୍ତ୍ରଣ କରିବାରେ ସେଗ୍ ଟି ବିଶେଷଭାବେ ସହାୟକ ହୋଇଥାଏ ।

**ପିପରମେଣ୍ଟ ଟି–** ଏହା ପ୍ରତ୍ୟକ୍ଷଭାବେ ମେନୋପଜ୍ ପାଇଁ ଉପକାରୀ ନହେଲେ ମଧ୍ୟ ଆମର ଷ୍ଟ୍ରେସ ଲେବଲ୍‌କୁ କମାଇବାରେ ସହାୟକ ହୋଇଥାଏ । ଏହା କାରଣରୁ ନିଦ ଠିକ୍ ଭାବେ ହୋଇଥାଏ, ଯାହା ମେନୋପେଜ୍ ସମସ୍ୟାକୁ ନିୟନ୍ତ୍ରଣରେ ସହାୟତା ପ୍ରଦାନ କରିଥାଏ ।

## ତରଳୁଛି ଗ୍ଲେସିଅର୍

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ପୁରା ବିଶ୍ୱର ଚିନ୍ତାର କାରଣ ସାଜିଛି । ଏହି ଜଳବାୟୁ ପରିବର୍ତ୍ତନ କାରଣରୁ ଧୀରେଧୀରେ ଗ୍ଲେସିଅର୍ ତରଳିବାରେ ଲାଗିଛି । ଯାହା ପରିବେଶବିତ୍ ମାନଙ୍କର ଚିନ୍ତା ବଢାଇଛି । ନିକଟରେ ଏକ ରିପୋର୍ଟ ଅନୁସାରେ ବିଶ୍ୱର ସବୁଠାରୁ ବଡ ଗ୍ଲେସିଅର ଆଣ୍ଟାର୍କଟିକାର ଡୁମ୍‌ସଡେ ଗ୍ଲେସିଅର୍‌ରୁ ବର୍ତ୍ତମାନ ସୁଦ୍ଧା ୫୦ ବିଲିଅନ ଟନ୍‌ର ବରଫ ତରଳିସାରିଛି । ଏହି ଗ୍ଲେସିଅର୍‌ରେ ପ୍ରତିବର୍ଷ ସ୍ନୋଫଲ୍‌ରେ ଯେତିକି ବରଫ ଏକାଠି ହେଉଛି ତାଠାରୁ ବହୁତ ଅଧିକ ବରଫ ତରଳିବାରେ ଲାଗିଛି । ତେବେ ବୈଜ୍ଞାନିକଙ୍କ ମତରେ ଏହି ବରଫ ତରଳିବା ବର୍ତ୍ତମାନ ଆରମ୍ଭ ହୋଇ ନାହିଁ, ଏହା ପାଖାପାଖି ୮୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଛି । ଗବେଷକଙ୍କ ତଥ୍ୟ ଅନୁସାରେ ୧୯୪୦ରେ ଏହି ବରଫ ତରଳିବା ଆରମ୍ଭ ହୋଇଥିବା ସୂଚନା ରହିଛି । ଏହି ଗ୍ଲେସିଅର ତରଳିବା ପଛରେ ବୈଜ୍ଞାନିକମାନେ ଇଆଇ ନିନୋ କ୍ଲାଇମେଟ୍ ପାର୍ଟନ୍‌କୁ ଦାୟୀ କରିଛନ୍ତି । ଯେଉଁ କ୍ଲାଇମେଟ୍ ପଶ୍ଚିମ ଆଣ୍ଟାର୍କଟିକାକୁ ଅତ୍ୟଧିକ ଗରମ କରିବାରେ ଲାଗିଛି, ଯାହାଫଳରେ ଏତେ ପରିମାଣରେ ଗ୍ଲେସିଅର୍ ତରଳୁଛି । ତେବେ ଇଆଇ ନିନୋ କ୍ଲାଇମେଟ୍ ପାର୍ଟନ୍ ଅଳ୍ପ ବର୍ଷ ପାଇଁ ରହିଥାଏ, ହେଲେ ଗ୍ଲେସିଅର ତରଳିବା ଥରେ ଆରମ୍ଭ ହେଲେ ଏହି ପ୍ରକ୍ରିୟା ଜାରି ରହିଥାଏ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



## ଧ୍ୟାନବୀରାସନ

ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ସିଧା ବସିପଡ଼ନ୍ତୁ । ଏହାପରେ ଗୋଡ଼ ଦୁଇଟିକୁ ସାମନା ପଟକୁ ଲମ୍ବାନ୍ତୁ । ବର୍ତ୍ତମାନ ବାମ ଗୋଡ଼କୁ ଫଟୋରେ ଥିବା ଭଳି ଡାହାଣ ପଟେ ଏବଂ ଡାହାଣ ଗୋଡ଼କୁ ବାମ ପଟକୁ ଛନ୍ଦୁରେଇ ଦିଅନ୍ତୁ । ଏହି ସମୟରେ ଯେମିତି ଆପଣଙ୍କ ଦୁଇଗୋଡ଼ ଫଟୋ ଭଳି ଆଣ୍ଠୁ ମଝିରେ ଉପରତଳ ହୋଇ ରହୁଥିବ । ଏହି ପୋଜ୍‌ରେ ଆଖି ବନ୍ଦ କରି ମୁଣ୍ଡ, କାନ୍ଧ ଓ ପିଠିକୁ ସିଧା ରଖନ୍ତୁ ।

### ଉପକାର

- ଜଙ୍ଘକୁ ପ୍ରସାରିତ କରିବାରେ ସହାୟକ ହେବ ।
- ପାଚନ ପ୍ରକ୍ରିୟା ଉନ୍ନତ ହେବ ।
- ମସଲ୍ କ୍ରାମ୍ପ୍ ଦୂର ହେବା ସହିତ ଗୋଡ଼ ମାଂସପେଶୀ ଶକ୍ତ ହେବ ।
- ଏକାଗ୍ରତା ସହିତ ସ୍ମରଣଶକ୍ତି ଉନ୍ନତ କରିବ ।



## ସଡକ୍ ପାଇଁ କିଛି ବି



ଏହିଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ଟ୍ରାଭେଲ କରିବାକୁ ଭଲ ପାଇଥାଆନ୍ତି । ଦୁନିଆରେ ଏଭଳି ଅନେକ ଲୋକ ମିଳିବେ ଯେଉଁମାନଙ୍କ ନାଁ ଟ୍ରାଭେଲ୍‌ର ବିଭିନ୍ନ ରେକର୍ଡରେ ସାମିଲ ରହିଛି । ସେହିଭଳି ଏକ ନାଁ ହେଲା ପଞ୍ଜାବର ଜସମିତ୍ ସିଂ, ଯିଏ ୪୦ ଦିନରେ ୧୯୦୦୦ କିମି ବୁଲିଛନ୍ତି , ତାହା ପୁଣି ନିଜ ଚାରିଚକିଆରେ । ସ ଏହି ଯାତ୍ରା ପାଇଁ ପାଖାପାଖି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି । ଟ୍ରାଭେଲ୍ ତାଙ୍କୁ ପିଲାଦିନୁ ପସନ୍ଦ । ତେଣୁ ତାଙ୍କର ଏକ ଡ୍ରିମ ଥିଲା କାରରେ ବିଶ୍ୱର ଅନେକ ସ୍ଥାନ ବୁଲିବା, ଯାହାକୁ ସେ ବର୍ତ୍ତମାନ ପୂରଣ କରିଛନ୍ତି । ସେ ଏହି ରୋଡ ଟ୍ରିପ୍ ପାଇଁ ପାଖାପାଖି ୨ ବର୍ଷରୁ ଅଧିକ ଦିନ ଧରି ଯୋଜନା କରିଥିଲେ । ସେ ତାଙ୍କର ଯାତ୍ରା କାନାଡାରୁ ଆରମ୍ଭ କରି ଭାରତରେ ସାରିଛନ୍ତି । ତାଙ୍କର ଏହି ଯାତ୍ରା ପାଇଁ ତାଙ୍କୁ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ମିଳିଛି । ଟ୍ରାଭେଲକୁ ଭଲ ପାଉଥିବା ଲୋକମାନଙ୍କ ପାଇଁ ଜସମିତ୍ ବର୍ତ୍ତମାନ ପ୍ରେରଣା ପାଲଟିଛନ୍ତି ।

## ପର୍ସନାଲ ସ୍ପେସ

ଆଜିକାଲିର ଜେନ୍ ଜେଡ୍‌ଙ୍କୁ ସବୁବେଳେ ପର୍ସନାଲ ସ୍ପେସ୍ ବିଷୟରେ କଥା ହେଉଥିବାର ଦେଖିବାକୁ ମିଳୁଛି । ସେମାନଙ୍କ ଏହି ଟର୍ମର ଗୁରୁତ୍ୱ ଢେର ଅଧିକ । ତେବେ ଏହି ପର୍ସନାଲ ସ୍ପେସ ଅର୍ଥ ନିଜ ପାଇଁ ସମୟ । ପର୍ସନାଲ ସ୍ପେସ କାରଣରୁ ସେମାନଙ୍କୁ ଇମୋସନାଲି ଓ ମେଣ୍ଟାଲି ଶାନ୍ତି ମିଳିଥାଏ ବୋଲି ବିଭିନ୍ନ ସମୟରେ ମତ ପ୍ରକାଶ ପାଇଥାଏ । ଗୋଟିଏ ସ୍ଥାନରେ ଜଣେ ବ୍ୟକ୍ତିଙ୍କର ଫିଜିକାଲି ପ୍ରେଜେନ୍ସ ଯେତିକି ଆବଶ୍ୟକ, ମେଣ୍ଟାଲି ପ୍ରେଜେନ୍ସର ମଧ୍ୟ ସେତିକି ଆବଶ୍ୟକତା ରହିଛି । ତେଣୁ ଓଭରାଲ ମେଣ୍ଟାଲ ହେଲ୍‌ଥ ପାଇଁ ମେଣ୍ଟାଲ ସ୍ପେସ୍‌ର ଆବଶ୍ୟକତା ରହିଛି । ପର୍ସନାଲ ସ୍ପେସ୍ ସବୁବେଳେ ମେଣ୍ଟାଲ ହେଲ୍‌ଥକୁ ରେଗୁଲେଟ୍ କରିବାରେ ସହାୟତା କରିଥାଏ । ଯେତେବେଳେ ଆମେ କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ରହିଥାଉ, ସେହି ସମୟରେ ପର୍ସନାଲ ସ୍ପେସ୍ ବା ଏକା ରହିବା ଦ୍ୱାରା ଏହା ଉପରେ ଆମେ ଅଧିକ ଶାନ୍ତିରେ ଭାବିପାରୁ, ଯାହା ଦ୍ୱାରା ଆମର ଦ୍ୱନ୍ଦ୍ୱ ଦୂର ହୋଇଥାଏ । ପର୍ସନାଲ ସ୍ପେସ କାରଣରୁ ଜଣେ ବ୍ୟକ୍ତି ନିଜ ସୋଲ୍ ସହିତ ସହଜରେ କନେକ୍ଟ ହୋଇପାରେ, ଯାହା ତାର ଆତ୍ମବିଶ୍ୱାସ ବଢାଇଥାଏ । ସେହିଭଳି ତାର ଟାଲେଣ୍ଟ୍‌କୁ ବଢିବାରେ ମଧ୍ୟ ପର୍ସନାଲ ସ୍ପେସ୍ ସାହାଯ୍ୟ କରିଥାଏ । କ୍ରିଏଟିଭିଟି ବଢିବାରେ ମଧ୍ୟ ପର୍ସନାଲ ସ୍ପେସ ସାହାଯ୍ୟ କରିଥାଏ । ତେଣୁ ପର୍ସନାଲ ସ୍ପେସର ଅନେକ ଫାଇଦା ଥିବାରୁ ଏହା ରଖିବା ଉପକାର ହୋଇଥାଏ ।



## ୫ମିନିଟ୍‌ରେ ନିଷ୍ପତ୍ତି



ପରୀଣିତି ଚୋପ୍ରା ଓ ରାଘବ ଚଢାଙ୍କ ବିବାହ ଖୁବ ଚର୍ଚ୍ଚା ସାଉଁଟିଥିଲା । ଉଭୟଙ୍କର ପ୍ରେମକୁ ନେଇ ସବୁବେଳେ ଚର୍ଚ୍ଚା ମଧ୍ୟ ହୋଇଥାଏ । ନିକଟରେ ପରୀଣିତି ନିଜ ପ୍ରେମକୁ ନେଇ ଦେଇଥିବା ଷ୍ଟେଟମେଣ୍ଟ ଭାଇରାଲ ହେବାରେ ଲାଗିଛି । ରାଘବଙ୍କୁ ସେ ମାତ୍ର ପାଞ୍ଚ ମିନିଟ୍‌ରେ ଜୀବନସାଥୀ ଭାବେ ଚୟନ କରିଥିଲେ ବୋଲି ଏକ ସାକ୍ଷାତକାରରେ ପରୀ ପ୍ରକାଶ କରିଛନ୍ତି । ଯେତେବେଳେ ସେ ପ୍ରଥମଥର ପାଇଁ ପରୀଙ୍କୁ ଦେଖାହୋଇଥିଲେ ସେତେବେଳେ ସେ ମାତ୍ର ପାଞ୍ଚ ମିନିଟ୍‌ରେ ରାଘବଙ୍କୁ ବିବାହ କରିବା ନେଇ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି । ସବୁବେଳେ ତାଙ୍କ ମା’ ତାଙ୍କୁ ଏ ବିଷୟରେ କହିଥାଆନ୍ତି କି ଖୁବ କମ ସମୟରେ ଜୀବନ ସାଥୀଙ୍କ ବିଷୟରେ ଜଣା ପଡିଯାଇଥାଏ । ଯାହା ପରୀ ରାଘବଙ୍କୁ ଦେଖିବାପରେ ଫିଲ କରିଥିବା ପ୍ରକାଶ କରିଛନ୍ତି । ନିକଟରେ ପରୀଙ୍କୁ ଅମର ସିଂ ଚମକିଲା ଫିଲ୍ମରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ ପ୍ରଶଂସା କରିଛନ୍ତି ।







ନବରଙ୍ଗପୁର, ଡାବୁଗାଁ, ଉମରକୋଟ ଓ ଝରିଗାଁରେ କାର୍ତ୍ତିକ ପାଣ୍ଡିଆନ୍ ବିଜେଡି ଲାଗି ଜୋରଦାର ପ୍ରଚାର କରୁଛନ୍ତି ।

# ଲଢ଼ିବାକୁ ପ୍ରସ୍ତୁତ ହେଲେ ସୋଫିଆ

## ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ସାଙ୍ଗଠନିକ ବୈଠକରେ କର୍ମୀଙ୍କୁ ଦେଲେ ଉଦ୍‌ବୋଧନ

କଟକ (ପ୍ରଫୁଲ୍ଲ ମହାନ୍ତି) ବିଜୁ ଜନତା ଦଳର ପ୍ରାର୍ଥୀ ଙ୍କୁ ଟକ୍କର୍ ଦେବାକୁ ବାରବାଟୀ କଟକ ବିଧାନସଭା କ୍ଷେତ୍ରରେ ପୁଣି ସଜାଗ ହେଲେଣି ବିଧାୟକ ମୋକିମଛ ଅପବାଦର ବୋଝ ମୁଣ୍ଡାଇ ର୍ନିବାଚନ ଲଢ଼ିବାକୁ ସେ ଯଦିଓ ଯୋଗ୍ୟ ନୁହଁନ୍ତି ବୋଲି ଅଦାଲତ ସ୍ପଷ୍ଟ କରିଥଲ । ତଥାପି ନିଜ ଝିଅ କୁ ର୍ନିବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇବାକୁ ଫୁଲ ଦମ୍ ରେ କର୍ମୀ ମାନଙ୍କର ସହଯୋଗ ଲୋଡ଼ି ଆଗକୁ ମାଡ଼ିଚାଲିଛନ୍ତି । ଦୁଇ ଦିନ ତଳେ ଦିନ ତମାମ ତାଙ୍କର ଆବାସିକ କାର୍ଯ୍ୟାଳୟର ଝିଅ ଶୋଫିଆ ର୍ଫିଦୋଷଙ୍କ ସପକ୍ଷରେ କର୍ମୀମାନଙ୍କ ଅନୁକମ୍ପା ହାସଲ କରିବାରେ ସକ୍ଷମ ହୋଇଥିଲେ ମୋକିମ ବାବୁ । ସୋଫିଆ ପ୍ରଥମେ କୌଣସି ଉତ୍ତର ରଖି ନ ଥିବା ବେଳେ ଦ୍ୱିତୀୟର୍ଦ୍ଧେରେ ହାଇକମାଣ୍ଡଙ୍କ ନିଷ୍ପତ୍ତି ଓ ଉପସ୍ଥିତ ଛାମୁଆ ନେତାଙ୍କ ଆଶୀର୍ବାଦ ହେଲେ ସେ ନିଶ୍ଚୟ ଲଢ଼ିବେ ବୋଲି କହିଥିଲେ । ଗୁରୁବାର ସେଲ୍ଟାର ଛକ ସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ଏକ ସାଙ୍ଗଠନିକ ବୈଠକ ବିଧାୟକ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ସାଧାରଣ ନିର୍ବାଚନରେ କିପରି ପୁଣି ଥରେ କଂଗ୍ରେସ ବିଜୟ ଲାଭ କରିବ ସେଥିପାଇଁ ୱାର୍ଡ ଓ ବୁଥ ସ୍ତରରେ କିପରି ସଂଗଠନକୁ ଆହୁରି ସୁଦୃଢ କରାଯିବ ଏବଂ କିପରି ଭାବେ ଅଧିକରୁ ଅଧିକ ଯୁବକ, ମହିଳାମାନେ ସଙ୍ଗଠନରେ ଯୋଡ଼ି ହେବେ ସେଥିପାଇଁ ତଳ ସ୍ତରକୁ ଯାଇ ଲୋକମାନଙ୍କ ସହିତ କାମ କରିବାକୁ ଶ୍ରୀ ମୋକିମ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଘରକୁ ଘର ଯାଇ ଲୋକମାନଙ୍କ ସହିତ ସଂପର୍କ ସ୍ଥାପନ କରିବା ସହିତ କଟକ ସହରରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ



ବିଧାୟକ ଉନ୍ନୟନ ପାଣ୍ଠିରୁ ଯେଉଁ ସବୁ ଜନ କଲ୍ୟାଣ କାର୍ଯ୍ୟମାନ କରାଯାଇଛି ତାହାକୁ ଲୋକମାନଙ୍କ ପାଖରେ ପହଞ୍ଚେଇବାକୁ ଶ୍ରୀ ମୋକିମ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ବୈଠକରେ ପ୍ରଥମ ଥର ସୋଫିଆ ର୍ଫିଦୋଷ ଯୋଗଦେଇ କିପରି ଆଗାମୀ ନିର୍ବାଚନରେ କଂଗ୍ରେସ ପୁଣି ବାରବାଟୀ-କଟକ ଆସନକୁ ବଜାୟ ରଖିବ ସେଥିପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ କହିଥିଲେ । ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇ କିପରି ପୁଣି ଥରେ ଆଗାମୀ ର୍ନିବାଚନରେ କଂଗ୍ରେସକୁ ବିଜୟ କରାଯିବ ସେଥିପାଇଁ ସଂକଳ୍ପ ନେବାକୁ କହିଥିଲେ । ଏଥିରେ ବରିଷ୍ଠ କଂଗ୍ରେସ ନେତା ମଜୀଦ ଖାନ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ,ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ଜେ କାମେଶ୍ୱର ରାଓ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଚାରୁଲତା ସାହୁ, ଅନିତା ନାୟକ, ଗୌରୀ ଦାସ, କଂଗ୍ରେସ ନେତା କିଶୋର କୁମାର କର,ଶରତ ଚନ୍ଦ୍ର ଶେଠୀ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା,ବିକି ଚକ୍ରବର୍ତ୍ତୀ, ଇର୍ସାଦ ଖାନ, ସନ୍ତୋଷ ପାତ୍ର, ଅମ୍ରିତା ଦାସ, ଟୁକୁନା ସେନାପତି, ନିତ୍ୟାନନ୍ଦ ରାଉତରାୟ, ଡ ସନ୍ତୋଷ ବଳ,ଦେବୀ ପ୍ରସନ୍ନ ମହାପାତ୍ର, ଦିଲ୍ଲୀପ ମହାନ୍ତି, ରଶ୍ମୀ ରଞ୍ଜନ ମିଶ୍ର, ରବୀନ୍ଦ୍ର ସାହୁ,ଲକ୍ଷ୍ମୀପ୍ରକାଶ ମହାପାତ୍ର, ମୀର ମୁଜାଫର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ ।

# ଗଞ୍ଜେଇ ମାଫିଆ ରାହୁଲଙ୍କୁ ୩ ଦିନ ରିମାଣ୍ଡ

ଭୁବନେଶ୍ୱର, (ସବ୍ୟୁ) : ଗଞ୍ଜେଇ ମାଫିଆ ରାହୁଲ ସେଠୀକୁ ୩ ଦିନ ରିମାଣ୍ଡରେ ନେବ କମିଶନରେଟ୍ ପୋଲିସର ସ୍ପେସିଆଲ କ୍ରାଇମ୍ ୟୁନିଟ୍ । ରାହୁଲଙ୍କୁ ଝାରପଡ଼ା ସ୍ପେସିଆଲ ଜେଲ୍ ସାମ୍ନାରୁ ଗିରଫ କରିଥିଲା ସ୍ପେସିଆଲ କ୍ରାଇମ୍ ୟୁନିଟ୍ ।

ରାହୁଲ ସେଠୀ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ । ସେ କୋଲକାତାକୁ ୩ କୁଇଣ୍ଟାଲ ଗଞ୍ଜେଇ ଚାଲାଣ କରୁଥିବାବେଳେ ୩ ଜଣଙ୍କୁ ଗିରଫ କରିଥିଲା ପୋଲିସ୍ । ରାହୁଲ ସମ୍ପର୍କରେ ସେମାନଙ୍କ ଠାରୁ ସୂଚନା ପାଇଥିଲା ପୋଲିସ୍ । ଜେଲ୍‌ରେ ଥିବା ଅଭିଯୁକ୍ତମାନଙ୍କୁ ସେ ଦେଖା କରିବାକୁ ଆସିଥିବାବେଳେ ସୂଚନା ପାଇ କ୍ରାଇମ୍ ୟୁନିଟ୍ ତାକୁ ଗିରଫ କରିବାରେ ସମର୍ଥ ହୋଇଥିଲା । ଅଧିକ ତଥ୍ୟ ଜାଣିବା ପାଇଁ ମାଫିଆ ରାହୁଲ ସେଠୀକୁ ୩ ଦିନ ରିମାଣ୍ଡରେ ନେବାପାଇଁ ଅଦାଲତ ଅନୁମତି ଦେଇଛନ୍ତି । ରାହୁଲଙ୍କୁ ରିମାଣ୍ଡ ଅବଧି ସମୟରେ ସ୍ପେସିଆଲ ଜେରା କରାଯିବା ପରେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ବହୁ ଗୁପ୍ତ ରହସ୍ୟ ପୋଲିସ ଜାଣିପାରିବ ବୋଲି ଜଣେ ଅଫିସର କହିଛନ୍ତି ।

## ଡାବୁଗାଁ ଓ ନବରଙ୍ଗପୁରରେ ପାଣ୍ଡିଆନଙ୍କ ପ୍ରଚାର

# ବିଶାଳ ଜନସମୁଦ୍ର ଦେଖି ବିରୋଧୀ ଆତ୍ମବିଶ୍ୱାସ ହରେଇ ବସିଲେଣି

ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଡାବୁଗାଁ ଓ ନବରଙ୍ଗପୁର ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ ଓ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ୯୦ ପ୍ରତିଶତ ଭୋଟିଂ କରି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ । ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଏ ବିଶାଳ ଜନସମୁଦ୍ର ଦେଖି ବିରୋଧୀଙ୍କ ନିଦ ହଜିଛି । ସେମାନେ ଆତ୍ମବିଶ୍ୱାସ ହରେଇ ବସିଲେଣି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣଙ୍କ ସ୍ନେହ ଶ୍ରଦ୍ଧା ଦେଖି ବିରୋଧୀ ବାଚାଳ ହେଲେଣି ।

ବିରୋଧୀଙ୍କୁ ନିଶାଣ କରି ସେ କହିଲେ ଯେ ଦିନେ ନ ଶୋଇଲେ ମୁଣ୍ଡ ବିନ୍ଧେ, ଦୁଇ-ତିନି ଦିନ ନିଦ ନ ହେଲେ ମୁଣ୍ଡ ବୁଲାଇବା ଆରମ୍ଭ କରେ । କିନ୍ତୁ ବର୍ଷେ ଦି ବର୍ଷ ନ ଶୋଇଲେ ଜାଣିଛନ୍ତି କଣ ହୁଏ ? ବାଚାଳାମୀ ଆରମ୍ଭ ହୁଏ । ପଞ୍ଚାୟତ ନିର୍ବାଚନରେ ଆମେ ସବୁ ଜିଲ୍ଲାରେ ଜିତିଲୁ । ସେବେଠାରୁ ବିରୋଧୀଙ୍କ ଆଖିରେ ନିଦ ନାହିଁ । ତେଣୁ ସେମାନେ ବାଚାଳ ହୋଇ ମିଛ ଗପୁଛନ୍ତି, ଏଣୁତେଣୁ ଗପୁଛନ୍ତି ।

ମୁଖ୍ୟମନ୍ତ୍ରୀ ଜାଣନ୍ତି ଯେ



ପରିବାରର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଆପଣଙ୍କ ପିଲା ଡାକ୍ତର, ଇଞ୍ଜିନିୟର, ଅଫିସର ହେଲେ ଆପଣଙ୍କର ଉନ୍ନତି ହେବ, ଆପଣଙ୍କ ପରିବାରର ଉନ୍ନତି ହେବ, ଓଡିଶା ତଥା ଦେଶର ଉନ୍ନତି ହେବ । ତେଣୁ ସେ ସ୍କୁଲ କଲେଜ ହଷ୍ଟେଲ କରି ଶିକ୍ଷାର ବିକାଶ କରୁଛନ୍ତି । ଓଡିଶାରେ ଦେଶର ସବୁଠାରୁ ଅଧିକ ହଷ୍ଟେଲ ନିର୍ମାଣ କରାଯାଇଛି । ୫-ଟି ଜରିଆରେ ସ୍କୁଲ କଲେଜର ରୂପାନ୍ତରଣ ହୋଇଛି । ଜନଜାତି ପିଲାଙ୍କୁ ଡବଲ ସ୍କଲାରସିପ୍ ମିଳୁଛି । ପୋଷ୍ଟ ମାଟ୍ରିକ ଏବଂ ନୂଆ-ଓ । ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦୁଇଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି । ଅନ୍ୱେଷା ହଷ୍ଟେଲରେ ଜନଜାତି ପିଲାମାନେ ଇଂରାଜୀରେ କଥା ହେଉଛନ୍ତି । ବିରୋଧୀ ଦଳକୁ ଟାର୍ଗେଟ କରି ସେ ପୁଣି କହିଲେ ଯେ ଭୋଟ ପରେ ବିରୋଧୀଙ୍କ ଦେଖା ମିଳିବ ନାହିଁଛ ବଡ ବଡ କଥା କହି ପଳେଇବେ । କିନ୍ତୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପୂରଣ କରୁଛନ୍ତି । କାମର ଗୋଟି ଗୋଟି ହିସାବ ଦେଉଛନ୍ତି । ଆମେ ସମସ୍ତେ ହିସାବ ଦେଉଛୁ । ନବରଙ୍ଗପୁରର ବିକାଶ ପାଇଁ ୧୯୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ । ଡାବୁଗାଁରେ ୭୦ କୋଟି ଟଙ୍କାର କାମ ଚାଲିଛି ।

ଡାବୁଗାଁ ନିର୍ବାଚନମଣ୍ଡଳୀରେ ଚାଲୁଥିବା ବିକାଶ କାମର ହିସାବ ଦେଇ ସେ କହିଲେ ଯେ କୋଷାଗୁମୁଡା ଭାୟା ମୋଟିଗାଁ ଓ କୋଟାଗାଁ ଦେଇ ମଧ୍ୟପ୍ରଦେଶ ସୀମା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରମ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଛି । ପାପଡାହାଣ୍ଡି-କୁଡିଗାଁ-କୋଷାଗୁମୁଡା ରାସ୍ତା ପାଇଁ ୪୫ କୋଟି ଟଙ୍କା । ଡାବୁଗାଁ-ଉମରହାଣ୍ଡି ରାସ୍ତାରେ ଅଙ୍ଗୀ ନଦୀ ଉପରେ ସେତୁ ପାଇଁ ୯.୬୦ କୋଟି ଟଙ୍କା । ଘଉ ରୋଡ-ଏକୋରୀ ରାସ୍ତାର ସ୍ଥାନୀୟ ନାଳ ଉପରେ ସେତୁ ପାଇଁ ୮.୬୦ କୋଟି ଟଙ୍କାଛ ବିଭିନ୍ନ ମଠ ମନ୍ଦିର, ପୂଜାସ୍ଥଳୀ ଓ ଧାର୍ମୀକ ଅନୁଷ୍ଠାନର ସଂରକ୍ଷଣ ଓ ସୁରକ୍ଷା ପାଇଁ ୩.୭୦ କୋଟି ଟଙ୍କାଛ ଡାବୁଗାଁର ୮୦ ହଜାର ହିତାଧିକାରୀ ଇଗରଣ୍ଡରେ ସାମିଲ ହୋଇଛନ୍ତି । ମେଡେନାର ରାଜୁ ଖାଁ ୫ ଲକ୍ଷ ଓ ଖୁଟୁବାଇର ବିମଳା ମେହେଟା ୫ ଲକ୍ଷ ଟଙ୍କା ଜରିଆରେ ଉପକୃତ ହୋଇଛନ୍ତି । ସେହିପରି ନବରଙ୍ଗପୁରରେ କାମର ହିସାବ ସେ ଦେଇଥିଲେ ।

**୯୦ ପ୍ରତିଶତ ଭୋଟରେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ**

**ଜନଜାତି ସଶକ୍ତ ହେଲେ ଓଡିଶା ସଶକ୍ତ ହେବ**

**ନବରଙ୍ଗପୁରରେ ଚାଲିଛି ୧୯୫୦ କୋଟି ଟଙ୍କାର ବିକାଶ କାମ**

# ପରାଜୟ ଭୟରେ ବାଚାଳାମୀ ଆରମ୍ଭ କରିଛନ୍ତି ଓଡିଶା ବିଜେପି ନେତା : ବିଜେଡି

ଭୁବନେଶ୍ୱର (ସବ୍ୟୁ): ଓଡିଶା ବିଜେପି ନେତାମାନେ ଜାଣିଗଲେଣି, ୨୦୧୯ରେ ଯେଉଁଭଳି ହାରିଥିଲେ, ତାଠାରୁ ଆହୁରି ଦୟନୀୟ ଭାବେ ୨୦୨୪ରେ ହାରିବାକୁ ଯାଉଛନ୍ତି । ଯେଉଁଥିପାଇଁ ରାଜ୍ୟ ନେତାଙ୍କ ମୁଣ୍ଡ କାମ କରୁନି, ଆଉ ବାଚଳାମୀ ଆରମ୍ଭ କରିଥିବା କହିଛନ୍ତି ବିଜେଡି ସାଂସଦ ସୁଲତା ଦେଓ ।



ଶ୍ରୀମତୀ ଦେଓ ଗଣମାଧ୍ୟମକୁ କହିଛନ୍ତି ଯେ ଓଡିଶା ବିଜେପିର ଫେକ୍ ନ୍ୟୁଜ୍ ଫ୍ୟାକ୍ଟ୍ରୀରୁ ଯାହା କିଛି ମିଛ, ବିଭ୍ରାନ୍ତକାରୀ, ଭିତିହୀନ ଆଉ ନିରାଧାର କଥା ଲେଖିକି ଦିଆଯାଏ, ତାକୁ ନେତା ଆସି ଗଣମାଧ୍ୟମ ସାମ୍ନାରେ ପଢିଥାନ୍ତି । ସମୀର ମହାନ୍ତି, ଓଡିଶା ବିଜେପିର ସଭାପତି ଥିବା ସମୟରେ ପଞ୍ଚାୟତ ନିର୍ବାଚନରେ ଦଳ ଅତି ଶୋଚନୀୟ ଭାବେ ହାରିଥିଲା । ଯେଉଁଥିପାଇଁ ତାଙ୍କୁ ଦଳର ସଭାପତି ପଦରୁ ନିନ୍ଦିତ, ଅପମାନିତ କରି ହଟାଇ ଦିଆଯାଇଥିଲା ।

ଏହି ଶକ୍ତ ଧକ୍କାରୁ ସେ ଏପର୍ଯ୍ୟନ୍ତ ମୁକୁଳିନାହାନ୍ତି । ତେଣୁ ତାଙ୍କୁ ଯାହା ଲେଖିକି ଦିଆଗଲା, ତାକୁ ଘୋଷା ଶୁଆ ଭଳି ଗାଇ ଦେଇଯାଉଛନ୍ତି । ଶୋଚନୀୟ ଭାବେ ନିର୍ବାଚନ ହାରିବା କଥା ଜାଣିବାରୁ ଓଡିଶା ବିଜେପି ଏଭଳି ସୁଆଙ୍ଗ ରଚିବା କିଛି ନୂଆ କଥା ନୁହେଁ। ଅତୀତରେ ମଧ୍ୟ ଓଡିଶାବାସୀ ଏହାର ଉଚିତ୍ ଜବାବ ଦୋଇଛନ୍ତି, ଏହି ନିର୍ବାଚନରେ ମଧ୍ୟ ଦେବେ ବୋଲି ଶ୍ରୀମତୀ ଦେଓ କହିଛନ୍ତି ।

**ଫେକ୍ ନ୍ୟୁଜ ଫ୍ୟାକ୍ଟ୍ରୀରୁ ଆସୁଥିବା ଲେଖା ପଢୁଛନ୍ତି**

**ଆସନ୍ନ ପରାଜୟ ଦେଖି ନୂଆ ନୂଆ ସୁଆଙ୍ଗ ରଚୁଛନ୍ତି**

# ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ କରୁଛି ବିଜେପି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ସାଧାରଣ ନିର୍ବାଚନ ହେଉଥିବାରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । କିନ୍ତୁ ବିଭିନ୍ନ ସମୟରେ ପ୍ରାର୍ଥୀମାନେ ଏହାକୁ ଠିକ୍ ଭାବେ ପାଳନ କରୁନଥିବା ଅଭିଯୋଗ ଉଠିଛି । ଗତ ୨୧ ତାରିଖରେ ଯାଜପୁର ଜିଲ୍ଲା ଯାଜପୁର ସଂସଦୀୟ କ୍ଷେତ୍ର ରସୁଲପୁର ବ୍ଲକ୍‌ର ବାଲିପାଟଣା ଗୋପୀନାଥ ଜୀଉ ପ୍ରାଥମିକ ସ୍କୁଲରେ ଅନଧିକାର ଭାବେ ସ୍ଥାନୀୟ ଯାଜପୁର ସାଂସଦ ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ନିଜେ ବିଜେପି ଉତ୍ତରୀୟ ପିନ୍ଧି ଆୟୋଜିତ ଏକ ଶୋକସଭାରେ ଯୋଗଦାନ କରିଥିଲେ । ଏହା ସହିତ ବୈଠକରେ ଅଂଶ ଗ୍ରହଣ କରିଥିଲେ । ଯେଉଁ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ ।

ଏହାକୁ ନେଇ ପ୍ରତିବାଦ କରିଛି ବିଜେଡି । ଶୁକ୍ରବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ସାଂସଦ ପ୍ରାର୍ଥୀ ଶ୍ରୀ ବେହେରା ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ କରାଯାଇ ଶ୍ରୀ ବେହେରାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପ୍ରକାଶ ଥାଉ କି, କିଛିଦିନ ପୂର୍ବରୁ ସମ୍ବଲପୁରଠାରେ ସେଠାକାର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଧ ଏନ୍‌ସିସି ଅଫିସରେ ପ୍ରବେଶ କରି



କ୍ୟାଡେଟ୍‌ମାନଙ୍କ ସହିତ ସଭା କରି ଆଦର୍ଶ ଆଚରଣବିଧିର ଖୋଲାଖୋଲି ଉଲ୍ଲଙ୍ଘନ କରିଥିଲେ । ଉଭୟ ଅଭିଯୋଗ ଉପରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓ ଙ୍କ ଦୃଷ୍ଟିକୁ ଅଣାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି । ଅଭିଯୋଗ କରିବାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମଧୁସ୍ମିତା ନାୟକ, ମିହିର ରାୟ, ପ୍ରିୟବ୍ରତ ମାଝୀ, ତୃପ୍ତନାଥ ପଣ୍ଡା ପ୍ରମୁଖ ସାମିଲ ଥିଲେ ।

## ଅନୁଗୋଳ ଓ ଛେଣ୍ଡିପଦାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରଚାର

# କ୍ରୀତଦାସ ନୁହେଁ, ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ଅଛି ମୋର ବିଶ୍ୱାସ

ଭୁବନେଶ୍ୱର (ସବ୍ୟୁ): ଦୀର୍ଘ ୨୫ ବର୍ଷର ଅପାରଗ ଓ ସ୍ଥାଣୁ ସରକାରରେ ଅନେକ କ୍ରୀତଦାସ ହେବାକୁ ପସନ୍ଦ କରୁଛନ୍ତି । ମୋର କିନ୍ତୁ କ୍ରୀତଦାସ ହେବାର ପସନ୍ଦ ନାହିଁ । ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ମୋର ଅଗାଢ ବିଶ୍ୱାସ ଅଛି ବୋଲି ଶୁକ୍ରବାର ଅନୁଗୋଳ ଓ ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଦଳ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ତାଙ୍କ ଉପସ୍ଥିତିରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶୋକ ପ୍ରଧାନଙ୍କ ସହ ୨ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ ସମର୍ଥକମାନେ ଦଳରେ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ଭରସା କରି ଦଳରେ ଯୋଗ ଦେଇଥିବାରୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣ ପର୍ବ ଅନୁଗୋଳ ସମେତ ଓଡ଼ିଶାରେ 'ବିଜେପିର ବିଜୟ ସଂକଳ୍ପ' ଯାତ୍ରାକୁ ସୁଦୃଢ଼ କରିବ ବୋଲି କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗତ ୨୫ ବର୍ଷର ଶାସନରେ ଶାସନରେ ଓଡ଼ିଶାର ବିକାଶ



ଅପରିବର୍ତ୍ତିତ ରହିଛି । ଓଡ଼ିଶା ଯେଉଁ ମାତ୍ରାରେ ବିକାଶ ହେବା କଥା ସେହି ମାତ୍ରାରେ ହୋଇନାହିଁ । ଏଥିପାଇଁ ଏଠାକାର ଅପାରଗ ସରକାର ଦାୟୀ । ଓଡ଼ିଆ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥରେ ଦରମା ପାଉଥିବା କିଛି ଅସାଧୁ ଅଣଓଡ଼ିଆ କର୍ମଚାରୀ ଆଜି ଓଡ଼ିଶାକୁ ଲୁଟ୍ କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି । ଏଥର ନିର୍ବାଚନ ଓଡ଼ିଶାକୁ ଲୁଟ କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ହେବ । କ୍ରୀତଦାସ ବନାମ ସ୍ୱାଭିମାନର ନିର୍ବାଚନ ହେବ । ଓଡ଼ିଆ ଅସ୍ମିତା ପାଇଁ ନିର୍ବାଚନ ହେବ । ବିଜେଡି ସରକାରରେ ରାଜନୈତିକ ଲୋକମାନେ ଅଣଦେଖା ହୋଇଛନ୍ତି । ଏହାର ଉତ୍ତର ଶାସକ ଦଳ ପାଖରେ ନାହିଁ । ଓଲଟା ଆମେ ବିକାଶ କରିଛୁ ବୋଲି ଗାଲୁ ମାରୁଛନ୍ତି । ଗାଁ ଗଣ୍ଡାରେ ପିଇବା ପାଣି ନାହିଁ । ଜଳସେଚନ ବ୍ୟବସ୍ଥା ନାହିଁ । ସ୍କୁଲରେ ଶିକ୍ଷକ ନାହାନ୍ତି । ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । କାମ ପାଇଁ ଲୋକମାନେ ବାହାରକୁ ଯାଉଛନ୍ତି । ମଦ ନିଶା କାରବାର ବଢୁଛି । ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଛି । ଏହା କ'ଣ ବିକାଶ କି ? କେଉଁଥିରେ ଏମାନେ ୧ ନମ୍ବର ହେବାର ମିଛ ଡିଣ୍ଡିମ ପିଟୁଛନ୍ତି । ଓଡ଼ିଆଙ୍କୁ ଲୁଟ୍ କରିବାରେ ଏମାନେ ୧ ନମ୍ବର । ଓଡ଼ିଶାର ପଇସାକୁ ପକେଟମାର କରିବାରେ ୧ ନମ୍ବର ହୋଇଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗତକାଲି ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶାରେ ବିଜେପିର ସରକାର କରିବା ପାଇଁ ଜନତାଙ୍କୁ ନିବେଦନ କରିଛନ୍ତି । ଓଡିଶାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଅତୁଟ ସମର୍ଥନ ବଢିବାର ଲାଗିଛି । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେପି ସରକାର କରିବ । ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟର ଗୌରବ ବଢାଇବା ପାଇଁ ଭୋଟ୍ ଦେବା ପାଇଁ ସମବେତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ । କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦାରେ ଆୟୋଜିତ ମିଶ୍ରଣ ପର୍ବ ପରେ ସେଠାରେ ମାଆ ଭଉଣୀ ମାନଙ୍କୁ ଖାଦ୍ୟ ପରଷିଥିଲେ ।

# ବିଜେଡ଼ିରେ ଯୋଗଦେଲେ ପିସିସି ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ




ଭୁବନେଶ୍ୱର,(ସବ୍ୟୁ): ବଲାଙ୍ଗିରର ଯୁବନେତା,ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବଲାଙ୍ଗିର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶ୍ରୀ ତ୍ରିପାଠୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡ. ପାତ୍ର ଓ ଶ୍ରୀ ସିଂହଦେଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ବଲାଙ୍ଗିର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡ. ପାତ୍ର ଓ ଶ୍ରୀ ସିଂହଦେଓ କହିଥିଲେ।

ଏହି ମିଶ୍ରଣ ପର୍ବରେ ପ୍ରଫୁଲ୍ଲ କୁମାର ବାଗ, ସୁବ୍ରତ କୁମାର ପଟେଲ, ତିର୍ଥୀରାଜ ସେନାପତୀ, ଗୋପାଳ ଦାନୀ,ଡ଼. ଅର୍ଜୁନ ମୁଗ୍ରୀ, ଯୁବନେତା ଓ ସଂଗଠକ ଗ୍ଲାଡଷ୍ଟୋନ ତାଣ୍ଡି, ସୁରେଶ ମିଶ୍ର, ରାମଧାରୀ ବାରିକ, ଦୟାନିଧି ବିଶି, ଶୁଭକାନ୍ତ ପଟେଲ, ବିଜୟ କୁମାର ସାହୁ, ରାଜକିଶୋର ବାରିକ, ନିଶାରକାନ୍ତ ନାଗ, ରୁଦ୍ର ରଣା, ସମ୍ପତି ବୁଢ଼େକ, ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମି ଗଡତିଆଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚିରଞ୍ଜୀବଙ୍କ ବିଶାଳ ରୋଡ ସୋ

# ପ୍ରଶାନ୍ତ ମୁଦୁଲି ୫୦ ହଜାର ଭୋଟରେ ଜିତିବେ, ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନବୀନ ବାବୁ : ଚିରଞ୍ଜୀବ

ଜଗତସିଂହପୁର (ସବ୍ୟୁ): ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଓ ସାଂସଦ ପ୍ରାର୍ଥୀନୀ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଛନ୍ତି ବରିଷ୍ଠ ବିଜେଡି ନେତା ତଥା ଜଗତସିଂହପୁରର ପୁର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ । ମୁଖ୍ୟମନ୍ତ୍ରୀ ଚିରଞ୍ଜୀବ ବିଶ୍ୱାଳଙ୍କୁ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ସଂଯୋଜକ ଓ ବିଜେଡିର ଷ୍ଟାର କ୍ୟାମ୍ପେନର ଭାବରେ ଦାୟିତ୍ୱ ପ୍ରଦାନ ପରେ ଆଜି ବିଧିବଦ୍ଧ ଭାବରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ଚିରଞ୍ଜୀବ । ଶୁକ୍ରବାର ଅପରାହ୍ଣରେ ହଜାର ହଜାର ବିଜୁ ଜନତା ଦଳର ସମର୍ଥକମାନେ ବିରିଡି ବ୍ଲକ କଇଜଙ୍ଗା ଠାରେ ଜଗତସିଂହପୁରର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି,ସାଂସଦ ପ୍ରାର୍ଥୀନୀ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କଇଜଙ୍ଗା ନିକଟରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଚିରଞ୍ଜୀବ ବିଶ୍ୱାଳଙ୍କ ସମେତ ସମସ୍ତ ନେତୃବୃନ୍ଦ ବାହାରି ରୋଡ ସୋ କରିଥିଲେ । ବରିଷ୍ଠ ନେତା ଚିରଞ୍ଜୀବଙ୍କ ସମର୍ଥକ ଓ ବିଜୁ ଜନତା ଦଳର ସମର୍ଥକମାନଙ୍କ ସହିତ ଏହି ରୋଟ ସୋ ନୂଆପୋଲ ଛକ ପର୍ଯ୍ୟନ୍ତ ଆସିଥିଲା । ସେଠାରେ ଅପେକ୍ଷା କରିଥିବା ଜଗତସିଂହପୁର,ନାଇଗାଁ ବ୍ଲକ ଓ ଜଗତସିଂହପୁର ପୌର ପରିଷଦର ହଜାର ହଜାର ସମର୍ଥକ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିବା ସହିତ ଥାନା ଛକ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୁର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ପରେ ଶୋଭାଯାତ୍ରା ସ୍ଥାନୀୟ ଚର୍ଚ୍ଚିକା ବଜାର ଠାରେ ଆୟୋଜିତ ସଂକଳ୍ପ ସମାବେଶ ପର୍ଯ୍ୟନ୍ତ ଯିବା ପରେ ନେତୃବୃନ୍ଦ ମଞ୍ଚାସିନ ହୋଇଥିଲେ । ପୁର୍ବତନ ବିଧାୟକ ଜ୍ୟୋତିଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଂକଳ୍ପ ସମାବେଶରେ ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇ କହିଲେ ଯେ କୌଣସୀ ସ୍ୱାର୍ଥ କିମ୍ବା ଚୁକ୍ତି ନ ରଖି ବିନା ସ୍ୱାର୍ଥରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଦ୍ୱାରା ଆକୃଷ୍ଟ ହୋଇ ସେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଆଜିର ଏହି ସଂକଳ୍ପ ସମାବେଶରେ ଆମେ ଜିଲ୍ଲାର ୪ ବିଧାନସଭା ନିର୍ବାଚନ ଓ ଲୋକସଭା ପ୍ରାର୍ଥୀନୀଙ୍କୁ ୨୦୧୯ ନିର୍ବାଚନ ଭଳି ବହୁ ଅଧିକ ଭୋଟରେ ଜିତାଇବାକୁ ପରାମର୍ଶ ଦେଇଥିଲେ । ଗତ ୨୦୧୯ ନିର୍ବାଚନରେ ପ୍ରଶାନ୍ତ ମୁଦୁଲି ମୋ ଠାରୁ ୮ ହଜାରରୁ ଉର୍ଦ୍ଧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ଏବେ ମୁଁ ବିଜୁ ଜନତା ଦଳରେ ସାମିଲ ହୋଇଛି । ଏହି ନିର୍ବାଚନ ମଣ୍ଡଳୀରୁ ପ୍ରଶାନ୍ତ ମୁଦୁଲି ୩୦ ହଜାର ଭୋଟ ବ୍ୟବଧାନରେ ଜିତିବେ ବୋଲି ଲୋକେ କହୁଥିବା ବେଳେ ମୋର ଆଶା ପ୍ରଶାନ୍ତ ମୁଦୁଲି ୫୦ ହଜାରରୁ ଉର୍ଦ୍ଧ ଭୋଟରେ ଜିତିବେ । ଯଦି ୫୦ ହଜାର ଭୋଟ ବ୍ୟବଧାନରେ ନଜିତିବେ ତାହେଲେ ଆମର ମିଶିବାର କିଛି ଲାଭ ହେବ ନାହିଁ ବୋଲି ଚିରଞ୍ଜୀବ କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଗଲାଣି । ସାରା ଭାରତ ବର୍ଷରେ ନବୀନ ପଟ୍ଟନାୟକ ସବୁଠାରୁ ଅଧିକ ସମୟ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିବେ ବୋଲି କହିଥିଲେ । ଗାଁ ଗହଳିରେ ଯେଉଁ ଉନ୍ନତି ମୂଳକ କାମ ହୋଇଛି ସେ ମହିଳାମାନଙ୍କ ପାଇଁ କି ଯୁବକ,ଛାତ୍ରଛାତ୍ରୀମାନଙ୍କ ହେଉ ସବୁ କିଛି ବିଜେଡି ସରକାର ଅମଳରେ ସମ୍ଭବ ହୋଇଛି । ଗରିବ ଲୋକଟିଏ କୌଣସୀ ରୋଗରେ ପଡିଲେ ବଡ ଘରୋଇ ମେଡିକାଲ ଯାଇ ପାରୁନଥିଲା ହେଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାହା ସମ୍ଭବ ହୋଇପାରିଛି । ଜଣେ ନୁଆ ସଦସ୍ୟ ହିସାବରେ ଆପଣ ମାନଙ୍କୁ ନିବେଦନ କରୁଛି ଆଗାମୀ ନିର୍ବାଚନରେ ପ୍ରଶାନ୍ତ ମୁଦୁଲି ଓ ସାଂସଦ ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲୀକଙ୍କୁ ଅଧିକରୁ ଅଧିକ ଭୋଟ ପାଇବା ପାଇଁ ଆପଣମାନେ ଗାଁ,ପଞ୍ଚାୟତ ଓ ମ୍ୟୁନିସପାଲଟିରେ ଯାଇ କାର୍ଯ୍ୟରେ ଲାଗନ୍ତୁ । ବିପକ୍ଷ ପାର୍ଟୀ ହାଓ୍ୱା କରୁଛନ୍ତି ଆମେ ଜିତିବୁ ହେଲେ ଆଉ କିଛି ଦିନ ପରେ ତାଙ୍କ ପାଖରେ ଥିବା ଅସନ୍ତୁଷ୍ଟ ବିଜେଡି କର୍ମୀ ଓ ନେତା ପୁଣି ବିଜୁ ଜନତା ଦଳକୁ ଫେରିବେ । ୪ ତାରିଖ ଦିନ ନିର୍ବାଚନ ଫଳାଫଳରେ ସେମାନେ ତାଙ୍କର ସ୍ଥିତି ଜାଣିବେ । ରାଜଶ୍ରୀ ମଲ୍ଲିକ ଓ ପ୍ରଶାନ୍ତ ମୁଦୁଲିଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ମୁଁ ନିର୍ବାଚନରେ ପ୍ରଚାର କରିବି ଓ ୫୦ ହଜାର ଭୋଟରେ ତାଙ୍କୁ ଜିତାଇବା ବୋଲି ଚିରଞ୍ଜୀବ ବିଶ୍ୱାଳ ପ୍ରତିଶୃତି ଦେବା ସହିତ ରାଲିକୁ ସଫଳ କରିଥିବା କର୍ମୀ ଓ ନେତୃବୃନ୍ଦଙ୍କୁ ସାଧୁବାଦ ଦେଇଥିଲେ । ନବୀନ ବାବୁଙ୍କ ନେତୃତ୍ୱରେ ରାଜ୍ୟରେ ୧୨୦ ବିଧାନ ସଭା ଓ ୧୫ରୁ ଉର୍ଦ୍ଧ୍ୱ ଲୋକସଭା ଆସନ ଜିତିବୁ ବୋଲି କହିଥିଲେ ଚିରଞ୍ଜୀବ । ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇ କହିଲେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାରେ ଲୋକେ ତାଙ୍କୁ ଭଲପାଇବା ସହିତ ହୃଦୟ ଭିତରେ କେବଳ ଶଙ୍ଖ ଚିହ୍ନକୁ ରଖିଛନ୍ତି । ଆଗାମୀ ନିର୍ବାଚନରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ସହିତ ଜିଲ୍ଲାର ୪ ବିଦାନସଭା ଓ ଲୋକସଭାରେ ବିଜୁ ଜନତା ଦଳ ବିପୁଳ ବିଜୟ ଲାଭ କରିବ ବୋଲି ପ୍ରଶାନ୍ତ ମୁଦୁଲି କହିଥିଲେ । ଏହି ସମାବେଶରେ ସାଂସଦ ପ୍ରାର୍ଥୀନୀ ଡାକ୍ତର ରାଜଶ୍ରୀ ମଲ୍ଲିକ ଯୋଗ ଦେଇ କହିଲେ ଗତ ୨୦୧୯ ନିର୍ବାଚନରେ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ସାଂସଦ ଭାବରେ ନିର୍ବାଚିତ କରିଥିଲେ । ଏହି ନିର୍ବାଚନରେ ମଧ ଆପଣମାନେ ପୁଣି ଆର୍ଶୀବାଦ କରିବା ସହିତ ମୋତେ ସାଂସଦ ଭାବରେ ନିର୍ବାଚିତ କରାଇ ସେବା କରିବାର ସୁଯୋଗ ଦେବେ ବୋଲି କହିଥିଲେ । ଏହି ସମାବେଶରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ,ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଦିପ୍ତି ଦାସ,ନାଉଗାଁର ବରିଷ୍ଠ ନେତା ନିରଞ୍ଜନ ବେହୁରା, ପ୍ରକାଶ ବେହେରା, ଯୁବ ନେତା ପ୍ରଶାନ୍ତ ମଲ୍ଲିକ, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷ କନକପ୍ରଭା ଲେଙ୍କା ପ୍ରମୁଖ ଯୋଗ ଦେଇ ବିଜୁ ଜନତା ଦଳକୁ ଆଶ୍ରୀବାଦ ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜଗତସିଂହପୁର ପଞ୍ଚାୟତ ସମିତି ଉପାଧକ୍ଷ ରତି ରଞ୍ଜନ ବେହେରା,ବିବେକାନନ୍ଦ ବେହେରା, ଆଲୋକ ଖୁଣ୍ଟିଆ,ନଗର ବିଜେଡି ସଭାପତି ପ୍ରୀୟବ୍ରତ ମହାପାତ୍ର, ସୁବାସ ସାହୁ, ଦିଲ୍ଲିପ ସିଂହ, ଆଶୀଷ ଗୋଚ୍ଛାୟତ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।




# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ଉତ୍କଳମାତାର ଜଣେ ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ ବୋଲି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ପ୍ରକାଶ କରିଛନ୍ତି । ଆଜି ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ



ଭୁବନେଶ୍ୱରସ୍ଥ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଜ୍ୟୋତି ପ୍ରକାଶ ଦାସ କହିଲେ ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏକାଧାରରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ଥିଲେ । ସମ୍ମାନିତ ଅତିଥି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର କହିଲେ ଯେ ବିଖଣ୍ଡିତ ଓଡ଼ିଶା ଏବଂ ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଆପ୍ରାଣ ଉଦ୍ୟମ କରିଥିଲେ । ଯୁବ ସଂସ୍କୃତି ଗବେଷକ ବିଷ୍ଣୁମୋହନ ଅଧିକାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜଣେ ପ୍ରଜାନୁରଞ୍ଜନ ଶାସକ ଥିଲେ । ଭାଷା, ସାହିତ୍ୟ, ସଂସ୍କୃତି ସହିତ ଏକ ଉନ୍ନତ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ । ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛୋଟ ପିଲା ୩ କିମି ଚାଲି ସ୍କୁଲ ଯିବାକୁ ଅମଙ୍ଗ

# ବନ୍ଦ ସ୍କୁଲ ଖୋଲିବାକୁ ଗ୍ରାମବାସୀଙ୍କ ଦାବି



ଭୁବନେଶ୍ୱର, ୨୬।୪ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନାଲିପଡା ଅର୍ଜୁନପୁର ଗ୍ରାମପଞ୍ଚାୟତ ଅଧୀନ ଗୋପପୁରିଆ ପାଟପୁର ଗ୍ରାମରେ ଗୋଟିଏ ନିମ୍ନ ପ୍ରାଥମିକ ବିଦ୍ୟାଳୟ ରହିଛି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏଥିରେ ଅଧ୍ୟୟନ କରନ୍ତି । କୋଭିଡ୍ ସମୟରେ ପିଲାମାନଙ୍କ ସଂଖ୍ୟା କମିଯିବାରୁ ଏହି ବିଦ୍ୟାଳୟକୁ ଉଠାଇ ନିଆଯାଇ ଏଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ ହଳଦୀପଦା ନୋଡାଲ ଉପ୍ରା ବିଦ୍ୟାଳୟରେ ମିଶ୍ରଣ କରାଗଲା । ସେତେବେଳେ ଉକ୍ତ ବିଦ୍ୟାଳୟରେ ଦୁଇଜଣ ଶିକ୍ଷୟିତ୍ରୀ କାମ କରିବା ସହ ୧୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । କୋମଳମତି ପିଲାମାନଙ୍କୁ ଏତେ ଦୂରରେ ଥିବା ବିଦ୍ୟାଳୟକୁ ଛାଡିବା ପାଇଁ ଅଭିଭାବକମାନେ ରାଜି ହେଉନାହାନ୍ତି । ତେଣୁ ବନ୍ଦ ହୋଇଯାଇଥିବା ଉକ୍ତ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ପାଇଁ ଗ୍ରାମବାସୀମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## ଗୁପ୍‌ଚୁପ୍ ବେପାର କରିବାକୁ ନେଇ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଗୁପ୍‌ଚୁପ୍ ବେପାର କରିବାକୁ ନେଇ ଆକ୍ରମଣ କରିଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । ଟୁନ୍‌ଟୁନ୍ ଶର୍ମାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଛି ।

ଟୁନ୍‌ଟୁନ୍‌ଙ୍କ ଭିଣୋଇ ପଙ୍କଜ କୁମାର ରାମ ଅଭିଯୁକ୍ତ ସନ୍ତୋଷ କୁମାର ମଲ୍ଲିକଙ୍କ ପରିବା ଦୋକାନ ନିକଟରେ ଠେଲା ଲଗାଇ ଗୁପ୍‌ଚୁପ୍ ବେପାର ଆରମ୍ଭ କରିଥିଲେ । ଏହାଦେଖି ସନ୍ତୋଷ ଓ ତାଙ୍କ ପତ୍ନୀ ସେଠାରେ ଗୁପ୍‌ଚୁପ୍ ବ୍ୟବସାୟ କରିବା ଲାଗି ତାଙ୍କୁ ମନା କରିଥିଲେ । ଏହି ଘଟଣା ପରେ ପଙ୍କଜ ଅନ୍ୟତ୍ର ଠେଲା ଲଗାଇ ନିଜର ଗୁପ୍‌ଚୁପ୍ ବ୍ୟବସାୟ କରିଥିଲେ । ଗତ ୨୫ ତାରିଖ ସନ୍ଧ୍ୟାରେ ପଙ୍କଜଙ୍କ ପତ୍ନୀ କାମରୁ ଘରକୁ ଫେରିବାବେଳେ ଅଭିଯୁକ୍ତ ସନ୍ତୋଷ ଏବଂ ଅନ୍ୟ ଦୁଇଜଣ ମିଶି ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିବା ଲାଗି ଉଦ୍ୟତ ହେବା ଦେଖି ପଙ୍କଜ ଘଟଣାସ୍ଥଳକୁ ଦୌଡ଼ି ଯାଇ ପତ୍ନୀଙ୍କୁ ବଞ୍ଚାଇବା ଲାଗି ପ୍ରୟାସ କରିଥିଲେ । ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ଠେଙ୍ଗା ଓ ଲୁହାଛଡ଼ ସାହାଯ୍ୟରେ ଆକ୍ରମଣ କରିବା ସହିତ ତାଙ୍କଠାରୁ ମୋବାଇଲ୍ ଫୋନ୍ ଇତ୍ୟାଦି ଛଡ଼ାଇ ନେଇଥିଲେ । ସେମାନଙ୍କ ମାଡ଼ରେ ପଙ୍କଜ ଗୁରୁତର ଭାବେ ଆହତ ହୋଇଥିଲେ । ଖବରପାଇ ଟୁନ୍‌ଟୁନ୍ ଶର୍ମା ଘଟଣାସ୍ଥଳରେ ପହଞ୍ଚି ଭଉଣୀ ଭିଣୋଇଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ।

ହସ୍ପିଟାଲରେ ଉଭୟଙ୍କୁ ଚିକିତ୍ସା କରାଇବା ପରେ ଲକ୍ଷ୍ମୀସାଗର ଥାନାରେ ଟୁନ୍‌ଟୁନ୍ ଶର୍ମା ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ୩୪୧, ୨୯୪, ୩୨୩, ୩୨୪, ୩୭୯ ଓ ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ କରିବା ସହ ସନ୍ତୋଷ କୁମାର ମଲ୍ଲିକ (୩୨), ଜି.କ୍ରିଷ୍ଣା (୨୭), ବବ୍ରୁବାହାନ ଦଳେଇ ଓରଫ ବବ୍‌ଲୁ (୪୪)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ବିଜେଡ଼ିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ସାଧାରଣ ସମ୍ପାଦକ ଆକାଶ ମିଶ୍ର




ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ସାଧାରଣ ସମ୍ପାଦକ ଆକାଶ ମିଶ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓକାବୀ ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଆକାଶ ମିଶ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର, ଓ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ । ଏହି ମିଶ୍ରଣ ପର୍ବରେ ଗୀତାଞ୍ଜଳୀ ଦାସ, ରତ୍ନାକର ମିଶ୍ର, ରତିସାହୁ, ବିଜୟ ବେହେରା, ବୃନ୍ଦାବନ ସେଠ, ପ୍ରମିଳା ସାହୁ, ଲିନା ମିଶ୍ର, ତାପସ ସେଠ, ପ୍ରଶାନ୍ତ ତ୍ରିପାଠୀ, ଶ୍ରୀନିବାସ ମଲ୍ଲିକ, ବନିତା ନାୟକ, କୁମାର ସେଠ, ସୁଜାତା ମାଝୀ, ନରେଶ କୁମାର ସାହୁ, ପବିତ୍ର ପ୍ରଧାନ, ବିଳାସୀନ ଭୋଇ, ପୁଷ୍ପାଞ୍ଜଳି ବେହେରା, ଯଶୋଦା ଦଳେଇ, ପାର୍ବତୀ ତ୍ରିପାଠୀ ଓ ବିରେନ୍ଦ୍ର ଶାହାଙ୍କ ସହଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କିମ୍ସରେ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର

# ଛାତିରୁ ବାହାରିଲା ୨କେଜି ଓଜନର ଟ୍ୟୁମର

ଭୁବନେଶ୍ୱର (ସବ୍ୟୁ): କିମ୍ସ କ୍ୟାନସର ସେଣ୍ଟରରେ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମଧ୍ୟଛଦା (ଡାୟାଫ୍ରାମ )ରୁ ଟ୍ୟୁମର ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି । ସର୍ଜିକାଲ ଅନକୋଲୋଜି କ୍ଷେତ୍ରରେ ଏହି ପଦ୍ଧତି ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି । ଜନୈକ ରୋଗୀଙ୍କ ବାମ ପାର୍ଶ୍ୱ ଛାତି ଭିତରେ ଅସାମାନ୍ୟ ଭାବେ ବୃଦ୍ଧି ଘଟିଥିବା ପ୍ରାୟ ୨କେଜି ଓଜନର ଏକ ଟ୍ୟୁମରକୁ କିମ୍ସର ବରିଷ୍ଠ ସର୍ଜିକାଲ ଅନକୋଲୋଜିଷ୍ଟ ଡା. ସବ୍ୟସାଚୀ ପରିଡ଼ାଙ୍କ ନେତୃତ୍ୱରେ ଡାକ୍ତରୀଦଳ ବାହାର କରିବାରେ ସଫଳ ହୋଇଛନ୍ତି । ଏହି ଟ୍ୟୁମର ବୃଦ୍ଧି ପାଇବା ଯୋଗୁଁ ରୋଗୀ ଖାଦ୍ୟ ଗ୍ରହଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଥିଲା । ପୂର୍ବରୁ



ଏଭଳି ଟ୍ୟୁମରକୁ ତୁରନ୍ତ ବାହାର କରିବା ପାଇଁ ଉଭୟ ତଳିପେଟ ଓ ଛାତିରେ ଅସ୍ତ୍ରୋପଚାର କରିବାକୁ ପଡୁଥିଲା । ଏହା ରୋଗୀଙ୍କୁ ଯନ୍ତ୍ରଣା ସହ ବହୁ ଅସୁବିଧାରେ ପକାଉଥିଲା । ତେବେ ଡା. ପରିଡ଼ାଙ୍କ ଏହି ନୂଆ କୌଶଳ ରୋଗୀଙ୍କ ଯନ୍ତ୍ରଣା କମ କରିବା ସହ ଶୀଘ୍ର ଉପଶମ ମିଳିବା ସମ୍ଭାବନା ଦେଖାଦେଇଛି । ଡାକ୍ତରୀ ଦଳରେ ଡା. ମୋନିକା ଦାବଗୋତ୍ର, ନିଶ୍ଚେତକ ବିଶେଷଜ୍ଞ ଡା. ବିଭାସ ପ୍ରସାଦ ବାରିକ, ଟେକ୍ନିସିଆନ କଳ୍ପନା ଓଝା, ବରିଷ୍ଠ ସେବିକା ମିକିନା ପ୍ରଧାନ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଦୀର୍ଘ ୬ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି । କିମ୍ସ କ୍ୟାନସର ସେଣ୍ଟରରେ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ ହେଉଥିବାରୁ ଏଭଳି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା ବୋଲି ଡା. ପରିଡ଼ା ସୂଚନା ଦେଇଛନ୍ତି ।

## ଜେଇଇ ମେନ ପରୀକ୍ଷାରେ ବେଦାନ୍ତୁ ଛାତ୍ରଛାତ୍ରୀଙ୍କ ସଫଳତା

# ଏଆଇଆର ୩୧ ସହିତ ପ୍ରଣବାନନ୍ଦ ସାଜି ଓଭରଶୀଜ୍ ଟପ୍ପର

ଭୁବନେଶ୍ୱର (ସବ୍ୟୁ): ଜେଇଇ ଟିଚରିଂ ସ୍ପେଶର ଜଣେ ଲିଡର କହିଛନ୍ତି ଯେ ଏହାର ୧୬୯୮ ଜଣ ଛାତ୍ରଛାତ୍ରୀ ଜେଇଇ ଆଡଭାନସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଶିକ୍ଷା ଜେଂଟ ମଧ୍ୟ ବିଶ୍ୱାସ କରନ୍ତି ଯେ ସେମାନଙ୍କ ଛାତ୍ରମାନଙ୍କ ମଧ୍ୟରୁ ୨୧୦ ଛାତ୍ରଛାତ୍ରୀ ୯୯ ପ୍ରତିଶତରୁ ଅଧିକ ସ୍କୋର କରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୬୪୧ ଛାତ୍ରଛାତ୍ରୀ ୯୭ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ।

ବେଦାନ୍ତୁର ଅନ୍ୟତମ ଶ୍ରେଷ୍ଠ ଛାତ୍ର ପ୍ରଣବାନନ୍ଦ ସାଜି ୩୧ତମ ଅଲ ଇଣ୍ଡିଆ ର୍‍ୟାଙ୍କ ସହ ଓଭରଶିଜ ଟପର ହୋଇଛନ୍ତି । ଫଳାଫଳର ଏହି ଆନନ୍ଦକୁ ଯୋଡିବା ହେଉଛି ବାଙ୍ଗାଲୋରରେ ଅଗ୍ରଣୀ ବେଦାନ୍ତୁ ଶିକ୍ଷା କେନ୍ଦ୍ରର ଉଲ୍ଲେଖନୀୟ ସଫଳତା, ଯାହା ଗତବର୍ଷ ପ୍ରତିଷ୍ଠିତ ହୋଇଥିଲା । ଏହି କେନ୍ଦ୍ରରେ ୮୦% ଛାତ୍ରଛାତ୍ରୀ ଚଳିତ ବର୍ଷ ଜେଇଇ ଆଡଭାନସ ଯୋଗ୍ୟତା ହାସଲ କରିଛନ୍ତି । ଏକ ଦଶନ୍ଧିର ବୈଷୟିକ ଉଦ୍ଭାବନକୁ ପରିଚାଳନା କରି ବେଦାନ୍ତୁ ଉଭୟ ଅନଲାଇନ ଓ ଶ୍ରେଣୀଗୃହରେ ଶିକ୍ଷା ଅଭିଜ୍ଞତାକୁ ସୁନିଶ୍ଚିତ କରେ । ମାଷ୍ଟର ଶିକ୍ଷକ, ଡାଉଟ ବିଶେଷଜ୍ଞ ଓ ଏକାଡେମିକ ମେଂଟରମାନଙ୍କୁ ନେଇ ଏହାର ଶିକ୍ଷା ପ୍ରଣାଳୀ ସମୃଦ୍ଧ । ଅନ୍ୟପକ୍ଷରେ ବେଦାନ୍ତୁର ବୈଷୟିକ ଭିତିଭୂମି ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ଶିକ୍ଷଣ ଅଭିବୃଦ୍ଧିରେ ସହାୟତା କରେ ।

ଚେନ୍ନାଇ, ହାଇଦ୍ରାବାଦ, ଦିଲ୍ଲୀ, ମଦୁରାଇ, କୋଏମ୍ବାଟୁର, ଭାଇଜାଗ, ବିଜୟୱାଡ଼ା, ପୁନେ, ପାଟିଆଲା, ମୁଜଫରପୁର, ପାଟଣା ଓ ଅନ୍ୟାନ୍ୟ ସହରରେ ବେଦାନ୍ତୁର ଏହି ଉନ୍ନତ ତଥା ଅଭିନବ ଶିକ୍ଷଣ ପ୍ରଭାବକୁ ବଢାଇବା ଲାଗି ୩୦ରୁ ଅଧିକ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଜେଇଇ ପରି ଅର୍ନ୍ତନିହିତ ପାଠ୍ୟକ୍ରମ ପ୍ରସ୍ତୁତି ସହ ଆମର ସକ୍ରିୟ ଶିକ୍ଷାଦାନ ପ୍ରଣାଳୀ ଛାତ୍ରଛାତ୍ରୀ ମାନଙ୍କ ମନରେ ଥିବା ସମସ୍ତ ସଂଶୟ ଦୂର କରେ ଓ ସେମାନଙ୍କ ପ୍ରକୃତ ସାମର୍ଥ୍ୟ ହାସଲ କରିବାକୁ ପ୍ରସ୍ତୁତ କରେ । ଜେଇଇର ଏହି ସଫଳତା ଆମର ଛାତ୍ର, ଗୁରୁ, ପରାମର୍ଶଦାତା, ଡାଉଟ କ୍ଲିୟର ବିଶେଷଜ୍ଞ, ଛାତ୍ର ସହାୟତା କର୍ମଚାରୀ ଓ ଅନ୍ୟାମନଙ୍କ ନିଷ୍ଠା ଓ ପରିଶ୍ରମର ପ୍ରମାଣ ଅଟେ ବୋଲି କହିଛନ୍ତ ବେଦାନ୍ତୁର ସହ ପ୍ରତିଷ୍ଠାତା ତଥା ଏକାଡେମିକ ମୁଖ୍ୟ ଆନନ୍ଦ ପ୍ରକାଶ । ବେଦାନ୍ତୁ ର ସିଇଓ ତଥା ସହ ପ୍ରତିଷ୍ଠାତା ଭାମସି କୃଷ୍ଣ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତାରେ ଖୁସି ବ୍ୟକ୍ତ କରି କହିଛନ୍ତି ଯେ ଆମ ଛାତ୍ରମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ସହିତ ବେଦାନ୍ତୁ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ପ୍ରଣାଳୀର ଫଳପ୍ରଦତା ପ୍ରମାଣ ଅଟେ ।

# ହାତ ଛାଡି ଶଙ୍ଖ ଧରିଲେ ଶତାଧିକ ସଂଖ୍ୟାଲଘୁ କଂଗ୍ରେସ କର୍ମୀ

କଟକ, (ସ୍ୱପ୍ର): ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୁଷୁଡି ଚାଲିଛି ବିରୋଧୀ ବିଜେପି ଓ କଂଗ୍ରେସ ଦୁର୍ଗ । ଗତ ଦୁଇ ଦିନ ତଳେ ୪୭ନଂ ୱାର୍ଡରେ ଶତାଧିକ ବିଜେପି ମହିଳାକର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିବା ବେଳେ ଶୁକ୍ରବାର ସିଏମ୍‌ସି ୪୦ନଂ ୱାର୍ଡର ଶତାଧିକ ସଂଖ୍ୟାଲଘୁ କଂଗ୍ରେସ କର୍ମୀ ବିଧାୟକ ସୌଭିକ ବିଶ୍ୱାଳଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଆଶୀଫ ଅହମ୍ମଦ ଖାନ ଓ ଅବଦୁଲ କରିମଙ୍କ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ସଂଖ୍ୟାଲଘୁ ଲଢୁଆ କର୍ମୀ କଂଗ୍ରେସ ଦଳ ତ୍ୟାଗ କରି ବିଜୁଜନତା ଦଳରେ ଯୋଗ ଦେଇଛନ୍ତି । ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜୁ ଜନତା ଦଳରେ ସାମିଲ କରିଥିଲେ । ଦଳରେ ସାମିଲ କରିସାରିବା ପରେ ପୂର୍ବତନ ବିଧାୟକ ଡଃ ବିଶ୍ୱାଳ କହିଲେ ଆପଣମାନଙ୍କ ଯୋଗଦାନ ଦଳର ଶକ୍ତି ବୃଦ୍ଧି କରିଛି । ଆପଣମାନେ ରୂପାନ୍ତିକରଣ ଓଡିଶା ନିର୍ମାଣରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ଶକ୍ତିଶାଳୀ କରିଛନ୍ତି । ଆମ୍ଭେ ସମସ୍ତେ ମିଶି ଏବେ ନୂଆ ଓଡିଶା ଗଠନ କାର୍ଯ୍ୟରେ ସାମିଲ ହୋଇ ନିଜକୁ ଗୌରାବାନିତ୍ୱ କରିବା । ବିଜେଡିରେ ସାମିଲ ହୋଇଥିବା ସମସ୍ତ ବରିଷ୍ଠ କର୍ମୀମାନେ ପୂର୍ବତନ ବିଧାୟକ ଡ଼ଃ ବିଶ୍ୱାଳଙ୍କ ପରୋପକାର ମନୋଭାବ, ଜନସେବା, ପ୍ରତିଶ୍ରୁତିବଦ୍ଧତା ଓ ବିଧାୟକ ସୌଭିକ ବିଶ୍ୱାଳଙ୍କ ଅମାୟିକ ବ୍ୟବହାର ଓ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହେଲେ ବୋଲି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ୱାର୍ଡ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ରଣା, ୪୦ନଂ କର୍ପୋରେଟର ଝିଲ୍ଲୀ ବିହାରୀ, ପୂର୍ବତନ କର୍ପୋରେଟର ଜୟଦେବ ଜେନା ଓ ନଗରକମିଟି ବିଜେଡି ସମ୍ପାଦକ ଅବଦୁଲ ୱାଇଫ ଖାନଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧରେ ଇସୁଫ ଖାନ୍, ଅନୱାରୀ ବେଗମ, ନୁରୁ ଅହମଦ ଖାନ୍, ହାଜି ଲୋକମାନ, ଲତିଫ ଖାନ୍, ଆରିଫ ଖାନ୍, ଜାଭେଦ ଅହମଦ ଖାନ୍, ଅକିଲ ଖାନ୍, ସେଫୁଲ ରେହମାନ୍, ଅକ୍ତର୍ ଅହମଦ ଖାନ୍, ରିୟାଜ ଅହମଦ ଖାନ୍, ୟାକୁବ ଖାନ୍, ଏମଡି ରିୟାଜ, ତଉଫିକ ବକ୍ସ, ସୁହେଲ୍ ଖାନ୍, ଆମଜାଦ ଖାନ୍, ଅଲେନ ଖାନ୍, ଇଫତାର ଖାନ୍, ଅଲି ବକ୍ସ ଓ ସମିର ବକ୍ସଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।



## ରୁଚି ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଯୋଜନା

# ସୁରଟ ଗ୍ରାହକ ଜିତିଲେ ଇ-ସ୍କୁଟର ଓ ସ୍ୱର୍ଣ୍ଣମୁଦ୍ରା

କଟକ, (ସ୍ୱପ୍ର): ଓଡ଼ିଶାର ସୁପରିଚିତ ମସଲା ବ୍ରାଣ୍ଡ ରୁଚି ଫୁଡ଼୍‌ଲାଇନ ପକ୍ଷରୁ ଫେଷ୍ଟିଭାଲ ବୋନାଞ୍ଜା ଅଫ୍‌ର ଯୋଜନାରେ ସୁରଟର ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିଛି । ସୁରଟର ହୋଟେଲ ଏମ୍ବାସୀଠାରେ ଆୟୋଜିତ ଉତ୍ସବରେ ରୁଚି ମସଲା କିଣିଥିବା ଦୁଇଜଣ ଗ୍ରାହକ ପ୍ରଦୀପ ମହାପାତ୍ର ଓ ସୁକାନ୍ତ କୁମାର ନାୟକଙ୍କୁ ଓଲା ଇ-ବାଇକ ପୁରସ୍କାର ପ୍ରଦାନ କରାଯାଇଥିଲା । ରୁଚିର ନିର୍ଦ୍ଦେଶିକା ରଶ୍ମୀ ସାହୁ, ସୁରଟର ଉତ୍କଳ ବ୍ରାହ୍ମଣ ପରିବାରର ସଭାପତି ଭାବଗ୍ରାହୀ ପଣ୍ଡା, ସୁରଟ ଓଡ଼ିଆ କଲ୍ୟାଣ ସଂଗଠନର ସଭାପତି ବିଦେଶୀ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ସେହିଭଳି ରନ୍ଧନ ପ୍ରତିଯୋଗୀତାରେ କୃତି




ପ୍ରତିଯୋଗୀ ସରିତା ସାମନ୍ତରାୟ, ବନିତା ବଡ଼ତ୍ୟା, ଝୁନୁରାଣୀ ପାତ୍ର, ଶୃତିରେଖା ପଟ୍ଟନାୟକ, ଉଷା ବଡ଼ତ୍ୟା, ହେମଲତା ପରମାଣିକ, କବିତା ରାଉତ, ଭାରତୀ ପଟ୍ଟନାୟକ ଓ ମନ୍ଦାକିନୀ ବିଶୋଇ ସ୍ୱର୍ଣ୍ଣମୁଦ୍ରା ବିଜୟୀ ହୋଇଥିଲାବେଳେ ଅନ୍ୟ ୩୦ ଜଣ ପ୍ରତିଯୋଗୀଙ୍କୁ ରୌପ୍ୟ ମୁଦ୍ରା ପୁରସ୍କାର ପ୍ରଦାନ କରାଯାଇଥିଲା । ସୁରଟର ରୁଚି ଡିଲର ସୁମନ୍ତ କୁମାର ଦାସ ଓ ରଜନୀଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସୁରଟ ଓ ଆଖପାଖ ଅଂଚଳର ୨୦୦ରୁ ଉର୍ଦ୍ଧ୍ୱ ରିଟେଲର, ଡିଷ୍ଟ୍ରିବ୍ୟୁଟର ଓ ସହଯୋଗୀମାନେ ଯୋଗ ଦେଇଥିଲେ । ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଓମସା ପକ୍ଷରୁ ରକ୍ତଦାନ ଶିବିର, ୩୧ ୟୁନିଟ ସଂଗ୍ରହ

ଖୋର୍ଦ୍ଧା (ସବ୍ୟୁ): ଓମସା ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସଦରମହକୁମା ଚିକତ୍ସାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଓ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ପାଢୀ ଉଦଘାଟନ କରିଥିଲେ । ଏଥିରେ ୩୧ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ଷ୍ଟାଫନର୍ସ, କର୍ମଚାରୀ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଶିବିରକୁ ମାନସିକ ବିଭାଗ ଡାକ୍ତର ଆଲୋକ ଜ୍ୟୋତି ସାହୁ, ଶଲ୍ୟ ବିଭାଗ ଡାକ୍ତର ଶ୍ୟାମାପ୍ରସନ୍ନ ମିତ୍ର ଓ ଡା. ଶୁଭ୍ରାଂଶୁ ସାହୁ, ଚର୍ମ ବିଭାଗ ଡାକ୍ତର ହରପ୍ରସନ୍ନ ତ୍ରିପାଠୀ ଓ କର୍ଣ୍ଣ ନାଶା, ଗଳା ଡାକ୍ତର ସରୋଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ୭୪ ଲିଟର ବିଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଥାନା ବରପଦା ମାର୍କେଟ କମ୍ପ୍ଲେକ୍ସ ଏକ ସ୍ନାକ୍ସ ଦୋକାନରେ ଚୋରା ମଦ ବିକ୍ରି ନେଇ ଖବର ପାଇ ରେଙ୍ଗାଳି ପୋଲିସ ଚଢଉ କରି ସଫଳ ହୋଇଛି । ଘଟଣା ସ୍ଥଳରେ ପହଂଚି ବିଦ୍ୟାଧର ମାଝୀ (୫୦) ପିତା ରସାନନ୍ଦ ମାଝୀଙ୍କ ଦୋକାନ ଘରୁ କିଙ୍ଗ ଫିସର, ହଣ୍ଟର ବିଅର, ମାକ ଡୁଏଲ, ରୟାଲ ଷ୍ଟାଗ, ନମ୍ବର ୱାନ ବ୍ରାଣ୍ଡର ୭୪ ଲିଟର ବିଦେଶୀ ମଦ ଜବତ କରିବା ସହିତ ଏକ ଫ୍ରିଜର ଜବତ କରିଥିବା ନେଇ ସୂଚନା ମିଳିଛି। ମଦ ବିକୁଥିବା ବିଦ୍ୟାଧର ମାଝୀ କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି । ରେଙ୍ଗାଳି ଥାନା କେସ ନଂ୭୮/୨୪ ରୁଜୁ କରିବା ସହିତ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

# ସାରଙ୍ଗପୁରରେ ବାର୍ଷିକ ବୈଶାଖୀ ମେଳା

ବନ୍ତଳା, (ସବ୍ୟୁ) : ଅନୁଗୋଳ ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ୧୨ ତମ ବାର୍ଷିକ ବୈଶାଖୀ ମେଳା ମହାସମାରୋହ ଉଦଘାଟିତ ହୋଇଯାଇଛି । ଅଲେଖ ମହିମା ବାବାଙ୍କ ଓ ଭକ୍ତମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପ୍ରଥମେ ପ୍ରାତଃ ୪ ଘଂଟିକା ଅମଣିଆ, ବାଲ୍ୟ ଲୀଳା ଓ ଅପରାହ୍ନ ୫.୩୦ ଘଟିକାରେ ଅଖଣ୍ଡବତୀ ପ୍ରଜ୍ଜଳନ କରିବା ସହ ନାମ ଭଜନ ଆରମ୍ଭ ହୋଇଥିଲା । ମହିମା ଭକ୍ତମାନଙ୍କ ଦ୍ୱାରା ଖଜଣି ଭଜନ ପରିବେଷଣ କରାଯାଇଥିଲା । ଏହି ମେଳାକୁ ଆସିଥିବା ସମସ୍ତ ଆବାଳବୃଦ୍ଧ ବନିତା ପ୍ରସାଦ ସେବନ କରିଥିଲେ । ଅଖାପାଖା ଗାଁର ପ୍ରାୟ ୬୦୦୦ ହଜାର ମେଳା ଦେଖିବାକୁ ଆସିଥିଲେ । ମେଳାରେ ଛୋଟ ପିଲାମାନଙ୍କ ପାଇଁ ଦୋଳିର ବ୍ୟବସ୍ଥା ମଧ କରାଯାଇଥିଲା । ସୁସଜିତ ସାଉଣ୍ଡ ଦ୍ୱାରା ଗ୍ରାମ୍ୟ ପରିକ୍ରମାର ଆୟୋଜନ ଓ ଦୁଇ ଦିନ ଧରି ରାମଲୀଳା ଆୟୋଜନ କରାଯାଇଥିଲ। ଅନୁଗୋଳ ବ୍ଲକ ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଦହି ସରବତ ବ୍ୟବସ୍ଥା କରାଯାଇ ବାଟୋଇ ତଥା ମେଳାକୁ ଆସିଥିବା ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା।

# ଶତାଧିକ ଚାରା ଫିଙ୍ଗିଦେଲା ବନ ବିଭାଗ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଧଣ୍ଡାତୋପା ବନ ବିଭାଗର ଧଣ୍ଡା ତୋପା ନିକଟରେ ଥିବା ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରି ବର୍ତ୍ତନ ବିଭାଗ ଓଡ଼ିଶା ପକ୍ଷରୁ ଥିବା ସ୍ଥାୟୀ ନର୍ସରି ରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଛି । ବିଶେଷ କରି ଏହି ନର୍ସରିରେ ଚାରା ଗୁଡିକର ରକ୍ଷାଣ ବେକ୍ଷଣ ସଠିକ ଭାବରେ କରାଯାଉନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ମନରେଗା ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ଉକ୍ତ ଟଙ୍କା ଗୁଡିକକୁ ମିଥ୍ୟା ବିଲ କରି ହଡପ କରାଯାଉଥିବା ବେଳେ ଚାରା ଗୁଡିକରେ ଆବଶ୍ୟକ ସାର, ପାଣି ସହ ଔଷଧ ଦିଆଯାଉନଥିବା ଯୋଗୁଁ ଅନେକ ଚାରା ନଷ୍ଟ ହୋଇଯାଉଛି । ଶୁକ୍ରବାର ଦିନ ଉକ୍ତ ନର୍ସରି ରୁ ଶହ ଶହ ଚାରା ଗୁଡିକ ମରିଯାଇଥିବା ବେଳେ ସେ ଗୁଡିକକୁ ବନ ବିଭାଗ ତରବାରିଆ ଭାବରେ ଆଣି ଏକ ପରିତ୍ୟକ୍ତ ସ୍ଥାନରେ ପକାଇ ଦେଇଛି। ଏପରିକି ଅନେକ ଗଛଥିବା ଚାରା ଗୁଡିକ ମଧ ପକାଇ ଦେଇଥିବା ଦେଖିବାକୁ ମିଳିଛି । ବନ ବିଭାଗ ର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏ ନେଇ ଠାକୁରଗଡ଼ ଗ୍ରାମବାସୀ ମାନେ ଶୁକ୍ରବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଏହାର ଏକ ନକଲ ଆଠମଲ୍ଲିକ ଡିଏଫଓଙ୍କ ଠାରେ ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀ କହିବା ଅନୁଯାୟୀ ଧଣ୍ଡାତୋପା ରେଞ୍ଜ ରେ ୩୫ ଟି ଗ୍ରାମ୍ୟ ଓ ଖେସେଡ଼ା ଜଙ୍ଗଲ ଥିବା ବେଳେ ୪ ଟି ରିଜର୍ଭ ଜଙ୍ଗଲ ରହିଛି । ଏ ଜଙ୍ଗଲ ଗୁଡିକ ରେ ମନରେଗା ମାଧମରେ ପ୍ରତେକ ବର୍ଷ ବୃକ୍ଷ ରୋପଣ କରିବା ପାଇଁ ଏହି ନର୍ସରିରୁ ଚାରା ସଂଗ୍ରହ କରାଯାଇଥାଏ । ପ୍ରତ୍ୟେକ ବର୍ଷ ମନରେଗା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଆମ୍ବ, ପଣସ, ଲିମ୍ବ, ରଞ୍ଜ, ଶିଶୁ, ଅର୍ଜୁନ, ଆମ୍ବ ଚାରା ପ୍ରସ୍ତୁତ କରାଯାଉଛି। ବିଭିନ୍ନ ମଞ୍ଜିରୁ ଏହି ଚାରା ପ୍ରସ୍ତୁତି କରାଯାଉଥିବା ବେଳେ ସେ ଗୁଡିକ ରକ୍ଷାଣ ବେକ୍ଷଣ ବନ ବିଭାଗ ଦାୟିତ୍ୱ ନେଇଥିବା ବେଳେ ଏବେ ସେ ଚାରା ଗୁଡିକ ସଠିକ ଭାବରେ ରକ୍ଷାଣ ବେକ୍ଷଣ କରାଯାଉନାହିଁ। ଫଳରେ ଅନେକ ଚାରା ନଷ୍ଟ ହୋଇଗଲାଣି। ଏହି ଚାରା ପ୍ରସ୍ତୁତ ପାଇଁ ମନରେଗା ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ ଏହାକୁ ସଠିକ ଭାବରେ ରକ୍ଷାଣ ବେକ୍ଷଣ କରାଯାଉନାହିଁ । ନର୍ସରି ରେ ଶ୍ରମିକ ମାନଙ୍କୁ ସଠିକ ଭାବରେ ନିୟୋଜନ କରାନଯାଇ ମେସିନ ଦ୍ୱାରା କାମ କରି ଟଙ୍କା ହଡପ କରାଯାଉଛି । ଅନେକ ଶ୍ରମିକଙ୍କର ଜବ କାର୍ଡ ସଂଗ୍ରହ କରି ସେମାନଙ୍କ ନାମରେ ବିଭିନ୍ନ ସମୟରେ କାମ କରାଯାଇଥିବା ମିଥ୍ୟା ବିଲ କରି ଲକ୍ଷଲକ୍ଷ ଟଙ୍କା ବନ ବିଭାଗର ପଦାଧିକାରୀ ମାନେ ହଡପ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏହି ଘଟଣା ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଧଣ୍ଡା ତୋପା ରେଞ୍ଜର ବବୃବାହାନ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ କୌଣସି ଉତ୍ତର ନଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା



ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକର କଣ୍ଡାଳ ଗ୍ରାମପଂଚାୟତ ଅନ୍ତର୍ଗତ ବନମାଳୀପୁର ଗ୍ରାମର ଦୁଇ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ଉକ୍ତ ଗ୍ରାମର ମଙ୍ଗଳ ପୂର୍ତି ଏବଂ ନନ୍ଦୁ ମୁଣ୍ଡାଙ୍କର କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ସଂପୂର୍ଣ୍ଣ ଘର ସହିତ ଆସବାବପତ୍ର ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ଶିବ ପ୍ରସାଦ ବେହେରାଙ୍କ ପାଖରୁ ଏହି ଖବର ପାଇ ସମାଜସେବୀ ତଥା ବିଜେପି ନେତା ବିଭୁତି ସାହୁ ଏବଂ ପ୍ରାକ୍ତନ କଣ୍ଡାଳ ସରପଂଚ ତଥା ସଂଗ୍ରାମୀ ନେତା ରଙ୍ଗାଧର ନାହାକ ସେଠାରେ ପହଁଚି ଅଗ୍ନିବିପନ୍ନ ଦୁଇ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧିବା ବସ୍ତ୍ର,ଶୀତ ବସ୍ତ୍ର ଏବଂ ଜରିପାଲର ବନ୍ଦୋବସ୍ତ କରାଇଥିଲେ। ଅଗ୍ନିବିପନ୍ନ ପରିବାର ଦ୍ୱୟଙ୍କୁ ଏହି ଦୁଃଖଦ ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି। ଏହି ସମୟରେ ଗଣମାଧମ ପ୍ରତିନିଧି ଶିବ ପ୍ରସାଦ ବେହେରା, ଆଦିତ୍ୟ ଦାସ, ଯୁବନେତା ମହେନ୍ଦ୍ର ବେହେରା, ଶାନ୍ତନୁ ରାଉତ ଓ ମୁନା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଗ୍ରୀଷ୍ମ ଶିକ୍ଷା ଶିବିର ଉଦ୍‌ଘାଟିତ



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟରେ ଦଶ ଦିନ ବ୍ୟାପି ହେବାକୁ ଥିବା ଗ୍ରୀଷ୍ମ ଶିକ୍ଷା ଶିବିର ଉଦ୍ଘାଟିତ ହୋଇ ଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବ ରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଶିବିରର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଶିବିରରେ କେବଳ ଶିକ୍ଷାଦାନ କରାଯିବନାହିଁ ବରଂ କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଯୋଗ, ଚିତ୍ରାଙ୍କନ, କ୍ରୀଡା ଆଦି ନିର୍ଦ୍ଦିଷ୍ଟ ବିଭାଗ ଗୁଡିକରେ ଦକ୍ଷତା ଅର୍ଜନ କରିବା ଲାଗି ପିଲାମାନଙ୍କୁ ଅଭିଜ୍ଞ ଗୁରୁ ମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ସେମାନଙ୍କର ଶୈକ୍ଷିକ, ଆଧାତ୍ମିକ, ବୌଦ୍ଧିକ , ଶାରୀରିକ ଆଦିର ବିକାଶ ଦିଗରେ ପ୍ରୟାସ କରାଯିବ। ବିଭିନ୍ନ ପ୍ରକାରର ଚିତ୍ରକଳା, ବର୍ଜ୍ୟ କାଗଜରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ମୁଖା, ଘରେ ସଜେଇ ରଖିବା ପାଇଁ ସୁନ୍ଦର ସୁନ୍ଦର ୩ଡ ଚିତ୍ରକଳା, ତଥା ପ୍ରାଚୀର ପତ୍ରିକା ଆଦି କାର୍ଯ୍ୟକ୍ରମ ଗୁଡିକ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ସାମଗ୍ରିକ ବିକାଶ ହୋଇ ପାରିବ ବୋଲି ପ୍ରଧାନ ଶିକ୍ଷକ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପଲ୍ଲି ବିକାଶ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ବସନ୍ତ କୁମାର ସାହୁ, ନିର୍ମଳ କୁମାର ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ କୁମାର ସାହୁ, ଆକାଶ ରାଉତ, ରାଜେଶ କୁମାର ସାହୁ, ମାନସ ପଲେଇ, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଗୀତା ମହାପାତ୍ର, ଜୟସ୍ମିତା ରାଉତ, ପ୍ରୀତି ପ୍ରିୟମ୍ବଦା ପରିଡା, ସୋଭାଗିନୀ ସାହୁ, ଶିକ୍ଷାକର୍ମଚାରି ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠର ସାଧାରଣ ବୈଠକ

ରମ୍ଭା, (ସବ୍ୟୁ): ଶୁକ୍ରବାର ଦିନ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠର ଏକ ସାଧାରଣ ବୈଠକ ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ୧୩୨ତମ ଜନ୍ମ ଜୟନ୍ତୀରେ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ପ୍ରଦାନ ସହ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲ।। କାର୍ଯ୍ୟକ୍ରମରେ ୪୧ଗୋଟି ପରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ବସିବା ସହ ଉଦଘାଟନ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସ୍ୱାମୀଜୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ସହ ସମ୍ପୂର୍ଣ୍ଣ ସହାୟତା ଦେବା ପାଇଁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ଦାସ, ଡ଼ଃ ପ୍ରଭାକର ତ୍ରିପାଠୀ, ଦୈନିକ ସମ୍ବାଦପତ୍ର ନବୀନର ସମ୍ପାଦକ ରବି ରଥ, ପ୍ରସାଦ ରାଓ, ନିରଞ୍ଜନ ତ୍ରିପାଠୀ ପୃଷ୍ଟି ପ୍ରମୁଖ ମଞ୍ଚାସିନ ରହିଥିଲେ। ଏଥି ସହିତ ଆଗାମୀ ପରବର୍ତ୍ତୀ ବୈଠକ ୧୫/୦୫/୨୦୨୪ ରିଖ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ରମ୍ଭାରେ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏଥି ସହିତ ଅନେକ ବିଷୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ବୈଠକରେ ଅଭିମନ୍ୟୁ ସାହୁ (ଅଧକ୍ଷ ), ଏମ. ନରସିଂହ ସୁବୁଦ୍ଧି କେ. ସୁଶାନ୍ତ କୁମାର ପାତ୍ର (କୋଷାଧକ୍ଷ ), ଚନ୍ଦ୍ରଶେଖର ନାୟକ, ରାମଚନ୍ଦ୍ର ବାଡ଼ତୀୟଛ, ଗୋପୀନାଥ ବେହେରା (ପ୍ରଧାନ ଶିକ୍ଷକ ), ପ୍ରସନ୍ନ କୁମାର ମିଶ୍ର (ଅବସରପ୍ରାପ୍ତ ଅଧକ୍ଷ ), ମହେଶ୍ୱର ବରାଳ (ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ), ଚରଣ ଜେନା, ଜୟକୃଷ୍ଣ ତ୍ରିପାଠୀ, ବିଜୟ ଚନ୍ଦ୍ର ବିଶ୍ୱାଳ, ଭୀମସେନ ବେହେରା (ସମାଜସେବୀ ), ଶେଷଦେବ ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଇଞ୍ଜିନିଅର, ଗାଣମାଧମ ପ୍ରତିନିଧି, ସମାଜସେବୀ ଉପସ୍ଥିତ ରହିଥିଲେ। ଶେଷରେ ରାଜ୍ୟପାଳ ପୁରସ୍କାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ସାମୁହିକ କାର୍ଯ୍ୟକ୍ରମକୁ ଉମେଶ ମହାନ୍ତି, ପଞ୍ଚାନନ ଖଟୁଆ, ଉମାକାନ୍ତ ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

# ନିର୍ବାଚନ ପୂର୍ବରୁ ଗୋଲନ୍ଥରା ପୋଲିସକୁ ସଫଳତା, ୩ ଗିରଫ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ସ୍ଥାନୀୟ ଗୋଲନ୍ଥରା ଥାନା ଅନ୍ତର୍ଗତ ହଳଦିଆ ପଦର ଅଟୋ ନଗର ବସଷ୍ଟାଣ୍ଡ ପଛ ପଟେ ଥିବା ଏକ ନିର୍ଜନ ପଡିଆ ମଧରେ ଜାତୀୟ ରାଜପଥରେ ଡକାୟତ ଯୋଜନା କରୁଥିବା ଲାଠି ଅଞ୍ଚଳର ତିନି ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗୋଲନ୍ଥରା ଥାନା ପୋଲିସ ଅତି ଚତୁରତା ସହ ସିନେମା ଷ୍ଟାଇଲ ରେ ଗିରିଫ କରିବାରେ ସଫଳ ହୋଇଛି। ପ୍ରାପ୍ତ ଘଟଣାରୁ ପ୍ରକାଶ ଯେ, ଗତକାଲି ଲାଠି ଅଞ୍ଚଳର ତିନି ଯୁବକ ଚେରୁ ଗୌଡ଼, ଶିବରାମ ପାଳ ଓ ପାଣ୍ଡା ଗୌଡ଼ ହଳଦିଆ ପଦରସ୍ଥିତ ବସଷ୍ଟାଣ୍ଡ ପଛରେ ଥିବା ଗୋଟେ ନିର୍ଜନ ପଡିଆ ନିକଟରେ ଏକତ୍ରିତ ହୋଇ ଜାତୀୟ ରାଜପଥ ରେ ଡକାୟତ ପାଇଁ ଯୋଜନା କରୁଥିଲେ। ଗୋଲନ୍ଥରା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଙ୍କ ନେତୃତ୍ୱରେ ପୋଲିସ ଚାରି ପଟୁ ଅତି ଚତୁରତା ଏବଂ ଚାଲାକିର ସହ ସବୁ ଖସିଯିବା ରାସ୍ତାକୁ ନାକାବନ୍ଦୀ କରି ଅଭିଯୁକ୍ତ ମାନଙ୍କୁ କାବୁ କରିବାରେ ସଫଳ ହୋଇ ଥିଲେ। ଅଭିଯୁକ୍ତ ମାନଙ୍କ ନାମରେ ବିଭିନ୍ନ ଥାନା ଇଲାକାରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଜଣା ପଡିଛି। ସେମାନଙ୍କ ନିକଟରୁ ଦୁଇଟି ମୋଟର ସାଇକେଲ, ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ବୋମା ସହ ବମରେ ବ୍ୟବହାର ହେଉଥିବା ସାମଗ୍ରୀ, ଏକ ଲୁହା ରଡ଼, ଗୋଟିଏ ମୁଖା ଜବତ ହୋଇଥିବା ଥାନା ଅଧିକାରୀ ନିକଟରୁ ସୂଚନା ମିଳିଛି। ଥାନା କେଶ ନମ୍ବର ୧୯୮/୨୪ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।




# ଅନ୍ୟଦଳର କର୍ମୀଙ୍କ ଭାଜପାରେ ଯୋଗଦାନ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ରାଜ ଭାଟି ନିକଟରେ ବୁଧବାର ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରନଗର ବ୍ଲକ ପାପସରା ଅଞ୍ଚଳର ଗଜେନ୍ଦ୍ର ବେହେରା, ସୁବାସ ବେହେରା, ଭବାନୀ ଶଙ୍କର ବେହେରା, ଟିଟୁ ପ୍ରଧାନ, ବାଇଝଲି ପ୍ରଧାନ, ତ୍ରିଲୋଚନ ନାୟକ, ନିଧି ନାୟକ, ସୁବିଦ୍ଧି ନାୟକ, ସିପୁ ପ୍ରଧାନ, ସପନେଶ୍ୱର ବିଶ୍ୱାଳଙ୍କ ସମେତ ବହୁ ଅନ୍ୟ ଦଳର କର୍ମୀ ମାନେ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ସମସ୍ତ କର୍ମୀମାନଙ୍କୁ ଦଳୀୟ ପତ୍ତକା ଦେବା ସହ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ସାଏ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ, ପରେଶ ଦେଓ, (ଯୁବ ନେତା ତଥା ସମାଜ ସେବୀ ବିଶ୍ୱରଂଜନ ପ୍ରଧାନ ଏବଂ ହଣ୍ଡପା ସମିତିସଭ୍ୟ ଆନୁକୁଲ୍ୟ ବେହେରା ମଧ ଉପସ୍ଥିତ ଥିଲେ ।

## ଲୋକ ମହୋତ୍ସବର ୫ମ ସନ୍ଧ୍ୟା

# ପାରମ୍ପରିକ ବିହୁ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ

ତାଳଚେର/ ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ଲୋକ ମହୋତ୍ସବର ୫ମ ସନ୍ଧ୍ୟାରେ ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଓ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡିଶା ତଥା ତାଳଚେର ପାଇଁ ଗୌରବ ଆଣି ଦେଇଥିବା ଅନିମେଷ ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ସଦସ୍ୟ ରାଜେନ୍ଦ୍ର କୁମାର ସିଂହ,ଅରୁଣ କୁମାର ପ୍ରଧାନ, ସଞ୍ଜୟ ସାହୁ ଓ ଗଗନ ବିହାରୀ ସାହୁ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ଆସାମର କଳାକାରମାନେ ପାରମ୍ପରିକ ବିହୁ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ପାରିଥିଲେ । ସେହିପରି ଜଟଣୀର ନୀଳଶୈଳ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ଓ ବାଙ୍କୀର ସିଂଘମ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ଓଡଶୀ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଅନୁଗୋଳର ନୃତ୍ୟାୟନୀ ଓ ଆଦୃତା ଅନୁଷ୍ଠାନର କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ କଳାକାରମାନଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲ।। କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର ସହକାରୀ ଜିଲ୍ଲପାଳ ନାରାୟଣ ସେଠୀ, ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।



# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଷ୍ଟେ : ଘଟୁଛି ଦୁର୍ଘଟଣା



ବୁଗୁଡା, (ସବ୍ୟୁ): ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟକୁ ଟାଣି ଧରିଥିବା ଷ୍ଟେ ତାର । ଫଳରେ ଘଟୁଛି ଅନେକ ଦୁର୍ଘଟଣା । ଏହାକୁ ବିଦ୍ୟୁତ୍ ବିଭାଗ ଅଣଦେଖା କରୁଥିବାରୁ ସାଧାରଣରେ ଦେଖା ଦେଇଛି ଅସନ୍ତୋଷ। ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡା ବ୍ଲକର କୁଞ୍ଜବନ-ଗୌଡିଆବୋରଦା ଗାଁ କେନାଲ ରାସ୍ତାରେ। ସେହି ରାସ୍ତାରେ ଏଭଳି ଅବ୍ୟବସ୍ଥା ଯୋଗୁଁ ଅନେକ ଥର ଦୁର୍ଘଟଣା ଘଟିଥିଲେ ହେଁ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଜନୈକ ବୃଦ୍ଧ ଗାଈଗୋରୁଙ୍କ ପାଇଁ ସାଇକେଲରେ ଘାସ ବୋଝେଇ କରି ଘରକୁ ଫେରୁଥିବା ବେଳେ ସେହି ତାର ସହ ଧକ୍କା ହୋଇ ଆହତ ହୋଇଥିଲେ । ସେ କଚାଡି ହୋଇ ପଡିବା ଫଳରେ ତାଙ୍କର ମୁହଁ ଏବଂ ବାମ ପଟ ଡେଣା ଖଣ୍ଡିଆ ଖାବରା ହୋଇଯାଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ଅନ୍ୟ ଲୋକେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ଆଣି ଚିକିତ୍ସା କରାଇଥିଲେ । ଅନ୍ୟପକ୍ଷରେ ଗତ ସପ୍ତାହରେ ଟାଇଁ ଟାଇଁ ଖରାବେଳେ ବାଇକରେ ଆସୁଥିବା ଏକ ଦମ୍ପତ୍ତି ରାସ୍ତା ମଝିରେ ଥିବା ସେହି ଲୁହା ତାରକୁ ଭଲ ଭାବରେ ଦେଖିନପାରି ଧକ୍କା ଦେବା ପୂର୍ବରୁ ହଠାତ୍ ବ୍ରେକ୍ ମାରିବା ଫଳରେ ଭାରସାମ୍ୟ ହରାଇ ପଡିଯିବାରୁ ଖଣ୍ଡିଆ ଖାବରା ହୋଇଥିଲେ । ଏଣୁ ଦୁର୍ଘଟଣାକୁ ଆହ୍ୱାନ କରୁଥିବା ରାସ୍ତା ମଝିରେ ଥିବା ସେହି ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ୱାଇରକୁ ତୁରନ୍ତ ହଟାଇବା ନିମନ୍ତେ ବିଦ୍ୟୁତ୍ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଅନୁଗୁଳ ଓ ଢେଙ୍କାନାଳର ମିଳିତ ନିର୍ବାଚନ ପ୍ରସ୍ତୁତି ବୈଠକ



ଅନୁଗୁଳ, (ସବ୍ୟୁ) : ସାଧାରଣ ନିର୍ବାଚନ ୨୦୨୪ କୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ଅନୁଗୁଳ ଜିଲ୍ଲାପାଳ ଅଦାଲ୍ ଏମ୍ ଅଖର ଓ ଢେଙ୍କାନାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ନିର୍ବାଚନ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୁଇ ଜିଲ୍ଲାରେ ମୁଖ୍ୟତଃ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ମଣ୍ଡଳୀର ନିର୍ବାଚନ ପ୍ରସ୍ତୁତିକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଦୁଇ ଜିଲ୍ଲାରେ ନିର୍ବାଚନ ନିମନ୍ତେ ଚଳିତ ମାସ ୨୯ ତାରିଖରେ ବିଧିବଦ୍ଧ ଭାବେ ଗେଜେଟ୍ ନୋଟିଫିକେସନ୍ ପ୍ରକାଶ ପାଇବା ସେହିପରି ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମଇ ୬, ପ୍ରାର୍ଥୀ ପତ୍ର ଯାଞ୍ଚ ମଇ ୭ ଓ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ମଇ ୯ ତାରିଖ ହୋଇଥିବାରୁ ଏହି ସମସ୍ତ ପ୍ରକ୍ରିୟା ସୁବିଧା ଓ 'ଏନକୋଡ୍ ପୋର୍ଟାଲ୍ ମାଧ୍ୟମରେ କିପରି କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଓ ପ୍ରତାପ ପ୍ରୀତିମୟ, ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଓ ଅନିତା ପାତ୍ର , ଅନୁଗୁଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତ ଚାଟାର୍ଜୀ, ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ପାଲଲହଡା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଢେଙ୍କାନାଳ ଉପଜିଲ୍ଲାପାଳ ସପନ କୁମାର ନନ୍ଦ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଓ କାମାକ୍ଷାନଗର ଉପ ଜିଲ୍ଲାପାଳ ନାରାୟଣ ଚନ୍ଦ୍ରନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଅନିମେଶ ପ୍ରଧାନ ସମ୍ବର୍ଦ୍ଧିତ



ସାଉଥବଲଣ୍ଡା, (ସବ୍ୟୁ) : ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ୟୁପିଏସସି ସିଭିଲ ସର୍ଭିସ ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଶ୍ରୀମାନ ଅନିମେଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଗୌରଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇନ୍ଦୁଲତା ମହାରଣା, ସୁଶିଲ କୁମାର ମାଝୀ, ମଧୁସୁଦନ ସାହୁ, ନରେଶ ଚନ୍ଦ୍ର ସ୍ୱାଇଁ ଉପଢୌକନ୍, ପୁଷ୍ପ ଗୁଚ୍ଛ, ସ୍ମାରକୀ ଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ସାହୁ ନିଜସ୍ୱ ଲିଖିତ ପୁସ୍ତକ ଅମୃତ ଗାଥା ପ୍ରଦାନ କରିଥିବାବେଳେ ବରିଷ୍ଠ ସଦସ୍ୟ ଜଗବନ୍ଧୁ ବାରିକ, ଅନିମେଶ୍ ପ୍ରଧାନଙ୍କ ଜୀବନ ଶୈଳୀ ଉପରେ ଏକ କବିତା ଆବୃତି କରିଥିଲେ। ଏହିସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦିବାକର ସାହୁ, କାଠି ମହାନ୍ତି,ବଳଭଦ୍ର ସାହୁ, ଗଗନ ବିହାରୀ ସାହୁ ସରପଂଚ ଅନିଲ କୁମାର ପ୍ରଧାନ ଶିକ୍ଷାବିତ୍ ଚକ୍ରଧର ପ୍ରଧାନ ସହିତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କଂଗ୍ରେସର ବାଇକ୍ ରାଲି ଓ ସାଧାରଣ ସଭା




ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ ଅନ୍ତର୍ଗତ ଅନ୍ତରା ଜୋନ୍‌ରେ କଂଗ୍ରେସର ଏକ ବାଇକ୍ ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶହ ଶହ ସଂଖ୍ୟାର ସମର୍ଥକଙ୍କ ଏକ ବାଇକ୍ ରାଲି ଅଡ଼ା ଛକରୁ ବାହାରି ଅନ୍ତରା ବଜାର ଦେଇ କନ୍ଦଡ଼ା ଠାରେ ପହଞ୍ଚିଥିଲା । ପରେ ଯୁବନେତା ଭାଗୀରଥି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଭଦ୍ରକର ସାଂସଦ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ବ୍ଲକ କଂଗ୍ରେସ ସଭାପତି ଶରତ ଦାସ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । କଂଗ୍ରେସ ସମୟରେ ଆରମ୍ଭ ହୋଇଥିବା ଲୋକାଭିମୁଖୀ ଯୋଜନାକୁ ପରିବର୍ତ୍ତନ କରି ମୋଦୀ ସରକାର ବାହାବାହା ନେଉଥିବା ପ୍ରକାଶ କରିଥିଲେ । ସେହିଭଳି ରାଜ୍ୟ ସରକାର ଜଣେ ତାମିଲ ଶାସକଙ୍କ ନିୟନ୍ତ୍ରଣରେ ରହିଥିବାରୁ ଭୋଟର ଉଭୟ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରଶାନ୍ତ ପାତ୍ର, ସଂଜୟ ଦଳେଇ, ଯୁବକଂଗ୍ରେସ ସଭାପତି ନିରଂଜନ ପରିଡ଼ା, ମହେନ୍ଦ୍ର ସେନାପତି, ପ୍ରଫୁଲ୍ଲ କୁମାର ଦାସ ମଂଚାସୀନ ହୋଇ ସିମୁଳିଆରେ ଏଥର ଆମଦାନୀ ହୋଇ ଆସିଥିବା ପ୍ରାର୍ଥୀନୀକୁ ହଟାଇବା ସହ ୪୪ବର୍ଷ ଧରି ଶାସନରେ ରହିଥିବା ଦୁଇ ପରିବାରଙ୍କୁ ହଟାଇବା ଆବଶ୍ୟକ ବୋଲି କହିଥିଲେ। ସର୍ବୋପରି ଏଥର ସିମୁଳିଆରେ ପରିବର୍ତ୍ତନ ଅବସମ୍ଭାବୀ ଏବଂ କଂଗ୍ରେସ ବାଜିମାତ କରିବବୋଲି କହିଥିଲେ ।

# କାନ୍ଥପଡ଼ି ବୃଦ୍ଧଙ୍କ ମୃତ୍ୟୁ

ନୀଳଗିରି,(ସବ୍ୟୁ) :ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୭ନମ୍ବର ୱାର୍ଡ ବାଲିଗୋହିରୀ ଗ୍ରାମରେ କାନ୍ଥପଡ଼ି ନବଘନ ସାହୁ (୬୫)ନାମକ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିବା ଘଟଣାକୁ ନେଇ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବାଲିଗୋହିରୀ ଗ୍ରାମର ନବଘନ ସାହୁ ପ୍ରତ୍ୟେକଦିନ ଭଳି ଗତକାଲି ରାତି ପ୍ରାୟ ୯ଟା ସମୟରେ ଖାଇପିଇ ସାରି ଗୁହାଳକୁ ଯାଇ ଗୋରୁଙ୍କୁ ଖାଇବାକୁ ଦେଇ ଫେରିବା ବେଳେ ହଠାତ୍ ଗୁହାଳର ଇଟାକାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା । କାନ୍ଥତଳେ ଚାପିହୋଇ ଶ୍ରୀ ସାହୁ ଚିତ୍କାର କରିବାରୁ ଘର ଲୋକଙ୍କ ସମେତ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସାପରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବା ବେଳେ ବାଟରେ ନବଘନଙ୍କର ପରଲୋକ ଘଟିଥିଲା । ମରଶରୀର ଗାଁରେ ପହଞ୍ଚିବାପରେ ପରିବାର ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ୨ପୁଅ ବୋହୂ ,୨ ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ସ୍ୱର୍ଗତଃ ସାହୁଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିବା ବେଳେ ଜ୍ୟୋଷ୍ଠପୁତ୍ର ମାନସ ରଂଜନ ସାହୁ ମୁଖାଗ୍ନି ଦେଇଥିଲେ । ନବଘନ ସାହୁ ଜଣେ ମେଳାପୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ପରିଚିତ ଥିବାରୁ ତାଙ୍କର ଏହି ପରଲୋକ ଘଟଣା ତମାମ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ବହୁ ବ୍ୟକ୍ତି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ଚାକିରି ନାମରେ ୨ କୋଟି ଠକେଇ ମାମଲା

# ଅନ୍ୟତମ ସହଯୋଗୀ ଗିରଫ

ସୋର,(ସବ୍ୟୁ) : ବିଭିନ୍ନ ସମୟରେ ଲୋକଙ୍କୁ ଚାକରି ଏବଂ ଏଜେନ୍ସି ଆଦି କରେଇ ଦେବା ନାମରେ କୋଟିକୋଟି ଠକେଇ କରିଥିବା ଅଭିଯୋଗରେ ଗତ ୨୪ ତାରିଖ ଦିନ ସୋର ପୁଲିସ ଜଣକୁ ଗିରଫ କରି କୋଟ ଚାଲାଣ କରିଥିବା ବେଳେ ଆଜି ତାର ଅନ୍ୟତମ ସହଯୋଗୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଅଂଚଳର ବିଭିନ୍ନ ସମୟରେ କୋକଙ୍କଠାରୁ ଚାକିରି ଏବଂ ଏଜେନ୍ସି କରେଇ ଦେବା ନାମରେ ୨ କୋଟି ୧୬ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ସୋର ପୁଲିସ ସୋର ଥାନା ମାଣତ୍ରୀ ଗ୍ରାମର ରମେଶ ଚନ୍ଦ୍ର ପାଢ଼ୀକୁ ଗିରଫ କରିଥିଲା। ପ୍ରକାଶ ଯେ ଗତ ୨୦୧୯ ମସିହାରେ ସୋର ଥାନା ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମର ସଞ୍ଜୟ କୁମାର ପଣ୍ଡା ଓ ତାଙ୍କର ୨୨ ଜଣ ସାଥୀଙ୍କୁ ବ୍ୟାଙ୍କରେ ଚାକିରି କରାଇଦେବାର ଆଳ ଦେଖାଇ ପ୍ରତ୍ୟେକଙ୍କ ଠାରୁ ୩ ଲକ୍ଷ ଲେଖାଏଁ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ମିଳିବାର କୌଣସି ସୂଚନା ନମିଳିବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସାଥୀମାନେ ରମେଶଙ୍କୁ ଧରିବାରୁ ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ ଏ ବାବଦରେ କୌଣସି ବିଜ୍ଞାପନ ଆସିନଥିବା ବ୍ୟାଙ୍କ ପକ୍ଷରୁ ସୂଚନା ପାଇବା ପରେ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ସାଥୀମାନେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ଭାବେ ସୋର ଅଞ୍ଚଳର ସୁଶାନ୍ତ କୁମାର ଦାସଙ୍କ ଠାରୁ ୨୦୧୫ ମସିହାରେ କିରୋସିନ ଡିଲରସିପ୍ କରାଇଦେବାର ଆଳ ଦେଖାଇ ୫୮ ଲକ୍ଷ ଟଙ୍କା ଠକିଥିବା ଶ୍ରୀ ଦାସ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ପୁଲିସ ଅଭିଯୋଗ ମୂଳେ ୩୬୦/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରିବା ପରେ ଏହାର ଅନ୍ୟତମ ଅଭିଯୁକ୍ତ ଖଇରା ଥାନା ଗଣ୍ଡିବେଡ଼ ପାର୍ବତୀପୁର ଗ୍ରାମର ଲକ୍ଷ୍ମୀନାରାଞ୍ଚ ଦାସକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

# ବିଜେଡ଼ିରେ ସାମିଲ ହେଲେ ୭୪ଜଣ ଲୋକପ୍ରତିନିଧି

ନୀଳଗିରି,(ସବ୍ୟୁ) : ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାରଦିନ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ନୀଳଗିରି ବିଧାନସଭା କ୍ଷେତ୍ରପାଇଁ ଅଦ୍ୟାବଧି କୌଣସି ପ୍ରମୁଖଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରି ନାହାଁନ୍ତି । ତେବେ ବିଜେପି ଛାଡ଼ି ବିଜେଡ଼ିରେ ସାମିଲ ହୋଇଥିବା ବର୍ତ୍ତମାନର ବିଧାୟକ ସୁକାନ୍ତ ନାୟକ ଶାସକ ବିଜୁ ଜନତାଦଳ ରେ ଯୋଗଦେବାପରେ ଶ୍ରୀ ନାୟକ ଟିକେଟ ଦୌଡ଼ରେ ଆଗରେ ଥିବା ଚର୍ଚ୍ଚା ହେଉଥିବା ବେଳେ ବିଜୁଜନତା ଦଳପକ୍ଷରୁ ୫ବର୍ଷ ଧରି ମଙ୍ଗଧରିଥିବା ସନ୍ତୋଷ ଖଟୁଆଙ୍କ ପାଇଁ ଅଡୁଆ ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି । ଉଭୟନେତା ନିଜ ସପକ୍ଷରେ ଜନସମର୍ଥନ ଯୋଗାଡ଼ କରି ମିଶଣ ପର୍ବ କରିଆସୁଛନ୍ତି । ଗୁରୁବାର ଅପରାହ୍ଣ ସମୟରେ ବିଧାୟକ ସୁକାନ୍ତ ନାୟକ ନିଜ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମ୍ମିଳନୀରେ ୭୪ଜଣ ଲୋକପ୍ରତିନିଧି ବିଧାୟକ ସୁକାନ୍ତ ନାୟକଙ୍କୁ ନିଜର ସମର୍ଥନ ଜଣାଇଥିଲେ । ଏଥିରେ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ନ୍ୟାଏବ ସରପଞ୍ଚ, ସରପଞ୍ଚ ପ୍ରାର୍ଥୀ ସମିତିସଭ୍ୟ ପ୍ରାର୍ଥୀ, ଲ୍ୟାମ୍ପ ଡାଇରେକ୍ଟର ପାଣିପଞ୍ଚାୟତ ସଭ୍ୟ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭିନ୍ନ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟା, ପୂର୍ବତନ ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ସାମିଲ ହୋଇଥିଲେ । ବିଧାୟକ ସୁକାନ୍ତ ନାୟକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ବିଜେଡ଼ିର ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ, ରାମକୃଷ୍ଣ ମହାପାତ୍ର, କୂଳମଣି ନାୟକ ପ୍ରମୁଖ ବହୁ ସହକର୍ମୀ ସହଯୋଗ କରିଥିଲେ ।

# ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ମୋରଡା ,(ସବ୍ୟୁ) : ମୋରଡା ନିର୍ବାଚନୀ ମଣ୍ଡଳୀ ମୋରଡା ବ୍ଲକ କୋହି ଠାରେ ପ୍ରଥମ କର୍ମୀ ସମ୍ମିଳନୀ ଗୁରୁବାର ସାଂସଦ ପ୍ରାଥୀ ସୁଦାମ ମାର୍ଣ୍ଡି, ବିଧାୟିକ ପ୍ରାଥୀନୀ ପ୍ରୀତିନନ୍ଦା କାନୁନଗୋ କୋହି ପଞ୍ଚାୟତ ଜଗତେଶ୍ୱର ମହାଦେବ ପୀଠରୁ ଆଶୀର୍ବାଦ ନେଇ ପଂଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ କରିଛନ୍ତି। ପରବର୍ତୀ ସମ୍ମିଳନୀ ଶୁକ୍ରବାର ଦାନ୍ତିଆମୁହାଁ ରାଉତେଶ୍ୱରୀ ଗ୍ରାମ ଦେବୀଙ୍କ ପୀଠରୁ ଆଶୀର୍ବାଦ ଭିକ୍ଷାକରି ବିଧାୟକ ପ୍ରାଥୀନୀ ଶ୍ରୀମତୀ କାନୁନଗୋ ବ୍ଲକ ସଭାପତି ସମୀର କୁମାର ବେହେରା ଙ୍କ ନେତୃତ୍ୱରେ ବାଇକ ରାଲି ଯୋଗେ ଦାନ୍ତିଆମୁହାଁ ଗାଁ ପରିକ୍ରମା କରି ଅନୁଷ୍ଠିତ ସଭା ସ୍ଥଳୀଙ୍କୁ ଆସିଥିଲେ ।ଫୁଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଦାନ୍ତିଆମୁହାଁ ସଭାରେ ଗଜେନ ଗଂଧୁଆ, ପିଣ୍ଟୁ ସିଂ, ପଦ୍ମାଳଚ ବାରିକ, ସୁରତି ଗଂଧୁଆ କଂଗ୍ରେସରୁ ଆସି ବିଜେଡିରେ ଯୋଗ ଦେଇଥିଲେ । ବ୍ଲକ ସଂଯଜକ ମୀନକେତନ ମହାନ୍ତି ଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ନିର୍ବାଚନ ମଣ୍ଡଳୀର କୋଡିନେଟର କୃଷ୍ଣନନ୍ଦ ମହାନ୍ତିଙ୍କ ଅଭିଭାଷଣ ରେ ସରକାରଙ୍କ ବିଭିନ୍ନ ଯୋଜନା ରୂପାନ୍ତରିତ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ରାଜ୍ୟରେ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱରେ ପଚିଶ ବର୍ଷ ଧରୀ ବିକାଶର ପର୍ବ ଚାଲିଛି ବୋଲି କହିଥିଲେ । ମଞ୍ଚରେ ଉପସ୍ଥିତ ଥିବା ବିଧାୟିକ ପ୍ରାଥୀନି ଶ୍ରୀମତୀ କାନୁନଗୋ, ମୋରଡା ବିଧାୟକ ରାଜକିଶୋର ଦାସ ଜିଲ୍ଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ମିନାକ୍ଷୀ ସରେନ, ଦାନ୍ତିଆମୁହାଁ ନାଏବ ସରପଞ୍ଚ ନିରଞ୍ଜନ ସି ମଞ୍ଚାସିନ ଥିଲେ । ଦାନ୍ତିଆମୁହାଁ ପରେ ସୁରେଇଡ଼ିହି ପଞ୍ଚାୟତରେକର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କର୍ମୀ ସମ୍ମିଳନୀରେ ଆଗାମୀ ନିର୍ବାଚନରେ ଯୋଡି ଶଙ୍ଖରେ ମହର ମାରି ଉଭୟ ବିଧାୟକ ଓ ସାଂସଦ ପାର୍ଥୀଙ୍କୁ ଜିତାଇବାକୁ ଜନସାଧାରଣ ଙ୍କୁ ଅନୁରୋଧ କରିଥିଲେ

# ଗାଡି ଓଲଟି ୧ ଗୋରୁ ମୃତ, ୭ ଉଦ୍ଧାର

ଧାମନଗର, (ସବ୍ୟୁ) : ଧାମନଗରରେ ବେଆଇନ ଗୋଚାଲାଣ ଏବେ ସକ୍ରିୟ ରହିଛି। ବିଳମ୍ବିତ ରାତିରେ ଚୋରା ଗୋରୁ ବ୍ୟବସାୟୀ ମାନେ ସେମାନଙ୍କର ବ୍ୟବସାୟ ଚଳାଇଛନ୍ତି। ବୁଧବାର ରାତି ପ୍ରାୟ ଗୋଟାଏ ବେଳେ ଏକ ଗୋରୁ ବୋଝେଇ ପିକଅପ ଗାଡି ଓଲଟି ପଡିବାରୁ ଏହି ଘଟଣା ସାମନାକୁ ଆସିଛି। ଖବର ନେବାରୁ ଜଣାଯାଇଛି ଯେ ଗତ ବୁଧବାର ବିଳମ୍ବିତ ରାତିରେ ଧାମନଗରରୁ ଏକ ପିକ୍‌ଅପ ଗାଡି ୧୧ ଟି ଗୋରୁଙ୍କୁ ନେଇ ଦୃତଗତିରେ ଭଦ୍ରକ ଆଡକୁ ଯାଉଥିଲା। ଧାମନଗର-ଭଦ୍ରକ ରାସ୍ତା ର ପଳିକିରି ଛକଠାରେ ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଂଜୟ ଦାସଙ୍କ କାରକୁ ଧକ୍କା ଦେଇ କିଛି ଦୁରରେ ଓଲଟି ପଡିଥିଲା। ଡ.ଦାସ ଫୋନକରି ନିଜ ଦଳୀୟ କର୍ମୀଙ୍କୁ ଡକାଇ ଥିଲେ। ସ୍ଥାନୀୟ ପୋଲିସକୁ ମଧ୍ୟ ଖବର ଦିଆଯାଇଥିଲା। ଓଲଟି ପଡିଥିବା ଗାଡିରୁ ଅତି ଦୟନିୟ ଭାବେ ଗୋଡ ବନ୍ଧାଯାଇଥିବା ଗୋରୁଙ୍କୁ ଉଦ୍ଧାର କରାଯାଉଥିବା ବେଳେ ତିନୋଟି ଗୋରୁ ଦୌଡି ପଳାଇଥିଲେ ଏବଂ ଗୋଟିଏ ଗୋରୁର ମୃତ୍ୟୁ ହୋଇଯାଇଥିଲା। ଅବଶିଷ୍ଟ ୭ଟି ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଗୋଶାଳା ପଠାଇ ପିକ୍‌ଅପ ଗାଡି(ଓଡି୩୪ଏଫ୍୯୭୨୧)ଟିକୁ ଜବତ କରିଥିବା ଜଣାଯାଇଛି। ସମ୍ପୃକ୍ତ ଗାଡିର ଡ୍ରାଇଭର ଫେରାର ହୋଇଯାଇଛି। ତେବେ ଧାମନଗର ପୋଲିସର ରାତ୍ରୀକାଳୀନ ପେଟ୍ରୋଲିଂ ଢିଲା ହେଉଛି ନା ପୋଲିସ ଜାଣିଶୁଣି ଚୋରା ଗୋରୁ ବ୍ୟବସାୟୀଙ୍କୁ ସହଯୋଗ କରୁଛି ସେନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତଦନ୍ତ ନିମନ୍ତେ ଦୃଷ୍ଟି ଆକର୍ଷଣ କରାଯାଇଛି।

# ନଳିନୀକାନ୍ତ ମହାନ୍ତି କଂଗ୍ରେସର ଭଦ୍ରକ ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ

ଭଦ୍ରକ, (ସବ୍ୟୁ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ଲୋକସଭାର ପ୍ରଚାର କମିଟି ମୁଖ୍ୟଙ୍କ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ୨୧ ଲୋକସଭା ଆସନ ମଧ୍ୟରୁ ୧୯ଟି ଆସନରେ ଆଜି ପ୍ରଚାର କମିଟି ଅଧ୍ୟକ୍ଷ ନାମ ପ୍ରକାଶ ପାଇଛି। ଭଦ୍ରକ ଲୋକସଭା ଅଧିନ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନଳୀନୀକାନ୍ତ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଶ୍ରୀ ମହାନ୍ତି ୨୦୧୯ ନିର୍ବାଚନରେ ଭଦ୍ରକ ବିଧାନସଭାରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେହିଭଳି ଲୋକସଭା କଂଗ୍ରେସ ସଂଗଠନ ନିମନ୍ତେ ସେ ଦିଲ୍ଲୀରେ ବହୁତ ଥର ତାଲିମ ନେଇଛନ୍ତି। ରାହୁଲ ଗାନ୍ଧୀଙ୍କ ସହ ମିଶି ଦେଶରେ ବିଭିନ୍ନ ରାଜ୍ୟରେ କଂଗ୍ରେସ ସଙ୍ଗଠନ କାର୍ଯ୍ୟ କରିବା ସହ ସୋସିଆଲ ଓ ଡିଜିଟାଲ କ୍ଷେତ୍ରରେ ମଧ୍ୟ ତାଲିମ ନେଇଛନ୍ତି। ଚଳିତ ନିର୍ବାଚନରେ ପ୍ରମୁଖ ଟିକେଟ ଦାବିଦାର ଥିଲେ। ହେଲେ ନିଜେ ଲଢ଼ିବା ବଦଳରେ ଦଳ ଜିତିବା ଲକ୍ଷ୍ୟ ନେଇ ଅତିସ ପଟ୍ଟନାୟକଙ୍କୁ ବାଟ ଛାଡ଼ିଛନ୍ତି। ଭଦ୍ରକ ବିଧାନସଭା କଂଗ୍ରେସ ଦଖଲ ନେଇ ଏବେ କାର୍ଯ୍ୟ କରୁଥିବାବେଳେ ଲୋକସଭା ଅଧୀନରେ କଂଗ୍ରେସ ଫଳାଫଳ କିଭଳି ଭଲ ହେବ ସେ ଦିଗରେ ରଣନୀତି ଆପଣେଇଛନ୍ତି। ତାଙ୍କୁ ଏହି ପଦ ମିଳିବା ପରେ ବହୁ କଂଗ୍ରେସ ନେତା ଖୁସି ବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ଦାୟିତ୍ୱ ପାଇବା ପରେ ଶ୍ରୀ ମହାନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ପି.ସି.ସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଡ଼. ଅଜୟ କୁମାର, ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭଦ୍ରକ ଲୋକସଭା କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ମାନସ ଚୌଧୁରୀ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କଂଗ୍ରେସ ବିଧାୟକ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ବୈଠକ

ନୀଳଗିରି, (ସବ୍ୟୁ) : ଶୁକ୍ରବାର ଅପରାହ୍ଣ ସମୟରେ ନୀଳଗିରି କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଯୁବକଂଗ୍ରେସ ସଭାପତି ଜୟଦେବ ବେହେରା ଓ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବହୁ ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପାଖାପାଖି ୭୦ ପ୍ରତିଶତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଥିବା ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ଅଦ୍ୟାବଧି ପ୍ରାର୍ଥୀ ଘୋଷଣାରେ ବିଳମ୍ବ ନେଇ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ବୈଠକରେ ୧୦୦ରୁ ଅଧିକ କର୍ମକର୍ତ୍ତା ଯୋଗଦେଇଥିବା ବେଳେ ସର୍ବସମ୍ମତି କ୍ରମେ ନୀଳଗିରି ବିଧାନସଭା ଆସନପାଇଁ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଅଚାର୍ଯ୍ୟଙ୍କ ନାମ ଘୋଷଣା କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କଂଗ୍ରେସ ସଂଗଠନରେ ତୃଣମୂଳସ୍ତରରେ ନୀଳଗିରି ମାଟିରେ ଅକ୍ଷୟ ଆଚାର୍ଯ୍ୟଙ୍କ ଅବଦାନ ଅତୁଳନୀୟ ବୋଲି ଛାତ୍ରକଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର ମତ ଦେଇଥିବା ବେଳେ ଖୁବ୍ ଶୀଘ୍ର ପ୍ରଦେଶ କଂଗ୍ରେସ କମିଟି ଏବଂ ଅଖିଳ ଭାରତୀୟ କଂଗ୍ରେସ କମିଟି ଅକ୍ଷୟ ଆଚାର୍ଯ୍ୟଙ୍କ ନାମରେ ମୋହରମାରି ବିଧାୟକ ପ୍ରାର୍ଥୀଭାବେ ଘୋଷଣା କରିବାକୁ ଚିଠି ଲେଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

# ସାରୁଗାଁ ପଞ୍ଚାୟତରେ କଂଗ୍ରେସର ନିର୍ବାଚନୀ ପ୍ରଚାର

ଖଇରା,(ସବ୍ୟୁ) : :ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଅନ୍ୟ ଦଳମାନଙ୍କ ଠାରୁ ଆଗରେ ରହିଛି । ପ୍ରବଳ ଖରାକୁ ଖାତିର ନକରି ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଭୋଟରଙ୍କୁ କଂଗ୍ରେସ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଉଥିବା ଦେଖିବାକୁ ମିଳିଛି । ଗୁରୁବାର ସାରୁଗାଁ ପଞ୍ଚାୟତର ତିଳଦା ଗ୍ରାମରେ ଘରକୁ ଘର ବୁଲି କଂଗ୍ରେସ ର ସ୍ଲୋଗାନ ଉନ୍ନତି,ନ୍ୟାୟ ଓ ଅଧିକାର ଉପରେ ବୁଝାଇଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ଭତ୍ତା,ଧାନର ସହାୟକ ମୁଲ୍ୟ ବୃଦ୍ଧି,ନୂଆ ନିଯୁକ୍ତି ସୃଷ୍ଟି ଭଳି ଗ୍ୟାରେଣ୍ଟି ସମ୍ପର୍କରେ ଅନ୍ୟତମ ନେତୃବୃନ୍ଦ ନିରଞ୍ଜନ ପରିଡା,ପ୍ରଫୁଲ୍ଲ କୁମାର ସାହୁ,ତପନ ଦାସ,ବାବୁଲି ଜେନା,ବିଶ୍ୱଜିତ ରାଉଳ ପ୍ରମୁଖ ସଚେତନ କରାଇଥିଲେ । ଭୋଟର ମାନେ ମଧ୍ୟ ତାଙ୍କୁ ଅକୁଣ୍ଠ ସମର୍ଥନ ପାଇଁ ପ୍ରତିଶୃତି ଦେଇଥିଲେ । ସ୍ଥାନୀୟ କଂଗ୍ରେସ ନେତା ଜଗବନ୍ଧୁ ନାୟକ,ରତ୍ନାକର ଦାସ, ଅଲୋକ ଓଝା,ସତ୍ୟାନନ୍ଦ ଓଝା ଓ ଅନାଦି ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ

ସିମୁଳିଆ,(ସବ୍ୟୁ) :ପୂର୍ବ ଶତୃତାକୁ କେନ୍ଦ୍ର କରି ଜନୈକ ଯୁବକକୁ ମରଣାତ୍ମକ ଆକ୍ରମଣ କରାଯିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତିକରାଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ୧୦୮ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ମହମ୍ମଦପୁର ଗ୍ରାମର ମହେଶ୍ୱର ସାହୁ ସିମୁଳିଆ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ଗୁରୁବାର ରାତିରେ ସେ ଘରକୁ ଫେରୁଥିବା ସମୟରେ ମହମ୍ମଦପୁର ପୋଲ ନିକଟରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଯୋଜନା ବଦ୍ଧଭାବେ ସେହି ଗ୍ରାମର ବିଶ୍ୱଜିତ ସାହୁ,ରମେଶ ଚନ୍ଦ୍ର ସାହୁ ଓ ଶାନ୍ତିଲତା ସାହୁ ଏକ ଧାରୁଆ ଅସ୍ତ୍ର ସାହାର୍ଯ୍ୟରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ମହେଶ୍ୱର ଗୁରୁତର ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇ ଚିତ୍କାର କରିଥିଲେ । ଚିତ୍କାର ଶୁଣି ଗ୍ରାମବାସୀ ମାନେ ଗୁରୁତର ଅବସ୍ଥାରେ ମହେଶ୍ୱରଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଅବସ୍ଥା ଅଧିକ ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଏ ସଂକ୍ରାନ୍ତରେ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ବାବା ଭୂଜାଖିଆ ପୀରଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ସହରର ସୁନହଟ ଠାରେ ଥିବା ବାବା ଭୂଜାଖିଆ ପୀରଙ୍କ ୮୦ତମ ବାର୍ଷିକ ଉର୍ସ ଉତ୍ସବ ଶୁକ୍ରବାରଦିନ ଉଦ୍‌ଯାପିତ ହୋଇଯାଇଛି । ଚଳିତବର୍ଷ ଏପ୍ରିଲ ମାସ ୨୪, ୨୫ ଏବଂ ୨୬ ତାରିଖ ୩ଦିନ ଧରି ବାବାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ପୀଠରେ ପହଞ୍ଚି ପୂଜା ଓ ପ୍ରାର୍ଥନା କରିଥିଲେ । ଭକ୍ତମାନେ ୩ଦିନ ବ୍ୟାପୀ ବାବାଙ୍କୁ ଦର୍ଶନ କରିବା ସହ ଆସ୍ଥାନ ଉପରେ ଚଦର ଚଢାଇଥିଲେ । ବାବାଙ୍କ ପୀଠରେ ୩ଦିନ ବ୍ୟାପୀ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଜନଗହଳିକୁ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୀରବାବା ଶାନ୍ତିକମିଟି ଓ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ବିଜେଡିର କର୍ମୀ ସମ୍ମିଳନୀ : ଜମୁଛି ନିର୍ବାଚନ ପ୍ରଚାର

ଆରଡି,(ସବ୍ୟୁ): ଆସନ୍ତା ଜୁନ ୧ରେ ଭଦ୍ରକର ସମସ୍ତ ନିର୍ବାଚନ ମଣ୍ଡଳୀରେ ହେବ ଭୋଟ ଗ୍ରହଣ। ଏଥିପାଇଁ ବିଜେଡି,ବିଜେପି ଓ କଂଗ୍ରେସ ସମସ୍ତ ସ୍ଥାନରେ ପାର୍ଥି ଦେଇସାରିଛନ୍ତି। ହେଲେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ଚଳିତ ଥର ହେବ ତ୍ରିମୁଖି ଲଢେଇ। ଚାନ୍ଦବାଲିରେ ୨ଥର ବିଧାୟକ ହୋଇଥିବା ଡ.ବ୍ୟୋମକେଶ ରାୟ ଲଗାତାର ୩ୟ ଥର ପାଇଁ ବିଜେଡି ଦଳ ବିଧାୟକ ପାର୍ଥୀ ଭାବେ ଲଢୁଛନ୍ତି। ସେହିପରି ବିଜେପି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ୩ୟ ଥର ପାଇଁ ବିଜେପି ଦଳର ବିଧାୟକ ପାର୍ଥୀ ଭାବେ ଲଢୁଛନ୍ତି। ଦୁଇଦୁଇ ଥର ବିଜେଡି ଠାରୁ ପରାଜୟ ହେବା ପରେ ୩ୟ ଥର ପାଇଁ ମଇଦାନକୁ ଓହ୍ଲାଇଛନ୍ତି ମନମୋହନ। ସେହିପରି ପୂର୍ବରୁ ପରାଜୟ ହୋଇଥିବା କଂଗ୍ରେସଦଳ ବିଧାୟକ ପାର୍ଥୀ ଭାବେ ଅମୀୟ ମହାପାତ୍ର ଲଢୁଛନ୍ତି। ଯାହାକି ଚଳିତ ନିର୍ବାଚନ ଚାନ୍ଦବାଲିରେ କଡା ଟକ୍କର ହେବ। ଉଭୟ ଦଳ ପକ୍ଷରୁ ଜୋର ଧରିଛି ପ୍ରଚାର ଓ କର୍ମୀ ସମ୍ମିଳନୀ। ଗତ ମଙ୍ଗଳବାର ସଂଧ୍ୟାରେ ବିଜେଡି ଦଳର ବିଧାୟକ ପାର୍ଥୀ ଡ. ବ୍ୟୋମକେଶ ରାୟ ନାନ୍ଦପୁର ପଂଚାୟତରେ କର୍ମୀ ସମ୍ମିଳନୀ କରିବା ସହ ନିର୍ବାଚନ ପ୍ରଚାର କରିଥିଲେ। ଏହି ସମାବେଶରେ ହଜାର ହଜାର ବିଜେଡି ସମର୍ଥକଙ୍କ ସହ ଭୋଟର ମାନେ ଯୋଗ ଦେଇଥିଲେ। ଦୀର୍ଘ ୨୫ବର୍ଷ ନବୀନ ପଟନାୟକଙ୍କ ସରକାରରେ ରାଜ୍ୟରେ ଯେତିକି ଉନ୍ନତି ହୋଇଛି ତାହା ପୂର୍ବରୁ କେବେବି ହୋଇନଥିଲା। ବିଶେଷକରି ଚାନ୍ଦବାଲି ଉପକୂଳବର୍ତ୍ତୀ ଅଂଚଳରେ ରାସ୍ତା,ଜଳପଥରେ ବାଂଶଡାରେ ସେତୁ ନିର୍ମାଣ ସରିଥିବା ବେଳେ ତିନିତରରେ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି। ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାବନ୍ଧ ନିର୍ମାଣ,ଶୈବପୀଠ ଆଖଣ୍ଡଳମଣି ମନ୍ଦିର ଓ ପୀଠର ଉନ୍ନତି କରଣ ସହ ମେଡିକାଲ,ସମସ୍ତ ବିଦ୍ୟାଳୟ, ପାନ୍ଥନିବାସ, ପାର୍କ, ସାଇନ୍ସ ପାର୍କ ଆଦି କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା ହୋଇ ପାରିଛି। ଚଳିତ ନିର୍ବାଚନରେ ଯେପରି ପୁଣି ବିଜେଡି ବାଜିମାତ କରିବ ସେଥିପାଇଁ ଗାଁ ଗାଁ ଓ ଘରଘର ବୁଲି ନିର୍ବାଚନ ପ୍ରଚାର କରିବା ସହିତ ୬ଷ୍ଠ ଥର ପାଇଁ ପୁର୍ନବାର ନବୀନ ପଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟରମାନଙ୍କୁ ଯୋଡିଶଙ୍ଖରେ ଭୋଟ ଦେବା ପାଇଁ କହିଥିଲେ ବିଧାୟକ ପାର୍ଥୀ ଶ୍ରୀରାୟ। ଏହି କର୍ମୀ ସମ୍ମିଳନୀରେ ବିଜେଡି ଦଳର ବରିଷ୍ଠନେତା ଦିଜବର ରାଉତ,ନରେଶ ମାଝୀ,ଶରତ ସାହୁ,ଜିଲାପରିଷଦ ପ୍ରିନ୍ସ ରାକେଶ ନାୟକ,ସରୋଜ ଦାସ,ଗଣେଶ ବିଶ୍ୱାଳ,ପ୍ରସନ୍ନ ଜେନା,ଭଗବାନ ମାଝୀ,ତ୍ରଲୋଚନ ପଣ୍ଡା,ସପନ ନାୟକଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ସାରସ୍ୱତ ସାଧନା ପରିଷଦ ବାର୍ଷିକ ଉତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ବାଗଦା ବିନାୟକପୁର କିଆପଡାର ସାରସ୍ୱତ ସାଧନା ପରିଷଦର ତୃତୀୟ ବାର୍ଷିକ ଉତ୍ସବ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାର ମୁଖ୍ୟଅତିଥି ଭାବେ ଡ.ଶିରୀଶ ଚନ୍ଦ୍ର ଜେନା,ମୁଖ୍ୟବକ୍ତା ଭାବେ ଗବେଷକ ଓ ସାହିତ୍ୟିକ ଡ.ସୁରେନ୍ଦ୍ର ପ୍ରସାଦ ମହାନ୍ତି,ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର,ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ, ସାରସ୍ୱତ ସାଧନା ପରିଷଦର ଉପଦେଷ୍ଟା ପିତାମ୍ବର ମିଶ୍ର,ପ୍ରଧାନଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ଯୋଗଦେଇ ଉଦବୋଧନ ଦେଇଥିଲେ। ସଂପାଦକ ଗଦାଧର ଦାସ ସଂଯୋଜନା କରିଥିଲେ। ସାରସ୍ୱତ ସାଧନା ପରିଷଦ ପକ୍ଷରୁ କବି ଅକ୍ଷୟ କୁମାର ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ।

## କଲେଜ ଅଧ୍ୟକ୍ଷ ପଦ ପାଇଁ ଅଧ୍ୟାପକ ପାଗଳ

# ଉଚ୍ଚ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଡାକରା

ଧାମନଗର,(ସବ୍ୟୁ):ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଆସନରୁ ମହୁ ଝରୁଛି। ନୀତି ନିୟମକୁ ଉଲ୍ଲଂଘନ କରି ଏହି ମର୍ଯ୍ୟାଦାଜନକ ପଦବୀକୁ ଯେନତେନ ପ୍ରକାରେ ହାତେଇବା ପାଇଁ ଗତ କିଛିଦିନ ହେବ କେତେକ ଅଧ୍ୟାପକ ଲାଗିପଡିଥିବାବେଳେ ନିଜର ଚାକିରି ସରି ଆସୁଥିବା ଅଧ୍ୟକ୍ଷ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି ବୋଲି ଜଣାପଡିଛି। ଖବର ନେବାରୁ ଜଣାଯାଇଛି ଯେ ଧାମନଗର ମହାବିଦ୍ୟାଳୟର ବର୍ତ୍ତମାନ କାର୍ଯରତ ଅଧ୍ୟକ୍ଷ ଡକ୍ଟର ବନମାଳି ଦାସଙ୍କର ଚାକିରି ଚଳିତ ମାସ ୩୦ ତାରିଖରେ ସରୁଛି। ଏଣୁ ପରବର୍ତ୍ତି ଅଧ୍ୟକ୍ଷ କିଏ ହେବେ ତା'ର ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟମ ଅନୁସାରେ ବିଦାୟୀ ଅଧ୍ୟକ୍ଷ ପରବର୍ତ୍ତି ଅଧ୍ୟକ୍ଷ କିଏ ହେବେ ସେ ସମ୍ପର୍କରେ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ୪ ଜଣଙ୍କ ନାମ ତାଲିକା ପଠାଇବେ। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସୁପାରିଶ ମଧ୍ୟ ରହିବ। ଅଧ୍ୟକ୍ଷ ଡକ୍ଟର ଦାସ ଉଚ୍ଚ ଶିକ୍ଷା ବିଭାଗକୁ ଏକ ତାଲିକା ପଠାଇଛନ୍ତି। ସେଥିରେ ଧାମନଗର ମହାବିଦ୍ୟାଳୟ ଇଂରାଜୀ ବିଭାଗ ରିଡର ଡ.ସମୀର କୁମାର ହୁଇଙ୍କ ନାମ ପ୍ରଥମରେ ଥିବାବେଳେ ସେହି ବିଭାଗର ରିଡର ପ୍ରଦୀପ କୁମାର ରାୟଙ୍କ ନାମ ଦ୍ୱିତୀୟରେ,ଉର୍ଦ୍ଦୁ ବିଭାଗର ରିଡର ମହମ୍ମଦ ଇସ୍ରାଇଲଙ୍କ ନାମ ତୃତୀୟରେ ଏବଂ ରାଜନୀତି ବିଭାଗ ରିଡର ଅଜୟ କୁମାର ବେଜଙ୍କ ନାମ ଚତୁର୍ଥରେ ରହିଛି। ସୁପାରିଶ ପତ୍ରର ମନ୍ତବ୍ୟ କଲମରେ ସମୀର କୁମାର ହୁଇ ଡବ୍ଲ୍ୟୁପିସି କେସ ନମ୍ବର ୩୦୪୭୦/୨୦ ଓ ଅପିଲେଣ୍ଟ କେସ ନମ୍ବର ୧୩୭/୨୦୨୧ରେ ପକ୍ଷଭୁକ୍ତ ବୋଲି ଉଲ୍ଲେଖ ଅଛି। ଯେଉଁ ମାମଲାଟି ଅଧ୍ୟକ୍ଷ ହେବାପାଇଁ ବର୍ତ୍ତମାନର ଅଧ୍ୟକ୍ଷ ଡ.ଦାସ ସେତେବେଳେ କରିଥିଲେ। ଇତି ମଧ୍ୟରେ ଧାମନଗର ମହାବିଦ୍ୟାଳୟର ଦୁଇ ଜଣ ଅଧ୍ୟକ୍ଷ(ଡ.ଦାସଙ୍କ ସମେତ)ଙ୍କ କାର୍ଯ୍ୟକାଳ ସରିଲାଣି। ଏହା ଜାଣିଶୁଣି ଅଧ୍ୟକ୍ଷ ଡ.ଦାସ ସମୀର କୁମାର ହୁଇଙ୍କ ନାମ କିପରି କଟିବ ସେ ବ୍ୟବସ୍ଥା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଦ୍ୱିତୀୟରେ ସୁପାରିଶ ଥିବା ପ୍ରଦୀପ କୁମାର ରାୟ ଅଧ୍ୟକ୍ଷ ହେବାପାଇଁ ନିଜର ଅସହମତି ଲିଖତ ଭାବେ ଜଣାଇଛନ୍ତି। ତୃତୀୟ ନମ୍ବରରେ ଥିବା ମହମ୍ମଦ ଇସ୍ରାଇଲଙ୍କ ବିରୁଦ୍ଧରେ ଚତୁର୍ଥ ନମ୍ବରରେ ଥିବା ଅଧ୍ୟାପକ ଅଜୟ କୁମାର ବେଜ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଧାମନଗର କଲେଜର ଅଧ୍ୟକ୍ଷ ଓ ସଂପୃକ୍ତ ଅଧ୍ୟାପକଙ୍କୁ ରେକର୍ଡ ଯଂଚ ପାଇଁ ଡକାଇଥିବା ଜଣାଯାଇଛି। ତେବେ ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଆସନ ପାଇଁ ଦେଖାଦେଇଥିବା ଅହେତୁକ ଲୋଭ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ଶ୍ରମିକ ସମାବେଶ

ବାଲେଶ୍ୱର,(ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧କୋଟି ୭୦ଲକ୍ଷ ଶ୍ରମିକଙ୍କ ସୁଖ ସୁବିଧା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ଶ୍ରମିକମାନଙ୍କ ମଜୁରୀ ହାରରେ ଏକକାଳୀନ ଅତିରିକ୍ତ ୧୦୦ଟଙ୍କା ବୃଦ୍ଧି କରି ନବୀନ ପଟ୍ଟନାୟକ ସରକାର ଭାରତବର୍ଷରେ ଇତିହାସ ସୃଷ୍ଟି କରିଛନ୍ତି । ସ୍ଥାନୀୟ ସିଦ୍ଧିକଲ୍ୟାଣ ପଣ୍ଡପରେ ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ଶ୍ରମିକ ସମାବେଶକୁ ଉଦ୍‌ବୋଧନ ଦେଇ କଟକ ମ୍ୟୁନିସିପାଲ କର୍ପୋରେସନ ମେୟର ତଥା ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟର ମହାସଚିବ ସୁବାଷ ସିଂ ଏକଥା କହିଛନ୍ତି । କେନ୍ଦୁପତ୍ର ତୋଳାଳି, ଶ୍ରମଜୀବୀ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନା,ବିଦେଶୀ ପୁଞ୍ଜି ବିନିଯୋଗରେ ୧୦ଲକ୍ଷହଜାର କୋଟି ଟଙ୍କା ପୁଞ୍ଜିବିନିଯୋଗ କରିପାରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାରେ ଦୀର୍ଘବର୍ଷ ଧରି କଟକ, ବୁର୍ଲା ଓ ବ୍ରହ୍ମପୁରରେ ସରକାରୀ ମେଡ଼ିକାଲ କଲେଜ ଥିବାବେଳେ ନବୀନ ପଟ୍ଟନାୟକ ରାଜ୍ୟରେ ଆଉ ୭ଟି ମେଡ଼ିକାଲ କଲେଜ ପ୍ରତିଷ୍ଠା କରିଛନ୍ତି । ଏବେ ଭଦ୍ରକରେ ଆଉ ଏକ ସରକାରୀ ମେଡ଼ିକାଲ କଲେଜ ଖୋଲିବାକୁ ଯୋଜନା ଚାଲିଛି । ଛାତ୍ର, ମହିଳା ଓ ସବୁବର୍ଗଙ୍କ ପାଇଁ ନବୀନ ବାବୁ ଯୋଜନା କରିଛନ୍ତି । ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଓ ସାଂସଦ ପ୍ରାର୍ଥିନୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜିତେଇବା ପାଇଁ ଶ୍ରୀ ସିଂ ନିବେଦନ କରିଥିଲେ । ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ଉପଦେଷ୍ଟା ରାଜୀବ ମହାନ୍ତି, ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ସଂଗଠନ ସମ୍ପାଦକ ବଟକୃଷ୍ଣ ଜେନା, ଶ୍ରମିକନେତା ତଥା ହିନ୍ଦ୍ ମଜଦୁର ସଭା ବାଲେଶ୍ୱର ଜିଲ୍ଲା ସଭାପତି ଅରୁଣ ସ୍ୱାଇଁ, ରଘୁନାଥ ଲେଙ୍କା ପ୍ରମୁଖ ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀମାନଙ୍କୁ ଶଙ୍ଖଚିହ୍ନରେ ଭୋଟଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ରଂଜନ ବାଗ୍ ଧନ୍ୟବାଦ ପ୍ରଦାନ କରିବା ଅବସରରେ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ବାବଦରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅଭିଜିତ ଦାସ ,ଶରତ ଦାସ, ଅଶୋକ ବେରା, ଭୋଳାନାଥ ବେହେରା ଓ ତ୍ରିଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।



(ଶ୍ରୀମଦ୍‌ଭଗବଦ୍ ଗୀତା ୫/୧୭)

–କର୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ )

**ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।**
**ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ।।୧୭।।**

ତାଙ୍କଠାରେ ଯେଉଁମାନଙ୍କର ନିଶ୍ଚୟାତ୍ମିକା ବୁଦ୍ଧି, ତାଙ୍କଠାରେ ଯେଉଁମାନଙ୍କର ମନ ବା ପ୍ରଯତ୍ନ, ତାଙ୍କଠାରେ ଯେଉଁମାନଙ୍କର ଏକାଗ୍ରତା, ସେ ଯେଉଁମାନଙ୍କର ପରମ ଆଶ୍ରୟ ଓ ତାଙ୍କରି ଲବ୍ଧଜ୍ଞାନରେ ଯେଉଁମାନଙ୍କର ପାପ ଧ୍ୱସ୍ତ ହୋଇଛି, ସେହି ବ୍ୟକ୍ତିମାନେ ଅପୁନରାବୃତ୍ତି (ମୋକ୍ଷ) ପ୍ରାପ୍ତ ହୁଅନ୍ତି ।।୧୭।।

## ସମ୍ପାଦକୀୟ

# ଭୋଟ ହାର ବୃଦ୍ଧି

ଚଳିତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ତୁଳନାତ୍ମକ ଭାବରେ ହ୍ରାସ ପାଇବା ପରେ, ଖାଲି ନିର୍ବାଚନ ଆୟୋଗ ବା ସରକାର ନୁହନ୍ତି, ବରଂ ଦେଶର ସବୁ ସଚେତନ ବ୍ୟକ୍ତି ଚିନ୍ତା ପ୍ରକଟ କରିବା ସ୍ୱାଭାବିକ । ମତଦାନ ହାର ଯେତିକି ବଢିବ, ଆମର ଗଣତନ୍ତ୍ର ସେତିକି ସୁଦୃଢ ହେବ ଏବଂ ସୁରକ୍ଷିତ ରହିବ । କିନ୍ତୁ ଅନେକ ସମୟରେ ଦେଖାଯାଇଛି, କେତେକ କାରଣ ମତଦାନ ହାରକୁ ପ୍ରଭାବିତ କରୁଛି । ବିଶେଷଭାବରେ, ଗ୍ରୀଷ୍ମ ଋତୁରେ ନିର୍ବାଚନ ହେବା ଦ୍ୱାରା ଏବଂ କ୍ରମଶଃ ତାପମାତ୍ରା ବଢିବା ଦ୍ୱାରା ମତଦାନ ହାର ହ୍ରାସ ପାଉଛି ବୋଲି ଅନେକ ସମୟରେ ମତପ୍ରକାଶ ପାଏ । ଏହା ଏକମାତ୍ର କାରଣ ନ ହେଲେ ମଧ୍ୟ, ଗୋଟିଏ ପ୍ରମୁଖ କାରଣ ବୋଲି କୁହାଯାଇପାରେ । ଭାରତର ନିର୍ବାଚନ ଆୟୋଗ ମଧ୍ୟ ସମାନ ଧାରାରେ ଚିନ୍ତା କରୁଛନ୍ତି ଏବଂ ଏପ୍ରିଲ ୧୯ ର ମତଦାନ ହାର ଦେଖିବା ପରେ, ନିଜ ବିଭାଗର କିଛି ପ୍ରତିନିଧିଙ୍କ ସହ ଭାରତର ପାଣିପାଗ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ଟାସ୍କ ଫୋର୍ସ ଗଠନ କରିଛନ୍ତି ଯାହାର କାର୍ଯ୍ୟ ହେଉଛି, ପ୍ରତ୍ୟେକ ପର୍ଯ୍ୟାୟ ମତଦାନର ପାଞ୍ଚଦିନ ପୂର୍ବରୁ ସ୍ଥାନୀୟ ତାପମାତ୍ରା ଓ ଆଦ୍ରତାକୁ ଆକଳନ କରିବା ଏବଂ ସେହି ଅନୁସାରେ ପ୍ରତ୍ୟେକ ବୁଥରେ ପର୍ଯ୍ୟାପ୍ତ ସୁବିଧା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ନିର୍ବାଚନ କଳ ସହିତ ମିଶି କାର୍ଯ୍ୟ କରିବା । ଭାରତର ପାଣିପାଗ ବିଭାଗ ଗୋଟିଏ ଦଶନ୍ଧି ମଧ୍ୟରେ ଦିନର ହାରାହାରି ତାପମାତ୍ରାର ବିଚ୍ୟୁତିକୁ କେନ୍ଦ୍ରକରି ଗୋଟିଏ ଅଞ୍ଚଳର ହିଟ ୱେଭ ପରିସ୍ଥିତି ଘୋଷଣା କରେ । ଏହି ଘୋଷଣାନାମା ପରିବେଶର ଉତ୍ତାପକୁ ନେଇ ଲୋକଙ୍କ ଅଭିଜ୍ଞତା ସହ ଜଡିତ ନ ଥାଏ । ବିନା ହିଟ ୱେଭରେ ମଧ୍ୟ ଲୋକ ବିପଦରେ ପଡନ୍ତି ଯଦି ଆପେକ୍ଷିକ ଆଦ୍ରତା ୱେଟ ବଲବର ୩୦ ଡିଗ୍ରୀ ସେଣ୍ଟିଗ୍ରେଡ଼ ଠାରୁ ଅଧିକ ହୁଏ ଏବଂ ଲୋକଙ୍କୁ ବାହାରେ କିଛି ସମୟ ବିତାଇବାକୁ ପଡେ । ଉଦାହରଣ ସ୍ୱରୂପ, ଅର୍ଦ୍ଧ ଯୋଜନାବଦ୍ଧ ଓ ଅଣଯୋଜନାବଦ୍ଧ ଅଞ୍ଚଳଗୁଡିକରେ ମୁକ୍ତ ଭାବେ ବାୟୁ ସଞ୍ଚାଳନ ହେଇ ନ ପରିବା, ଭିଡ, ବିଶ୍ରାମ ସ୍ଥାନ ନ ଥିବା, ଅନ୍ୟାନ୍ୟ କେତେକ ବସ୍ତୁରେ ତିଆରି ଚଟାଣ ଓ ଛାତ ଯାହା ଉତ୍ତାପ ବଢ଼ିବାରେ ସାହାଯ୍ୟ କରିଥାଏ । ସେହିଭଳି ବସ୍ତୁର ଛାତ ଓ ଚଟାଣ, ଉତ୍ତାପ ବୃଦ୍ଧିର ଅନୁଭବ କରାଏ । ଏ ସବୁ ପ୍ରତି ନଜର ରହିବା ଅବଶ୍ୟକ ଏବଂ ଏହିଭଳି ଅବସ୍ଥା ଥିଲେ ତାହା ମତଦାନ ପୂର୍ବରୁ ଠିକ କରିବା ଉଚିତ । ସେହିପରି ଘରୁ ମତଦାନ କେନ୍ଦ୍ରକୁ ଯାତାୟାତ କରିବା ସମୟରେ ଭୋଟଦାତା ଶାରୀରିକ ଅସୁବିଧାର ସମ୍ମୁଖୀନ ହେଇପାରେ ସେହି ଅନୁସାରେ ଭୋଟଦାନର ସମୟ ଓ ତାରିଖକୁ ଟିକେ ଏପଟସେପଟ କରାଯିବା ନେଇ ବ୍ୟବସ୍ଥା କରାଯାଇ ପାରିଲେ, ଭୋଟଦାତା ଉପକୃତ ହୁଅନ୍ତେ । ଭୋଟ ଦାନ କେନ୍ଦ୍ରରେ ମୁକ୍ତ ବାୟୁ ଯାତାୟାତ, ପରିମଳ ବ୍ୟବସ୍ଥା, ହ୍ୱିଲ ଚେୟାର ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା ମଧ୍ୟ ଜରୁରୀ । ଟାସ୍କ ଫୋର୍ସ କାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ କେତେକ ଦିଗରେ ନିର୍ବାଚନ ଆୟୋଗ ଚିନ୍ତା କରିବା ଜରୁରୀ ଯଥା, ଉତ୍ତାପ ପରିଚାଳନା ପ୍ରଟୋକଲ ସହ ଭୋଟଦାତା କିପରି ସହଜରେ, ଶାନ୍ତିରେ ଏବଂ ଶୀଘ୍ର ଭୋଟ ଦେଇପାରିବ ସେ ନେଇ ଭୋଟ କେନ୍ଦ୍ରରେ ଯଥେଷ୍ଟ ସଚେତନତା କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ଏବଂ ସେଥିପାଇଁ ଅଧିକରୁ ଅଧିକ ସ୍ୱେଚ୍ଛାକୃତ କର୍ମୀ ନିଯୁକ୍ତ କରାଯିବା ଦରକାର । ଏହାପରେ ମଧ୍ୟ କେବଳ ନିର୍ବାଚନ ସମୟରେ ନୁହେଁ, ଭୋଟ ଦେବା ଅଧିକାରକୁ ସମସ୍ତେ କିଭଳି ପ୍ରାଧାନ୍ୟ ଦେବେ, ସେ ଦିଗରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପଡିବ । ପିଲାଟିବେଳୁ ବା ସ୍କୁଲ ଶିକ୍ଷା ସମୟରୁ ପ୍ରତ୍ୟେକ ପିଲା କିପରି ଏହାର ଗୁରୁତ୍ୱ ଉପଲବ୍ଧି କରିବେ ସେ ଦିଗରେ ଶିକ୍ଷା ଦିଆଯିବା ଦରକାର ।

# ବୟସ୍କଙ୍କ ସ୍ୱାସ୍ଥ୍ୟ ବୀମା

ବର୍ତ୍ତମାନ ମଧ୍ୟ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ କିଛି କରିବାକୁ ବାକିଅଛି । ଏହା ନିଃସନ୍ଦେହରେ କୁହାଯାଇପାରେ ଯେ' ଗତ ଦଶନ୍ଧିରେ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅଗ୍ରଗତି ହେଇଛି ଏବଂ ଭାରତର ବିବିଧ ସ୍ୱାସ୍ଥ୍ୟସେବା, ଏକ ପରିବର୍ତ୍ତନଶୀଳ ଭବିଷ୍ୟତର ପ୍ରତିଶ୍ରୁତି ଦେଇଛି । ବିଂଶ ଶତାବ୍ଦୀର ମଧ୍ୟଭାଗରେ ସ୍ୱାସ୍ଥ୍ୟସେବା ପରିସ୍ଥିତିଠାରୁ, ୧୯୮୦ ଦଶକରୁ ଏକ ଉଲ୍ଲେଖନୀୟ ଉନ୍ନତି ଘଟିଛି । ଡାକ୍ତରଙ୍କ ସଂଖ୍ୟା କ୍ରମାଗତ ଭାବରେ ବଢିଚାଲିଛି ଏବଂ ଭାରତୀୟ ଡାକ୍ତର ଚିକିତ୍ସା ସମ୍ପର୍କିତ ଜ୍ଞାନ ଓ କୌଶଳ ପାଇଁ ସୁନାମ ଅର୍ଜନ କରିଚାଲିଛନ୍ତି । ଭାରତୀୟ ଡାକ୍ତରଙ୍କ ଜ୍ଞାନକୌଶଳ ବିରଳ ରୋଗ କ୍ଷେତ୍ରରେ ମଧ୍ୟ ନାଗରିକଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ସମାଧାନ କରିପାରିବ ବୋଲି ଆତ୍ମବିଶ୍ୱାସ ସୃଷ୍ଟି ହେଇଛି । ପ୍ରଗତିର ଏକ ସୂଚକ ହେଉଛି ଆୟୁଷର ବୃଦ୍ଧି, ବର୍ତ୍ତମାନ ସ୍ୱାଧୀନତା ସମୟରେ ମାତ୍ର ୩୦–୩୫ ବର୍ଷ ତୁଳନାରେ ଏହା ଏବେ ହାରାହାରି ୭୦ ବର୍ଷରେ ପହଞ୍ଚିଛି । ବର୍ତ୍ତମାନ ଭାରତରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚର ପ୍ରାୟ ୫୦ ପ୍ରତିଶତ ପକେଟରୁ ଯାଉଛି । ବଜେଟ୍ ଆବଣ୍ଟନ ବୃଦ୍ଧିରେ ସରକାର ସ୍ଥିର ଅଛନ୍ତି, ଏହାକୁ ୨୦୨୫ ସୁଦ୍ଧା ଜିଡିପିର ପ୍ରାୟ ୧ ପ୍ରତିଶତରୁ ପ୍ରାୟ ୨.୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଘରୋଇ ସ୍ୱାସ୍ଥ୍ୟ ବୀମା କ୍ଷେତ୍ର ମଧ୍ୟ ଆହୁରି ବିସ୍ତାର ହେବ ବୋଲି ଆଶା କରାଯାଉଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡିକ ପକ୍ଷରୁ, ଦିଆଯାଉଥିବା ସ୍ୱାସ୍ଥ୍ୟ ବୀମା, ଅନେକ ଉପଭୋକ୍ତାଙ୍କୁ ବେଶ ସହାୟକ ହେଇପାରୁଛି । ସମସ୍ତେ ଉନ୍ନତ ଚିକିତ୍ସା ପାଇବା ପାଇଁ ସୁଯୋଗ ପାଉଛନ୍ତି । ଏହା ଭିତରେ ମଧ୍ୟ କିଛିଟା କରୁଣ ଚିତ୍ର ରହିଛି ଯାହାର ସମାଧାନ ଜରୁରୀ । ଅନେକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ସ୍ୱପ୍ନ ଥିଲା ଏବଂ ଏହା ମଧ୍ୟ ସବୁ ବୟସର ଲୋକଙ୍କ ପାଇଁ ଉପଲବ୍ଧ ନ ଥିଲା । ସୁଖର କଥା, ଏହାଭିତରେ ଇନସୁରାନ୍ସ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (IRDAI) କେତେକ ପଦକ୍ଷେପ ନେଇଛନ୍ତି ଯାହା ବାସ୍ତବିକ ସ୍ୱାଗତଯୋଗ୍ୟ । ଅଧିକାଂଶ ଲୋକ ସ୍ୱାସ୍ଥ୍ୟ ବୀମା ଦ୍ୱାରା କିପରି ଉପକୃତ ହେବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ଇନ୍ସୁରାନ୍ସ କମ୍ପାନୀଗୁଡିକୁ ଇନସୁରାନ୍ସ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (IRDAI) ନିର୍ଦ୍ଦେଶ ଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଉପଲବ୍ଧ କରାଇବା ପାଇଁ ଏହା ବୀମା ପ୍ରଦାନକାରୀଙ୍କୁ ନିର୍ଦ୍ଦେଶ ଦେଇଛି, କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ନିଜ ପାଇଁ ନୂତନ ପଲିସି କରିବା ସମ୍ଭବ ହେଉ ନ ଥିଲା । ଏବେ ସବୁ ବୟସରେ ଲୋକଙ୍କ ପାଇଁ ଏହା ଉପଲବ୍ଧ ହେବ । ଏହା ଭାରତରେ ଚାଲିଥିବା ଜନସଂଖ୍ୟା ପରିବର୍ତ୍ତନ ନେଇ ଏକ ସ୍ୱୀକୃତି । ଯଦିଓ ୨୦୧୧ ମସିହାରୁ ଭାରତର ଜନଗଣନା କରାଯାଇ ନାହିଁ, ଜାତିସଂଘର ଜନସଂଖ୍ୟା ପାଣ୍ଠି ଏବଂ ବିଶେଷଜ୍ଞମାନେ ସୂଚାଇ ଦେଇଛନ୍ତି ଯେ ଭାରତର ଜନସଂଖ୍ୟା ଚୀନର ପାଖପାଖି ଅଟେ ଏବଂ ଏହା ହୁଏତ ୨୦୨୩ ମସିହାରେ ଅତିକ୍ରମ କରିଥାଇପାରେ । ଆକଳନ ଅନୁସାରେ, ଭାରତର ବୟସ୍କଙ୍କ ସଂଖ୍ୟା (୬୦ ରୁ ଉର୍ଦ୍ଧ୍ୱ) ୨୦୫୦ ସୁଦ୍ଧା ଜନସଂଖ୍ୟାର ୧୦ ପ୍ରତିଶତ (୨୦୨୨ ରେ ୧୪୯ ନିୟୁତ) ରୁ ୩୦ ପ୍ରତିଶତ (୩୪୭ ନିୟୁତ) କୁ ବୃଦ୍ଧି ପାଇବ । ଏହା ଆମେରିକାର ବର୍ତ୍ତମାନର ଜନସଂଖ୍ୟା ତୁଳନାରେ ଅଧିକ । ବିକଶିତ ଦେଶଗୁଡିକରେ ସେମାନଙ୍କର ବରିଷ୍ଠ ଜନସଂଖ୍ୟା (୬୦ ରୁ ଉର୍ଦ୍ଧ୍ୱ) ୧୬ ପ୍ରତିଶତରୁ ୨୮ ପ୍ରତିଶତ ପର୍ଯ୍ୟନ୍ତ ରହିଛି । ସ୍ୱାସ୍ଥ୍ୟ ସେବା, ସୁଲଭ ଔଷଧ, ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ସହାୟତା କରିବା ଓ ଉପଯୁକ୍ତ ଯତ୍ନ ପ୍ରଦାନ ପାଇଁ ଭିତ୍ତିଭୂମି ବୃଦ୍ଧି କରାଯିବା ଦରକାର ଯାହା ଏବେ ଏକ ଚିନ୍ତାର କାରଣ ପାଲଟିଛି । ବିକଶିତ ଦେଶମାନଙ୍କ ମଧ୍ୟରୁ କେତେକ ଦେଶରେ ସରକାରୀ ଅନୁଦାନ ପ୍ରାପ୍ତ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ରହିଛି ଏବଂ ଅନ୍ୟମାନେ ଘରୋଇ ସ୍ୱାସ୍ଥ୍ୟ ସେବା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ଯେଉଁଥିରେ ଗୁଣାତ୍ମକ ଚିକିତ୍ସା ପାଇବାରେ ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟକାରୀ ଅଟେ । ଏହି ଦେଶଗୁଡିକ ମଧ୍ୟରୁ ଅନେକଙ୍କର, ସ୍ୱାସ୍ଥ୍ୟ ବୀମା ପଲିସିରେ କୌଣସି ପ୍ରବେଶ ପ୍ରତିବନ୍ଧକ ନାହିଁ । କିନ୍ତୁ ବାସ୍ତବତା ହେଉଛି ବୟସ ବଢିବା ସହ ସ୍ୱାସ୍ଥ୍ୟ ବୀମା ମାହାଙ୍ଗା ହେବାରେ ଲାଗେ । IRDAIର ସାମ୍ପ୍ରତିକ ସର୍କୁଲାରର ଏକମାତ୍ର ପ୍ରଭାବ ହେଉଛି ଅଧିକାଂଶଙ୍କୁ ବ୍ୟୟ କରିପାରିବା ଭଳି ସ୍ୱାସ୍ଥ୍ୟ ବୀମା ପଲିସି ଯୋଗାଇବା, ଯାହା ସମ୍ଭବ ହେଇପାରିଲେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆସିବ ନିଶ୍ଚୟ ।

# ମଣିଷ ବ୍ୟକ୍ତିତ୍ୱର ଦୁଇଟି ପାର୍ଶ୍ୱ



**ଡକ୍ଟର ଲକ୍ଷ୍ମଣ ସାହୁ**

ଯେତେବେଳେ କିଛି ପ୍ରାକୃତିକ ବିପର୍ଯ୍ୟୟ ଯଥା ଭୂସ୍ଖଳନ, ଭୂକମ୍ପ, ବନ୍ୟା, ଦୁର୍ଭିକ୍ଷ, ଅତ୍ୟାଧିକ ବର୍ଷା, ଶୀତର ଅତିମାତ୍ରା ଥଣ୍ଡା, ବରଫାବୃତ ଝଡ଼ କିମ୍ବା ଅଧିକ ଉତ୍ତାପ ତରଙ୍ଗ ଭଳି ସମସ୍ୟା ଘଟେ, ସେତେବେଳେ ଜୀବ ଜଗତରେ ବହୁ ସମସ୍ୟା ଦେଖାଦିଏ । ସେମିତି ମଣିଷମାନଙ୍କ ମନରେ ମଧ୍ୟ ସମାନ ପ୍ରତିକ୍ରିୟା ସୃଷ୍ଟି ହୁଏ । ନିଜର ମୁହଁକୁ ମୁହଁ ଭିତରେ ଘୋଡ଼ାଇ ହାତ ଯୋଡି ଅଶ୍ରୁମୋଚନ କରି କହେ, ହେ ପ୍ରଭୁ, ଏହା କେଉଁ ପ୍ରକାରର ବିପଦ ସୃଷ୍ଟି କରିଛ ? ବିଚାର ... ବିନାଶ ! କିନ୍ତୁ ମଣିଷ ବୁଝିପାରୁ ନାହିଁ ଯେ ଯାହା ଘଟୁଛି ସେଥିପାଇଁ ସେ ନିଜେହିଁ ଦାୟୀ । ମଣିଷ ନିଜ ଅର୍ଜିତ କୁକର୍ମର ପରିଣାମ ଭୋଗୁଛି ।

ସତକଥା ହେଉଛି ମଣିଷ ଅନ୍ୟମାନଙ୍କ ପ୍ରତି ଅଭ୍ୟାସଗତ ଭାବରେ ଅସାବଧାନତା ଅବଲମ୍ବନ କରିଆସୁଛି । ଯାହା ଫଳରେ ପ୍ରକୃତିର ଶୋଷଣ, କ୍ରୂରତାକୁ ଭୋଗ କରୁଛି । ଯଦି ପ୍ରକୃତିକୁ ସମ୍ମାନ ଦିଆଯାଇଥାନ୍ତା, ତେବେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ରୂପ ବଦଳି ନଥାନ୍ତା । ପ୍ରକୃତିକୁ ବିଭିନ୍ନ ଉପାୟରେ ବିନଷ୍ଟ କରି ମଣିଷ ଅଦ୍ୟାବଧି ବୁଝି ପାରିଲା ନାହିଁ ସେ କ'ଣ କରୁଛି । ଯାହା ଫଳରେ ପୃଥିବୀ ଆଜି ଏଭଳି ଶୋଚନୀୟ ଅବସ୍ଥାରେ ଗତି କରୁଛି । ଅନେକଙ୍କୁ ହୁଏତ ଏହା ଆଶ୍ଚର୍ଯ୍ୟଜନକ ଲାଗିପାରେ । ଯେତେବେଳେ ଲୋକମାନେ ଚଉରାରେ ତୁଳସୀକୁ ପ୍ରତିଦିନ ଜଳ ଦିଅନ୍ତି ନାହିଁ, ଓସ୍ତ ବର ବିବାହ କରନ୍ତି ନାହିଁ, ପିପ୍ପଳ ଗଛକୁ ପାଣି ଦିଅନ୍ତି ନାହିଁ, ଛୋଟ ଘରେ ଫୁଲ ଲଗାନ୍ତି ନାହିଁ କିମ୍ବା ନିଜ ଘରର ପ୍ରାଙ୍ଗଣରେ ଏକ ସବୁଜ ବଗିଚା ଲଗାନ୍ତି ନାହିଁ କିମ୍ବା ପ୍ରକୃତି ସଂରକ୍ଷଣ ବିଷୟରେ ଚିନ୍ତା କରନ୍ତିନି, ସେତେବେଳେ ସେମାନେ ଅନେକ ଥର ନିଜେ ଅସୁବିଧାରେ ପଡ଼ନ୍ତି । ବ୍ୟବସାୟୀକ ମନୋବୃତ୍ତିର ଭାବ ଯେ ଅନେକାଂଶରେ ମଣିଷକୁ ମାତ୍ରାଧିକ ଗ୍ରାସ କରିଛି, ତାହା କୁହାଯାଇପାରେ । ମଣିଷ ନିଜର ପତନ ନିଜ ମୁଠାରେ ରହିଛି ତାହା ଥରେ ଭାବିପାରୁ ନାହିଁ ଏହାହିଁ ହେଉଛି ନିରାଟ ସତ୍ୟ ।

କୋଟିଏ ମଣିଷ ଭିତରେ ଗୋଟିଏ ମଣିଷ ଅଛି । ଯେତେବେଳେ ପ୍ରକୃତିକୁ କେହି ଆଘାତ କରେ, ସେହି କୋଟିଏ ବ୍ୟକ୍ତି ମଧ୍ୟରୁ ଜଣେ କେହି ଅସହାୟ ଦେଖାଯାଏ । ଜଣେ ଯନ୍ତ୍ରଣା ଭୋଗି ବହୁତ କଷ୍ଟ ପାଏ । କିନ୍ତୁ ପ୍ରକୃତିର କ୍ଷତି ଦୃଷ୍ଟିରୁ ଏହା ହିଁ ସତ ଯେ ମଣିଷ ଯିଏ ଆଗରେ ରହିଥାଏ ।

କହିବା ବାହୁଲ୍ୟ ଆମେ ସମସ୍ତେ ସମୟ ସମୟରେ ସ୍ୱାର୍ଥପର ପାଲଟିଯାଉ । ସେହି ସମୟରେ ନିଷ୍ଠୁର, ଅନ୍ୟାୟ, ଈର୍ଷାପରାୟଣ, ଦୁଷ୍କର୍ମକାରୀ କିମ୍ବା ଦୋଷୀ ହୋଇଥାଉ । କେହି କେହି ମଧ୍ୟ ସମୟ ସମୟରେ ଦୟାଳୁ ଦାନବୀର କର୍ଣ୍ଣ, ହରିଶ୍ଚନ୍ଦ୍ର, କି ଧର୍ମରାଜ ଯୁଧିଷ୍ଠିର ହୋଇଥାନ୍ତି । ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇଥାନ୍ତି । ପ୍ରକୃତିର ସୁରକ୍ଷା ଓ ସମ୍ମାନ ଓ ଦୁନିଆରେ ଲୋକଙ୍କୁ ଭଲ ପାଆନ୍ତି । ବେଳେବେଳେ ବୁଝିବା କଷ୍ଟକର ହୋଇଯାଏ ଯେ ଜଣେ ବ୍ୟକ୍ତିଙ୍କ ମଧ୍ୟରେ କେତୋଟି ସ୍ତର ଅଛି ଓ ସେ ଏହାକୁ କିପରି ପରିଚାଳନା କରନ୍ତି । ବୋଧହୁଏ ଏହା ମଧ୍ୟ ଏକ ଦିଗ ହେବ , ଯାହା ତାଙ୍କୁ ସମୟ ଓ ଆବଶ୍ୟକତା ଅନୁଯାୟୀ ତାଙ୍କର ପ୍ରାଥମିକତା ନିର୍ଣ୍ଣୟ କରିବାକୁ ପଡିବ ।

ଯେମିତି ଅତ୍ୟାଧୁନିକ ବିଜ୍ଞାନ ଯୁଗରେ ବିଜ୍ଞାନ ଯୋଗାଇ ଦେଉଥିବା ଅନେକ କ୍ଷତିକାରକ ସେବା, ଭିଡିଓ ଗେମ୍ ଇତ୍ୟାଦିର ବିକ୍ରୟ ବୃଦ୍ଧି ପାଉଛି । କିନ୍ତୁ କମ୍ପାନୀଗୁଡିକର ଏପରି ମନୋଭାବ ମଣିଷର ସାଧାରଣ ଆଚରଣ ସହିତ ସମାନ୍ତରାଳ ଭାବରେ ଦେଖାଯାଇପାରେ । ଯେଉଁଥିରେ ସେମାନେ ପରିସ୍ଥିତି ଉପରେ ନିର୍ଭର କରି ଏକ ବିକଳ୍ପ ବାଛନ୍ତି ? ସମ୍ଭବତଃ ଏହା କେବେ ସମ୍ଭବ ନୁହେଁ !

ଏପରି ଦେଖିବାକୁ ଗଲେ ସମସ୍ତଙ୍କର ବ୍ୟକ୍ତିତ୍ୱର ଦୁଇଟି ପାର୍ଶ୍ୱ ଅଛି । ଗୋଟିଏ ଅନ୍ଧକାର ଓ ଅନ୍ୟଟି ଆଲୋକ । ଜଣେ ବ୍ୟକ୍ତି ଯିଏ ହୁଏତ ଡାକ୍ତର ଭାବରେ ତାଙ୍କ ରୋଗୀଙ୍କ ପ୍ରତି ଦୟାଳୁ ହୋଇପାରନ୍ତି । ଅଥଚ ମୋ ସାମ୍ନାରେ ସେ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ନିଷ୍ଠୁର ହୋଇପାରନ୍ତି କିମ୍ବା ବିପରୀତରେ ସେ ରୋଗୀମାନଙ୍କ ପ୍ରତି ନିଷ୍ଠୁର ହୋଇପାରନ୍ତି ଓ ପରିବାର ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇପାରନ୍ତି । ସେହିଭଳି ଜଣେ ମାଲିକ ଯିଏକି ତାଙ୍କ ଗରିବ କର୍ମଚାରୀଙ୍କ ପ୍ରତି ବେଳେ ବେଳେ କଠୋର ହୁଅନ୍ତ । ଏପରିକି ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବା ବେଳେ ପୁଣି ସେ ଗରିବ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଥିବାର ଦେଖିବାକୁ ମିଳେ । 'ଗ୍ରେଟର ଗୁଡ୍ ସାଇନ୍ସ ସେଣ୍ଟର୍'ର ସହ-ନିର୍ଦ୍ଦେଶକଙ୍କ ମତରେ ଷାଠିଏ ପ୍ରତିଶତ ସମୟ ଆମେ ନିଜ ସ୍ୱାର୍ଥ ଓ ବଞ୍ଚିବା ଦ୍ୱାରା ଚାଳିତ ହୋଇଥାଏ । କିନ୍ତୁ ଚାଳିଶ ପ୍ରତିଶତ ସମୟ ମଧ୍ୟ ଆମର ବଳିଦାନର ଭାବନା ରହିଛି । ଯାହା ଆମର ସ୍ୱାର୍ଥପରତା ।

ଆମର ଭାବନା ଓ ଆଚରଣ ଅନେକ ବାହ୍ୟ ରୂପ ସହିତ ଆଭ୍ୟନ୍ତରୀଣ କାରଣ ଉପରେ ନିର୍ଭର କରେ । ତେଣୁ ଗୋଟିଏ କଥାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସେହି ଅନୁଯାୟୀ ଆଚରଣ କରିବାକୁ ହେବ । ଏହି ଦୃଷ୍ଟିକୋଣ ଧାର୍ମିକ, ନୈତିକ, ବ୍ୟବସାୟିକ, ବ୍ୟବହାରିକ, ବୌଦ୍ଧିକ, ଦାର୍ଶନିକ, ଭାବପ୍ରବଣତା ହୋଇପାରେ । ଆମେ ପ୍ରାୟତଃ ଆମର ସ୍ୱାର୍ଥପରତା କାରଣରୁ ଭୋକିଲା ହେବାର ଗର୍ବ କରୁ । ଯେତେବେଳେ କି ଅଭାବ ହେତୁ ଭୋକିଲା ହେବାର ସମ୍ପୂର୍ଣ୍ଣ ବିପରୀତ । ଯେତେବେଳେ ଆମେ ସମାଜ , ପରିବାର ପାଇଁ ବେକାର କିମ୍ବା ଅନାବଶ୍ୟକ, ସେତେବେଳେ ଆମେ ଅସାଧୁତା ସହିତ ଯେକୌଣସି ବଡ ପଦକ୍ଷେପ ନେବାକୁ ପ୍ରସ୍ତୁତ ହୋଇଥାଉ । କିନ୍ତୁ ଏହା ସର୍ବଦା ଠିକ୍ ନୁହେଁ । ଅନେକ ଥର ସବୁ ପ୍ରକାର ସମ୍ବଳ ଥିବା ସତ୍ତ୍ୱେ , କିଛି ଲୋକ ଅସାଧୁତା କିମ୍ବା ଅପରାଧ କରନ୍ତି । ହୁଏତ ସେମାନେ ଏହା ଦ୍ୱାରା ଅଧିକ ଉତ୍ସାହିତ କିମ୍ବା ଶକ୍ତିଶାଳୀ ହୋଇପାରନ୍ତି । ସେମାନଙ୍କର ଶକ୍ତି ପ୍ରଦର୍ଶନ ଦେଖି ଲୋକମାନେ ମଧ୍ୟ ଭୟଭୀତ ହୁଅନ୍ତି ।

ତେଣୁ ଯେତେବେଳେ ବି ହେଉ ଆମେ ପ୍ରକୃତି କିମ୍ବା କୌଣସି ଈଶ୍ୱରୀୟ ଶକ୍ତି କିମ୍ବା ବ୍ୟକ୍ତିଙ୍କୁ ସମାଲୋଚନା, ଅଭିଶାପ କିମ୍ବା ଅପମାନିତ କରୁ, ଆମେ ମନେ ରଖିବା ଉଚିତ ଯେ ସବୁକିଛି ଆମର କାର୍ଯ୍ୟ ଅଟେ । ଯାହା ବି ହେଉ, ଆମେ ମଧ୍ୟ ଆମର ଦାୟିତ୍ୱ ବିଷୟରେ ଚିନ୍ତା କରିବା ଉଚିତ । ଯେତେବେଳେ ଆମେ ଦୁନିଆକୁ ମନ୍ଦର ଖଣି ବୋଲି କହିବା ଓ ଲୋକଙ୍କୁ ସମାଲୋଚନା କରିବା , ସେତେବେଳେ ଥରୁଟିଏ ମୁହଁ ଭିତରେ ମୁହଁ ରଖି ଚିନ୍ତା କରନ୍ତୁ । ଅନ୍ୟ ଅର୍ଥରେ ଆମେ ଦୁନିଆକୁ ଯେଉଁ ଦୃଷ୍ଟିରେ ଦେଖିବା ଦୁନିଆ ଆମକୁ ସେଭଳି ଦୃଷ୍ଟିରେ ଦେଖିବ । ଆମେ ଭୁଲିଯିବା ଉଚିତ ନୁହେଁ ଯେ ଏହି ଜଗତ ଆମର ସୃଷ୍ଟି ଓ ଆମେ ସମସ୍ତେ ସେମାନଙ୍କ ମଧ୍ୟରୁ ଜଣେ ଜଣେ ନିର୍ମାତା...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ**
**ମୋ– ୯୦୪୦ ୧୫୧୪୭୫**

# ଶରୀରରେ ଜଳର ଅଭାବ: 'ଡିହାଇଡ୍ରେସନ୍'

**ଡାକ୍ତର ସୁଶୀଲ କୁମାର ମିଶ୍ର**

ଦିନକୁ ଦିନ ଖରାର ତାତି ବଢ଼ିଲାଣି। ଦିନ ନଅଟା ପରେ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଲାଣି । ଅଂଶୁଘାତ ସମସ୍ୟା ମଧ୍ୟ ଦେଖାଦେଲାଣି । ମଣିଷ ଶରୀରର ୭୫ ଭାଗ ଜଳ ଆଧାରିତ, ଯାହା କି ଶରୀରର ବିଭିନ୍ନ କୋଷକୁ ଆଚ୍ଛାଦିତ କରିଥାଏ । ଅବଶିଷ୍ଟ ରହିଥାଏ ରକ୍ତକଣିକାରେ । ଶରୀରରୁ ଜଳ କମିଗଲେ ମଣିଷ ଜୀବନ ସଙ୍କଟରେ ପଡ଼ିଯାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ' ଡିହାଇଡ୍ରେସନ୍' । ଆମ ଶରୀରରୁ ନିୟମିତ ଭାବେ ଜଳ କ୍ଷୟହୁଏ ଝାଳ, ପରିସ୍ରା ଭଳି କେତେକ ଉପାୟରେ କିନ୍ତୁ 'ଆଣ୍ଟି-ଡ୍ୟୁରେଟିକ୍ ହରମୋନ୍' ବା ଏଏଚ୍‌ଡ଼ି ବୃକକ୍ ମାଧ୍ୟମରେ ଏହି ଜଳକ୍ଷୟକୁ ନିୟନ୍ତ୍ରିତ କରିଥାଏ ଓ ଶରୀର ପାଇଁ ଜଳ ସଂରକ୍ଷଣ କରିଥାଏ । ଏଥିରେ ବ୍ୟାଘାତ ସୃଷ୍ଟି ହେଲେ ବିପଦ ନିଶ୍ଚିତ । ତେବେ ଡିହାଇଡ୍ରେସନ୍ ଆଜିକାଲି ଏକ ବଡ଼ ସମସ୍ୟା ଭାବେ ଜଣାଶୁଣା ହେଲାଣି । ଯଥେଷ୍ଟ ପାଣି ନପିଇବା ଦ୍ୱାରା ସାଧାରଣତଃ ଏହି ସମସ୍ୟା ଉପୁଜିଥାଏ ।

ଡିହାଇଡ୍ରେସନ୍‌ର ଅନ୍ୟନାମ ଝାଡ଼ା-ବାନ୍ତି ବା ଡାଏରିଆ । ଏହି କାରଣରୁ ଭାରତରେ ପ୍ରତିବର୍ଷ ପ୍ରାୟ ୪ ମିଲିୟନ୍ ଶିଶୁଙ୍କ ମୃତ୍ୟୁ ହୋଇଥାଏ । ଶରୀରରୁ ଜଳୀୟ ଅଂଶ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା ହିଁ ଡିହାଇଡ୍ରେସନ୍ ବା ଡାଏରିଆର ପ୍ରମୁଖ କାରଣ । ଝାଡ଼ା ସହିତ ବାନ୍ତି ହେଲେ ରୋଗୀ ଗୁରୁତର ହୋଇପଡ଼େ କାରଣ ଏହାଦ୍ୱାରା ଶରୀରରେ ଜଳର ଅଭାବକୁ ଭରଣା କରିବା କଷ୍ଟକର ହୋଇଥାଏ । ଗରମ ପରିବେଶ, ଅଧିକ ପରିଶ୍ରମ, ଦେହର ଉତ୍ତାପ ବୃଦ୍ଧି ଇତ୍ୟାଦି କାରଣରୁ ଅଧିକ ଝାଳ ବାହାରିବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ । କୌଣସି ସଂକ୍ରମଣ କାରଣରୁ ମଧ୍ୟ ଶରୀର ଶୁଷ୍କ ହୋଇଯାଏ । ବହୁମୂତ୍ର ରୋଗୀ ଡିହାଇଡ୍ରେସନ୍‌ର ଶିକାର ହେବା ଆଶଙ୍କା ଅଧିକ ରହିଥାଏ । ସେମାନଙ୍କ ରକ୍ତରୁ ଶର୍କରା ଅଂଶ ହ୍ରାସ ପାଇବା ହିଁ ଏହାର କାରଣ । ପୋଡ଼ାରୋଗୀ ମଧ୍ୟ ଡିହାଇଡ୍ରେସନ୍ ଭୋଗୀ ପାରନ୍ତି ଯେହେତୁ ସେମାନଙ୍କ ଚର୍ମ ଜଳ ଶୋଷିନିଏ । ଏହାଛଡ଼ା ସଂକ୍ରମଣ କାରଣରୁ ମଧ୍ୟ ଜଳୀୟ ଅଂଶ ହ୍ରାସ ପାଇବାର ଆଶଙ୍କା ଥାଏ ।

ଡିହାଇଡ୍ରେସନରେ ସବୁଠୁ ବଡ଼ ବିପଦ ହେଉଛି ବୃକକ୍ ଅକାମୀ ହୋଇଯିବା । ଡିହାଇଡ୍ରେସନ୍ ଯେତିକି ବୃଦ୍ଧି ପାଏ, ସେହି ପରିମାଣରେ କୋଷ ଓ ରକ୍ତକଣିକାଗୁଡ଼ିକୁ ଶୁଷ୍କ କରିଦିଏ । ରକ୍ତଚାପ ଗୁରୁତର ଭାବେ ହ୍ରାସ ପାଏ ଏବଂ ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଏ । ଏମିତିକି ରୋଗୀ କୋମାରେ ପଡ଼ିଯିବାର ଆଶଙ୍କା ରହିଥାଏ । କାରଣ ରକ୍ତଚାପ ହ୍ରାସ ପ୍ରତ୍ୟକ୍ଷ ଭାବେ ମସ୍ତିଷ୍କକୁ ପ୍ରଭାବିତ କରେ । ପରିସ୍ଥିତି ଗୁରୁତର ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ । ବେଳେବେଳେ ଜଳୀୟ ଅଂଶ କ୍ଷୟର ଭରଣା କରାଯାଇନପାରିଲେ ମସ୍ତିଷ୍କ ଆଘାତ ଭଳି ଅବସ୍ଥା ଉପୁଜେ । ଶରୀରକୁ ଯଥେଷ୍ଟ ଅମ୍ଳଜାନ ମିଳେ ନାହିଁ ।

ରକ୍ତଚାପ ହ୍ରାସ ସହିତ ଏଭଳି ସମସ୍ୟା ରୋଗୀକୁ ମୃତ୍ୟୁମୁଖକୁ ଠେଲିଦିଏ । ଅତ୍ୟଧିକ ଗରମ କାରଣରୁ ଯଦି ଡିହାଇଡ୍ରେସନ୍ ହୋଇଥାଏ ତେବେ ଅଧିକ ଝାଳବୋହି ଶରୀରକୁ ଶୀତଳ କରିବାକୁ ଚେଷ୍ଟା କରେ । ଏହା ଯଥେଷ୍ଟ ନହେଲେ ବା ଆବଶ୍ୟକତା ମେଣ୍ଟାଇ ନପାରିଲେ ମାଂସପେଶୀଗୁଡ଼ିକ ସଂକୁଚିତ ହୋଇଯାଏ । ଯାହାକି ସୁଧୁରିବା କଷ୍ଟକର । ଡିହାଇଡ୍ରେସନ୍‌ର ଚିକିତ୍ସା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶରୀରକୁ ଯଥେଷ୍ଟ ଜଳ ଯୋଗାଇଦେବା ଓ ଜଳୀୟ ଅଂଶ ବୃଦ୍ଧି କରିବା । ପ୍ରଥମେ ରୋଗୀକୁ ଯଥେଷ୍ଟ ପରିମାଣରେ ପାଣି ପିଆଇବା ଉଚିତ । 'ଇଲେକ୍ଟ୍ରୋଲାଇଟ୍' ଆଧାରିତ ପାଣି ପିଆଇବା ଦ୍ୱାରା ଯଥେଷ୍ଟ ଉପକାର ମିଳିଥାଏ । ଏହାଛଡ଼ା ପପ୍‌ସିକ୍ଲ, ଜେଲ- ଓ ଏଭଳି କେତେକ ଜଳୀୟଅଂଶ ବୃଦ୍ଧିକାରୀ ତରଳ ପଦାର୍ଥ ରୋଗୀକୁ ବାରମ୍ବାର ପିଆଇବା ଉଚିତ । ଏଥିରେ ସଫଳତା ନ ମିଳିଲେ ସାଲାଇନ୍ ଯୋଗେ ସିଧା ଧମନୀରେ ଜଳୀୟ ଅଂଶ ଭରଣା କରାଯାଏ । ପରିସ୍ରା ଠିକ୍ ହେବା ପର୍ଯ୍ୟନ୍ତ ଏ ବ୍ୟବସ୍ଥା ଜାରି ରଖାଯାଏ । ଶରୀର ଶୁଷ୍କ ହୋଇଯାଇଥିବାରୁ ବୃକକ୍‌ର କାର୍ଯ୍ୟକାରିତା ପ୍ରାୟ ବନ୍ଦ ରହିଥାଏ । ଔଷଧ ବା ଇଞ୍ଜେକସନ୍ ଦ୍ୱାରା ଏହାକୁ ସଚଳ କରିବାକୁ ହୁଏ । ଏହାଛଡ଼ା ବାନ୍ତି, ଝାଡ଼ା ତଥା ଜ୍ୱରକୁ ନିୟନ୍ତ୍ରଣ କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଡିହାଇଡ୍ରେସନ୍ ଏମିତି ଏକ ସମସ୍ୟା ବା ରୋଗ ଯେ ଏହାର ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ଓ ପ୍ରତିଷେଧକ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ ।

ଖରାଦିନେ ଏହି ପରିମାଣ ବୃଦ୍ଧି କରିବା ଉଚିତ । ଗାଢ଼ାରଙ୍ଗର ପୋଷାକ ପିନ୍ଧିବା ଅନୁଚିତ । ଏହାଛଡ଼ା ଚିପା ପୋଷାକ ପରିବର୍ତ୍ତେ ଢ଼ିଲା ପୋଷାକ ପିନ୍ଧିବା ଉଚିତ । କାଫିନ୍‌ଯୁକ୍ତ ତଥା ନିଶାଯୁକ୍ତ ପାନୀୟ ସର୍ବାଦୌ ବର୍ଜନୀୟ । ଅଧିକ ସୂର୍ଯ୍ୟତାପରୁ ନିଜକୁ ଦୂରେଇ ରଖନ୍ତୁ, ଶୀତଳ ଓ ଛାଇ ଜାଗାରେ ଚଳପ୍ରଚଳନ ହୁଅନ୍ତୁ । ଖେଳାଖେଳି ଓ ବ୍ୟାୟାମ କରୁଥିବା ବ୍ୟକ୍ତି ଏହା ପୂର୍ବରୁ ମଝିରେ ବା ପରେ ସୋଡ଼ିୟମ୍‌ଯୁକ୍ତ ପାଣି ଯଥେଷ୍ଟ ପରିମାଣରେ ପିଇବା ଉଚିତ । ଏହା ଜଳୀୟ ଅଂଶ କ୍ଷୟକୁ ଭରଣା କରିବ । ଡିହାଇଡ୍ରେସନ୍‌ରେ ପୀଡ଼ିତ ରୋଗୀକୁ ତୁରନ୍ତ ତଳେ ଚଟାଣରେ ଶୁଆଇ ଦିଅନ୍ତୁ । ପାଦକୁ ପିଢ଼ାପଟା ଆକାରରେ ଉଚ୍ଚା ରଖନ୍ତୁ । ଯଥେଷ୍ଟ ପାଣି ବା ଇଲେକ୍ଟ୍ରୋରାଲ ପାଣି ପିଆନ୍ତୁ । ଶରୀର ଉତ୍ତାପ ହ୍ରାସ ପାଇଁ ଯଥେଷ୍ଟ ପବନ ଛାଡ଼ନ୍ତୁ । ପାଖରେ ପଙ୍ଖା ଲଗାଇ ଦିଅନ୍ତୁ । ଥଣ୍ଡା କପଡ଼ାରେ ବାରମ୍ବାର ଶରୀରକୁ ପୋଛନ୍ତୁ । ମୁଣ୍ଡବିନ୍ଧା ଓ ବିତୃଷ୍ଣା ବା ବାନ୍ତି ବାନ୍ତି ଲାଗିବା, ରକ୍ତଚାପ ହ୍ରାସ ପାଇବା, ଘୁମାଇବା ପରି ଲାଗିବା କିମ୍ବା ଚେତାଶୂନ୍ୟ ହୋଇଯିବା, ଭୋକ ମରିଯିବା, ପାଟି ଶୁଖିଲା ଲାଗିବା, ଚର୍ମ ଶୁଷ୍କ ହୋଇଯିବା, ପରିସ୍ରା ଗାଢ଼ ହଳଦିଆ ରଙ୍ଗ ହେବା, ପରିସ୍ରା ପରିମାଣ ହ୍ରାସ ପାଇବା, ଏମିତିକି ପରିସ୍ରା ବନ୍ଦ ହୋଇଯିବା, ଆଖି କୋରଡ଼ିଆ ହେବା ସହ ମୁକ୍ତ ରକ୍ତିମ ପଡ଼ିଯିବା, କାନ୍ଦିଲେ ବି ଆଖିରୁ ଲୁହ ନ ଆସିବା, ଆଦୌ ଝାଳ ନ ବହିବା ଓ ପ୍ରତି ମୂହର୍ତ୍ତରେ ଅଚେତ ଲାଗିବା ଆଦି ହେଉଛି ଏହାର ମୁଖ୍ୟ ଲକ୍ଷଣ। ଡିହାଇଡ୍ରେସନ ଅନୁଭବ କରିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ନଚେତ ଏହା ଅତ୍ୟନ୍ତ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିପାରେ ।

**ହୋମିଓପାଥିକ ଚିକିତ୍ସକ,**
**ପାଲାମଣ୍ଡପ, କଟକ**

# ଉଚିତ ସଂସ୍କାର

## ଅମୃତବାଣୀ

ଜୀବନରେ ପ୍ରତିଟି ଲୋକ ଚାହାଁନ୍ତି ଖୁସିରେ ରହିବାକୁ କିନ୍ତୁ ପ୍ରକୃତରେ କଣ ସେ ଖୁସିରେ ଅଛନ୍ତି ଏହା ସବୁଠୁ ବଡ଼ ପ୍ରଶ୍ନ । ଆଜି ସମୟରେ ସବୁ କିଛି ବହୁ ସହଜରେ ମିଳି ଯାଉଛି । ଆଉ କିଛି ଜିନିଷ ପାଇବାକୁ ଅପେକ୍ଷା କରିବାକୁ ପଡୁନି । ସବୁ ହାତ ପହନ୍ତାରେ ମିଳି ଯାଉଛି । ତା' ପରେ ବି ମଣିଷ ଖୁସି ହୋଇ ନ ପାରିବାର କାରଣ କଣ ? ସବୁ ଯଦି ସହଜରେ ମିଳୁଛି । ତଥାପି ମଣିଷ ଆଜି ଏତେ ବ୍ୟସ୍ତ କଣ ପାଇ ରହୁଛି । ପୂର୍ବ କିଛି ବର୍ଷ ହବ ଯାହା ମଣିଷ ଭିତରେ ସବୁଠୁ ବଡ଼ ଫରକ୍ ଆସିଛି ତା ହେଉଛି ନିଜ ଅପେକ୍ଷା ମଣିଷ ଅନ୍ୟ ବିଷୟରେ ଅଧିକ ଚିନ୍ତା କରୁଛି । ନିଜ ବାପା ମାଆଙ୍କୁ ସମୟ ଦେବା କଥା ଯେପରି ପୂରାପୂରି ଭୁଲି ଗଲେଣି ମଣିଷ ।

ଗୋଟେ ଦିନର କାହାଣୀ । ସନ୍ଧ୍ୟା ସମୟରେ ଗୋଟେ ଚପଲ ଦୋକାନକୁ ଜଣେ ଆସିଲା କହିଲା ମତେ ଚପଲ ଦେଖାଅ । ସେଇ ଚପଲ ଦୋକାନରେ କାମ କରୁଥିବା ପିଲା ପଚାରିଲେ କେତେ ମାପର ଚପଲ ତମକୁ ଦରକାର ? ସଙ୍ଗେ ସଙ୍ଗେ ସେ ଗୋଟେ କାଗଜ ବାହାର କରିଲା କହିଲା ଏହି ମାପର ଚପଲ ଦିଅ । ସେଇ ସମୟରେ ଦୋକାନ ମାଲିକ ମଧ୍ୟ ନଜର ସେଇ ପିଲା ଉପରେ ପଡ଼ିଲା । ସେ ଦେଇଥିବା କାଗଜରେ ଗୋଟେ ଗୋଡ଼ ମାପ ହେଉଥିବା ଚିତ୍ରଟିଏ ଅଙ୍କା ଯାଉଥିଲା । ଦୋକାନର ମାଲିକ କହିଲା ଏମିତି ଚିତ୍ର ଦ୍ୱାରା ଚପଲ ମାପ ଜାଣିବା କଷ୍ଟ ତମେ ଫୋନ କରିକି ବୁଝିଦିଅ କୋଉ ମାପ ଚପଲ ପିନ୍ଧୁଛନ୍ତି, ଯାହା ଫଳରେ କି ଆମେ ଚପଲ ସହଜରେ ଦେଇ ପାରିବୁ । କିନ୍ତୁ ବ୍ୟକ୍ତି ଜଣକ ଉତ୍ତର ଦେଲା ଏହି ଚପଲ ହେଉଛି ମୋ ମାଆ ପାଇଁ ।

ମୋ ମା ଆଜି ଯାଏ କେବେ ଚପଲ ପିନ୍ଧିବାର ମୁଁ ଦେଖିନି । ଯେତେବେଳେ ଛୋଟ ବେଳେ ତାକୁ ଚପଲ ପିନ୍ଧିବାକୁ ମୁଁ ତାକୁ କୁହେ ଯେହେତୁ ଆମ ଘର ସ୍ଥିତି ଭଲ ନ ଥିଲା ସବୁବେଳେ ସେ କୁହେ ତୁ ବଡ଼ ହେଲେ ଚାକିରି କଲେ, ମୋ ପାଇଁ ନେଇ ଆସିବୁ ।

ଆଜି ଯେହେତୁ ମୁଁ ମୋ ଜୀବନର ପ୍ରଥମ ଦରମା ପାଇଛି, ତେଣୁ ଆସିଛି ତା' ପାଇଁ ଚପଲ ନେବା ପାଇଁ । ଦୋକାନ ମାଲିକ ସଙ୍ଗେ ସଙ୍ଗେ ତାକୁ ଚପଲ ଦେଖେଇଲା ଆଉ ଚପଲ ପସନ୍ଦ ଆସିଲା ପରେ ସେ ପଇସା ଦେବା ସମୟ ଆସିଲା ଦୋକାନୀ ସେଇ ବ୍ୟକ୍ତିକୁ ପଚାରିଲା ଏହି ଚପଲ ଅଧିକ ଦମ୍ ହେଇଯାଉନି ତ ? ସେ ଉତ୍ତରରେ କହିଲା ଯେହେତୁ ଆଜି ଯାଏ ସେ ଆମକୁ ଭଲ ଜୋତା ପିନ୍ଧେଇବାକୁ ଯାଇକି ନିଜେ ଚପଲ ପିନ୍ଧିନି, ତା' ଆଗରେ ଏହି ଚପଲର ମୂଲ୍ୟ କିଛି ବି ନୁହେଁ । ପଇସା ଦେବା ସରିଲା ପରେ ଦୋକାନର ମାଲିକ ସଙ୍ଗେ ସଙ୍ଗେ ଆଉ ଗୋଟେ ଚପଲ ଦେଲା ଆଉ କହିଲା ସେଇ ମାଆଙ୍କୁ କହିଦେବ ତାଙ୍କ ଆଉ ଗୋଟେ ପୁଅ ଏହି ଚପଲଟା ଦେଇଛି ।

ଯଦିଓ ପୁଅ ନେବା ପାଇଁ ପ୍ରଥମେ ଚାହୁଁ ନଥିଲା କିନ୍ତୁ ତା ର ଭଲ ପାଇବା ସେଇ ଚପଲ ନେବା ପାଇଁ ବାଧ କରିଲା । ଗଲାବେଳେ ସେଇ ଦୋକାନୀ ସେଇ ବ୍ୟକ୍ତିକୁ ଅନୁରୋଧ କଲେ ମତେ ଏହି କାଗଜ ଦେଇପାରିବ ? ବ୍ୟକ୍ତି ଜଣକ ସେଇ କାଗଜକୁ ଦୋକାନ ର ମାଲିକ ଙ୍କୁ ଦେଇଦେଲେ । ମାଲିକ ସେଇ କାଗଜ କୁ ନେଇକି ଦୋକାନରେ ବସୁଥିବା ଠାକୁରଙ୍କ ପାଖରେ ରଖିଲା । ଦୋକାନରେ କାମ କରୁଥିବା ପିଲା ପଚାରିଲେ ଆପଣ ପୂଜା କରୁଥିବା ଜାଗାରେ ରଖିଲେ ଯେ ଉତ୍ତରରେ ମାଲିକ କହିଲା ଏମିତି ଭଗବାନଙ୍କ ପାଦ ଚିହ୍ନ ମତେ କୋଉଠି ମିଳିଥାନ୍ତା ଯିଏ କି ନିଜେ କଷ୍ଟ ସହିକି ପୁଅକୁ ମଣିଷ କରିଛନ୍ତି । ସେ ହେଉଛନ୍ତି ମାଆ ଅବତାରରେ ଭଗବାନ ।



**ରବିନାରାୟଣ ପଟ୍ଟନାୟକ**
**ପଟିଆ ଭୁବନେଶ୍ୱର**
**ମୋ–୯୯୩୮୧୧୩୨୨୬**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସନ୍ଧ୍ୟା...

ବିହାର, ମହାରାଷ୍ଟ୍ରରେ ଯଥାକ୍ରମେ ୫୨.୬%, ୫୩% ଓ ୫୩.୫% ହୋଇଛି । କର୍ଣ୍ଣାଟକର ୨୮ ଆସନରୁ ୧୪, ରାଜସ୍ଥାନର ୧୩, ମହାରାଷ୍ଟ୍ରର ୮, ଉତ୍ତରପ୍ରଦେଶର ୭, ମଧ୍ୟପ୍ରଦେଶର ୭, ଆସାମ ଓ ବିହାରର ୫, ଛତିଶଗଡ, ପଶ୍ଚିମବଙ୍ଗ ୩, ମଣିପୁର-ତ୍ରିପୁରା, ଜମ୍ମୁକାଶ୍ମୀରର ଗୋଟିଏ ଲେଖାଏ ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି । ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ବିଜେପିର ତେଜସ୍ୱୀ ସୂର୍ଯ୍ୟ, ହେମା ମାଳିନୀ, ଅରୁଣ ଗୋବିଲ୍, କଂଗ୍ରେସ ନେତା ରାହୁଲ ଗାନ୍ଧି, ଶଶୀ ଥରୁର, ହିକେ ସୁରେଶ ଓ ଏସ୍‌ଡି କୁମାର ସ୍ୱାମୀ । ୨୦୧୯ରେ ଏହି ଆସନ ମଧ୍ୟରୁ ୫୬ଟି ଏନ୍‌ଡିଏ ଜିତିଥିବାବେଳେ ୟୁପିଏ ୨୪ଟି ଆସନ ଜିତିଥିଲା । ସେହିଭଳି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଭାଗ୍ୟ ନିର୍ଦ୍ଧାରଣ ଏହି ନିର୍ବାଚନରେ କରାଯାଉଛି ।

### ବିଏସ୍‌କେୱାଇ...

ଜନଜାତି ଭାଷା ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ କୌଣ ରାଜ୍ୟ ବି ଚିନ୍ତା କରିନାହିଁ । ଜନଜାତିଙ୍କ କଳା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଏଥିରେ ଜନଜାତିଙ୍କ ଭାଷା, କଳା, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ବିକାଶ କରାଯାଉଛି ।

ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ କେସ୍ ରଦ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ । ଆପଣାନେ ଆଉ ହଇରାଣ ହେବେ ନାହିଁ । କୋର୍ଟ କଚେରୀ ଦୌଡିବାକୁ ପଡିବ ନାହିଁ ।

ଜୀବିକା ପାଇଁ ଜଙ୍ଗଲ ଉପରେ ଆପଣମାନେ ନିର୍ଭର କରନ୍ତି । ଆପଣ ସଂଗ୍ରହ କରିଥିବା ଜିନିଷକୁ କମ୍ ଦାମରେ ବିକନ୍ତି । କିଛି ଲାଭ ପାଆନ୍ତି ନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ କରିଛନ୍ତି ଲାଭ ଯୋଜନା । ଏଥିରେ ସରକାର ଆପଣଙ୍କ ଜିନିଷ ଠିକ୍ ଦାମ ଦେଇ କିଣିନେବେ । ଆପଣଙ୍କୁ ଆଉ କେହି ଠକି ପାରିବେ ନାହିଁ ।

ସେ କହିଲେ ଯେ ପିଲାମାନେ ହେଉଛନ୍ତି ଆମ ଭବିଷ୍ୟତ । ତେଣୁ ଜନଜାତି ପିଲାଙ୍କ ପାଠ ପଢିବା ପାଇଁ ମୁଖ୍ୟମନ୍ତ୍ରୀ ହଷ୍ଟେଲ କରିଛନ୍ତି । ସାରା ଭାରତରେ ସବୁଠାରୁ ଅଧିକ ହଷ୍ଟେଲ ସେ ଓଡିଶାରେ କରିଛନ୍ତି । ୫-ଟି ସ୍କୁଲ ରୂପାନ୍ତରରେ ୮୫୦୦ ସ୍କୁଲର ରୂପାନ୍ତର କରିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ୪ଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି ।

ଆମ କାମର ହିସାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆପଣଙ୍କ ଅନୁରୋଧରେ ଆମେ ଯେଉଁ ସବୁ କାମ ପାଇଁ ପଦକ୍ଷେପ ନେଇଛୁ, ସେ ସବୁ କାମର ହିସାବ ଦେବା ପାଇଁ ଆସିଛି ।

ଉମରକୋଟର ବିକାଶର ହିସାବ ଦେଇ ସେ କହିଲେ ଯେ ଏଠାରେ ୨୧୨ କୋଟି ଟଙ୍କାର କାମ ଚାଲିଛି । ମା ପେଣ୍ଡ୍ରାଣୀ ମନ୍ଦିର କାମ ଶେଷ ହୋଇଛି । ପୋଡାଗଡ ଶିବ ମନ୍ଦିର ଓ ଐତିହ୍ୟ ସ୍ଥଳ ପାଇଁ ୩ କୋଟି ଟଙ୍କାର କାମ ଚାଲିଛି । ଉମରକୋଟରେ ଡାଇଲିସିସ୍ ସେଣ୍ଟର ଖୋଲିଛି । ୫୦ କୋଟିରେ ୫ ଟି ରାସ୍ତା କାମ ଚାଲିଛି । ଇଗରଙ୍ଗରେ ଉମରକୋଟର ସିପ୍ରା ସାନା ପାଇଲେ ୭ ଲକ୍ଷ ୨୦ ହଜାର, ପ୍ରଦୀପ ପଟ୍ଟନାୟକ ପାଇଲେ ୪ ଲକ୍ଷ ଟଙ୍କା ।

ଝରିଗାଁରେ ସେ କହିଲେ ଯେ ମୁଁ ଯେତେବେଳ ଆସିଥିଲି, ସେତେବେଳେ ବର୍ଷା ହେଉଥିଲା । ତାସତ୍ତ୍ୱେ ବି ଆପଣମାନେ ବହୁ ସଂଖ୍ୟାରେ ଆସି ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ସତୀଘାଟ, ମାଲଗାଁରେ ଜଳସେଚନ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଛି । ଝରିଗାଁ ପାଇଁ ଡିଗ୍ରୀ କଲେଜ ମଞ୍ଜୁର ହୋଇଛି । ଚନ୍ଦାହାଣ୍ଡି ଝରିଗାଁକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି । ଝରିଗାଁରୁ ମେଦେନା ରାସ୍ତା ପାଇଁ ୪୫ କୋଟି, ଉମରକୋଟ-ଚନ୍ଦାହାଣ୍ଡି ମାଲଗାଁ ରାସ୍ତା ପାଇଁ ୬୧ କୋଟି, ଭୈରଘୁମର ଜଳପ୍ରପାତ ଠାରେ ପର୍ଯ୍ୟଟନ ପାଇଁ ୩ କୋଟି ୨୫ ଲକ୍ଷ, ଚନ୍ଦନଧାରା ଜଳପ୍ରପାତରେ ପର୍ଯ୍ୟଟନର ବିକାଶ ପାଇଁ ୩ କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

### ହତ୍ୟା...

୨୭ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସ ତଦନ୍ତକୁ ଆଧାର କରି ଓଡଗାଁ କୋର୍ଟ ଏହି ରାୟ ଦେଇଛନ୍ତି । ଏପରି ଫାଶୀ ଦଣ୍ଡାଦେଶ ହେବା ନୟାଗଡ଼ ଜିଲ୍ଲାରେ ପ୍ରଥମ ବୋଲି କୁହାଯାଉଛି । ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟ ଓ ସୁପ୍ରିମ କୋର୍ଟ ଯାଇ ପାରିବେ ବୋଲି ବରିଷ୍ଠ ଆଇନଜୀବୀ ପ୍ରକାଶ କରିଛନ୍ତି। ।

### ଆହୁରି...

ଜାରି କରାଯାଇଛି । ସମ୍ବଲପୁର, ଯାଜପୁର, କଟକ, ଜଗତସିଂହପୁର, ବଲାଙ୍ଗୀର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ବରଗଡ଼ ଓ ରାୟଗଡ଼ା ଜିଲ୍ଲା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୨୮ ତାରିଖ ଲାଗି କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ଯାଜପୁର, ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖ ଲାଗି ମଧ୍ୟ ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା ଓ ଅନୁଗୁଳ ଜିଲ୍ଲା ଲାଗି ରେଡ୍‌ୱାର୍ଣ୍ଣିଂ ଜାରି ହୋଇଛି । ଅନୁଗୁଳର ସର୍ବାଧିକ ତାପମାତ୍ରା ୪୪.୬° ରେକର୍ଡ କରାଯାଇଥିବାବେଳେ ବୌଦ୍ଧର ତାପମାତ୍ରା ୪୪.୫°, ନୂଆପଡ଼ା ଓ ବଲାଙ୍ଗୀରର ୪୪°, ବାରିପଦା ୪୩.୮°, ଟିଟିଲାଗଡ଼ ୪୩.୬°, ଯାଜପୁର ୪୩.୬°, ସମ୍ବଲପୁର ଓ ହୀରାକୁଦ ୪୩.୬°, ଝାରସୁଗୁଡ଼ା ଓ ତାଳଚେର ୪୩.୫°, ଢେଙ୍କାନାଳ ୪୩.୧°, ନୟାଗଡ଼ ୪୨.୮°, ମାଲକାନଗିରି ୪୨.୫°, ଭବାନୀପାଟଣା ୪୨.୬°, ରାଉରକେଲା ୪୨.୩°, ସୋନପୁର ୪୨.୩°, ପାରଳାଖେମୁଣ୍ଡି ଓ ଖୋର୍ଦ୍ଧା ୪୨°, କେନ୍ଦୁଝରରେ ୪୧.୮°, ଚାନ୍ଦବାଲି ୪୧.୭°, ଭଦ୍ରକ ୪୧.୫°, ବରଗଡ଼ ୪୧.୪°, ଫୁଲବାଣୀ ୪୧.୨°, କେନ୍ଦ୍ରାପଡ଼ା ଓ ରାୟଗଡ଼ା ୪୧°, କଟକ ୪୦.୮°, ଭୁବନେଶ୍ୱର ୪୦.୫°, ଛତ୍ରପୁର ୪୦.୫°, ନବରଙ୍ଗପୁର ୪୦.୨° ଓ ଦେବଗଡ଼ ୪୦° ରେକର୍ଡ଼ କରାଯାଇଛି ।

### ସ୍ୱାଧୀନତା...

ନେତା ପଦ ହାସଲ କରିଥିଲେ । ପରେ ଗଣତନ୍ତ୍ର ପରିଷଦରୁ ଡ. ସୂପକାର ସମ୍ବଲପୁରରୁ ୧୯୫୭ରେ ଲୋକସଭା, କଂଗ୍ରେସରୁ ୧୯୬୭ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଏହାପୂର୍ବରୁ ସେ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଭାବେ ୧୯୬୫ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୮୫ରେ ସମ୍ବଲପୁରରୁ ବିଧାନସଭାକୁ ନିର୍ବାଚିତ ହୋଇ ୧୯୯୦ ପର୍ଯ୍ୟନ୍ତ ବିଧାୟକ ଥିଲେ। ୧୯୮୫ ନିର୍ବାଚନ ଓଡ଼ିଶା ରାଜନୀତିରେ ସମ୍ବଲପୁରକୁ ଫୋକସ୍‌ରେ ଆଣିଥିଲା। ସିଟିଂ ବିଧାୟକ ଅଶ୍ୱିନୀ ଗୁରୁଙ୍କ ଟିକଟ୍ କାଟି କଂଗ୍ରେସ ଡ. ସୂପକାରଙ୍କୁ ପ୍ରାର୍ଥୀ କରିଥିଲା। ଡ. ସୂପକାର ବିଭିନ୍ନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରଚାର ହୋଇଥିଲା। ତାଙ୍କ ସମ୍ମୁଖରେ ସଂପର୍କୀୟ ନାତି ଓ ବର୍ତ୍ତମାନ ବିଜେପି ସାଂସଦ ସୁରେଶ ପୂଜାରୀ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ୧୯୬୯ରେ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଦଳରେ ପ୍ରଥମ କରି ସଂକଟ ଦେଖା ଦେଲା। ସେଥର କଂଗ୍ରେସ ଦୁଇ ଭାଗ ହେବାରୁ ଡ. ସୂପକାର ସଂଗଠନ କଂଗ୍ରେସରେ ରହି ଏନ୍. ସଞ୍ଜିବ ରେଡ୍ଡୀଙ୍କୁ ସମର୍ଥନ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଥିବା କେ. ରଘୁ ରାମାୟା ଶାସକ କଂଗ୍ରେସ ଦଳରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ ହେବେ ବୋଲିସ ଡ. ସୂପକାରଙ୍କୁ ପ୍ରବର୍ତ୍ତାଇ ଥିଲେ ବୋଲି କୁହାଯାଏ। ଇନ୍ଦିରା ଗାନ୍ଧୀଙ୍କ ଭିତିରିଆ ସମର୍ଥନ ଯୋଗୁଁ ଭି.ଭି. ଗିରି ବିଜୟୀ ହେଲେ। ଅସନ୍ତୁଷ୍ଟ କଂଗ୍ରେସ ବା ସଂଗଠନ କଂଗ୍ରେସ ଦଳରେ ରହି ଡ. ସୂପକାର କେନ୍ଦ୍ରରେ ମନ୍ତ୍ରୀ ହୋଇ ପାରି ନଥିଲେ ବୋଲି କୁହାଯାଏ।

### ମୋଦି...

ବିହାରର ଏକ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ଅଭିଯୋଗ ଆଣିଛନ୍ତି ଯେ କଂଗ୍ରେସର ସେହେଜାଦା ଏବେ ପ୍ରତି ପରିବାରର ଆୟ ନେଇ ସର୍ଭେ କରିବାକୁ ଚାହୁଁଛନ୍ତି । ସେ ଉତ୍ତରାଧିକାରୀ ଟିକସ ଲାଗୁ କରିବେ । ଯେଉଁ ପରିବାରର ଅଳ୍ପ କିଛି ସଞ୍ଚୟ ଅଛି ବା ଗୋଟିଏ ଦୋକାନ କି ଘର ଅଛି ସେମାନେ କ'ଣ କରିବେ । ଆମ ଭଉଣୀମାନଙ୍କର ଗହଣା ଓ ମଙ୍ଗଳସୂତ୍ର ବାବଦରେ କ'ଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

# ୨ କିମି ଖଟିଆରେ ବୁହାହେଲେ ଗର୍ଭବତୀ



ବାଲେଶ୍ୱର (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ମସିହାରେ ଓଡ଼ିଶାକୁ ଦେଶର ୧ ନମ୍ବର ବିକଶିତ ରାଜ୍ୟ ଭାବେ ଗିବାକୁ ସ୍ୱପ୍ନ ଦେଖୁଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋରରୁ ଆସିଛି ଜନନୀ ଯନ୍ତ୍ରଣାର ଚିତ୍ର। ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିପାରି ନାହିଁ। ଫଳରେ ଜଣେ ଗର୍ଭବତୀ ମହିଳାଙ୍କୁ ୨ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି କି ନେବାକୁ ପଡ଼ିଛି।ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଗାଁକୁ ରାସ୍ତା ନଥିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ଦୁଇକିମି ବୁହାଯାଇଛି। ସୋର ବ୍ଲକ ଅଧକ୍ଷା ଅନୁସୟା ମଳିକଙ୍କ ପଞ୍ଚାୟତ ତଥା ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ନାଥସାହିରେ। ଗତ କିଛିଦିନ ତଳେ ଗାଁର ରାସ୍ତା ସମସ୍ୟାକୁ ନେଇ ଗାଁ ଲୋକେ ଜିଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ ଏବଂ ରାସ୍ତା ନିର୍ମାଣ ଓ ସମସ୍ୟାର ସମାଧାନ ନହେଲେ ଭୋଟ ବର୍ଜନର ଚେତାବନୀ ଦେଇଥିଲେ। ଶୁକ୍ରବାର ସକାଳେ ଗ୍ରାମର କେଶବ ନାଥଙ୍କ ସ୍ତ୍ରୀ ସୁରଭି ନାଥଙ୍କ ପ୍ରସବ ଜନିତ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ଫଳରେ ପରିବାର ଲୋକେ ସୁରଭିଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୨ ଆମ୍ବୁଲାନ୍ସକୁ ଜଣାଇଥିଲେ। ଆମ୍ବୁଲାନ୍ସ ଆସିଥିଲା ସତଛ କିନ୍ତୁ ଗାଁକୁ ରାସ୍ତା ନଥିବା କାରଣରୁ ଆଗକୁ ଯାଇ ପାରି ନଥିଲା। ଗାଁରେ ପହଞ୍ଚିବାର ୨ କିଲୋମିଟର ଦୂରରେ ଅଟକି ଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ସୁରଭିଙ୍କୁ ଏକ ଖଟିଆ ଦ୍ୱାରା ଘର ଠାରୁ ବୋହିନେଇ ଆମ୍ବୁଲାନ୍ସ ଯୋଗେ ଅନନ୍ତପୁର ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଏବେ ସୁରଭି ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି। ନାଥସାହିରେ ପାଖାପାଖି ୧୫୦ ପରିବାର ବସବାସ କରୁଛନ୍ତି । ଭୋଟର ସଂଖ୍ୟା ୪୦୦ ପାଖାପାଖି ଅଛନ୍ତି। ତେବେ ଦେଶ ସ୍ୱାଧୀନତାର ୭୬ ବର୍ଷ ପରେବି ଏହି ଗ୍ରାମର ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ରହିବା ପରିତାପର ବିଷୟ ଅଟେ। ଏପରିସ୍ଥିତିରେ ପ୍ରଶାସନ ସବୁଜାଣି ନିରବଦ୍ରଷ୍ଟା ସାଜିବା ଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଗ୍ରାମବାସୀମାନେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲଇ କହିଛନ୍ତି।

## ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଗୁରୁତର

ବେତନଟୀ ,(ସବ୍ୟୁ) : ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ବୈଶିଙ୍ଗା ଥାନା ଅଧୀନ ବୈଦିପୁର ଗ୍ରାମର ଚକରା ସିଂଙ୍କ ପୁଅ ମନରଞ୍ଜନ ସିଂ(୩୦) ଗୁରୁତର ।ସୂଚନା ଅନୁଯାଇ ମନରଞ୍ଜନଙ୍କର ବଡବାପା ଜଳଧରଙ୍କ ଘରେ ବିବାହ ଭୋଜି ଚାଲିଥିବାବେଳେ ସେ ସେଠାରେ ଉପସ୍ଥିତ ରହି ଲୋକଙ୍କ ଖାଇବା ପିଇବା ନେଇ ବୁଝାବୁଝି କରୁଥିଲା ।ହେଲେ ଅନ୍ଧାରର ସୁଯୋଗ ନେଇ କେହି ଜଣେ ଦୁର୍ବୃତ୍ତ କୌଣସି ଅସ୍ତ୍ର ସାହାଯ୍ୟରେ ମନରଞ୍ଜନର ପଛପଟ ମଥାରେ ଶକ୍ତ ପ୍ରହାର କରିଥିଲା। କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନରଞ୍ଜନକୁ ପରିବାର ଲୋକ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିବା ବେଳେ ରକ୍ତସ୍ରାବ ବନ୍ଦ ନହୋଇ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା।ଗୁରୁବାର ସନ୍ଧ୍ୟାରେ ରେ ଏହି ଘଟଣା ଘଟିଥିଲେ ମଧ ଶୁକ୍ରବାର ସନ୍ଧ୍ୟାସୁଦ୍ଧା ବୈଶିଙ୍ଗା ଥାନାରେ କୌଣସି ଅଭିଯୋଗ ହୋଇନାହିଁ କିମ୍ବା ବୈଶିଙ୍ଗା ଡାକ୍ତରଖାନା କର୍ତ୍ତୃପକ୍ଷ ମଧ ବୈଶିଙ୍ଗା ଥାନାକୁ କିଛି ସୂଚନା ଦେଇ ନ ଥିବାର ଜଣାଯାଇଛି ।

## ପ୍ରାର୍ଥୀ ଘୋଷଣାକୁ ନେଇ ଭୋଗରାଇରେ ବଢୁଛି ଉତ୍କଣ୍ଠା

ଭୋଗରାଇ,(ସବ୍ୟୁ) :ଆଜିହେଉଛି କାଲି ହେଉଛି, ଗଡ଼ି ଯାଉଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀର ବିଜେଡ଼ି ଓ ବିଜେପିର ପ୍ରାର୍ଥୀ ଘୋଷଣା । କଂଗ୍ରେସ ପ୍ରାର୍ଥୀଭାବେ ସତ୍ୟଶିବ ଦାସଙ୍କ ନାମ ଘୋଷଣା ହୋଇଥିବା ବେଳେ କଂଗ୍ରେସ ଆଗୁଆ ନିର୍ବାଚନ ମୈଦାନକୁ ଓହ୍ଲାଇଛି । ଏଭଳି ସ୍ଥିତିରେ ବିଜେଡ଼ି ଓ ବିଜେପି ଆଶାୟୀ ପ୍ରାର୍ଥୀଙ୍କ ଛାତି ଧଡ଼ପଡ଼ କରୁଥିବାବେଳେ ଦୁଇଦଳର ସମର୍ଥକଙ୍କ ମଧ୍ୟରେ ବଢୁଛି ଉତ୍କଣ୍ଠା । ଭୋଗରାଇ ନିର୍ବାଚନ ମଣ୍ଡଳୀ ରାଜ୍ୟରେ ଏକ ସଚେତନଶୀଳ ଏବଂ ସଂସ୍କୃତି ସମ୍ପନ୍ନ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ୩୪ବର୍ଷ ଧରି ଜନତା ଦଳ ଓ ବିଜୁ ଜନତା ଦଳ କ୍ଷମତା ଦଖଲ କରି ଆସୁଛି । ଏହି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ବିଧାୟକ ଅନନ୍ତ ଦାସ ୪ଥର ଲଗାତର ଭାବେ ବିଜୟୀ ହୋଇ ମନ୍ତ୍ରୀପଦ ସହ ବହୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ଆସୁଥିବା ବେଳେ ବାର୍ଦ୍ଧକ୍ୟ ଜନିତ କାରଣରୁ ଚଳିତ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ । ତାଙ୍କ ଉତ୍ତରାଧିକାରୀ ଭାବେ ପୁଅ ଇଂ ଅଭିଜିତ ଦାସ ବିଜେଡ଼ି ଟିକେଟ ଦୌଡ଼ରେ ଥିବା ବେଳେ ଦେବଗଡ଼ ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, ବିଶିଷ୍ଟ ସାମାଜିକ କର୍ମୀ ବିଦୁବେନ୍ଦୁ ଦାସ, ଭୁବନେଶ୍ୱର ଏମ୍ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ଦାସ ମଜୁମଦାର, ଶଙ୍ଖଭବନ ଓ ନବୀନ ନିବାସରେ ଟିକେଟ ଲାଗି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କସରତ କରୁଥିବା କଥା ଦଳୀୟ ନେତାଙ୍କ ଠାରୁ ଜଣାପଡ଼ିଛି । ସେହିପରି ଭୋଗରାଇ ଭାଜପା ୨୦୧୭ ମସିହାରୁ ଦିଲ୍ଲୀ ଆମଦାନୀ ଯୁବବେପାରୀ ଅଂଶୁମାନ ମହାନ୍ତିଙ୍କୁ ନେତୃତ୍ୱ ଦେବାକୁ ନେଇ ଅଦ୍ୟାବଧି ଦଳ ବହୁ ଭାଗରେ ବିଭକ୍ତ ହୋଇ ନେତୃତ୍ୱ ପରିବର୍ତ୍ତନ ନିମନ୍ତେ ବଳିଷ୍ଠ ଓ ବରିଷ୍ଠମାନେ ଦାବି କରି ଆସୁଥିବା ବେଳେ ଦଳର ମଙ୍ଗ ଧରିବାକୁ ନେତା ଖୋଜା ଚାଲିଥିବା ଦଳୀୟ ସୂତ୍ରରୁ ଜଣାଯାଇଛି । ନିକଟରେ ଭୋଗରାଇ କଂଗ୍ରେସ ଶାଖା ସଭାପତି ପଦରୁ ଇସ୍ତଫା ଦେଇ ଭାଜପା ଟିକେଟ ଦୌଡ଼ରେ ଥିବା ଆଶିଷ କୁମାର ପାତ୍ରଙ୍କୁ ଦଳର କେତେକ ନେତା ସମର୍ଥନ କରୁଥିବାରୁ ଦଳୀୟ ରାଜ୍ୟ ଓ ଜିଲ୍ଲା ନେତାଙ୍କୁ ଅଡୁଆରେ ପକାଇଛି । ଅପରପକ୍ଷରେ ଭୋଗରାଇରେ ବିଜେଡ଼ି ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରୁ ଇଂ ଅଭିଜିତ ଦାସଙ୍କୁ ନେଇ ଭାଜପା ନିରାଶ କରିଥିବା ବେଳେ ଶେଷ ମୁହୂର୍ତ୍ତରେ ଭୋଗରାଇ ରାଜନୀତିରେ ଘଡିକେ ଘୋଡା ଛୁଟୁଛି ଓ ଘୋଡ଼ା ବେପାର ନିମନ୍ତେ ରଣକୌଶଳ ପ୍ରସ୍ତୁତ ହେଉଥିବାର ରାଜନୈତିକ ସମୀକ୍ଷକମାନେ କହୁଥିବା ଶୁଣିବାକୁ ମିଳୁଛି ।

## ଲଙ୍କାପୋଡି ଦଶମ ଦିବସ : ଶ୍ରୀରାମ ବିଳାପ ଓ ଶବରୀ ମୋକ୍ଷ



ଦଶପଲ୍ଲା ,(ସବ୍ୟୁ) :ଚଳିତବର୍ଷ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ନବମ ଦିବସ ରେ ରାମ ନାଟକ ବନ୍ଦ ରହିଥିଲା ଛ ଯାତ୍ରା ର ଦଶମ ଦିବସ ରେ ମୁଖ୍ୟମଞ୍ଚରେ ଶ୍ରୀରାମ ବିଳାପ ଓ ଶବରୀ ମୋକ୍ଷ ନାଟକ ମଂଚସ୍ଥ ହୋଇଯାଇଛି । ମାୟାବୀ ରାବଣ ସୀତା ଅପହରଣ କରି ନେବାପରେ ମାୟା ମୃଗ ପଛରେ ଯାଇଥିବା ଶ୍ରୀରାମ ଙ୍କ ସହ ଅରଣ୍ୟ ମଧ୍ୟରେ ଲକ୍ଷ୍ମଣ ଙ୍କ ସହ ଦେଖାହୁଏ । ଲକ୍ଷ୍ମଣ ଙ୍କ ଠାରୁ ସବୁକଥା ଶୁଣି ଶ୍ରୀରାମ ଓ ଲକ୍ଷ୍ମଣ ପୂର୍ଣ କୁଟୀର କୁ ଫେରନ୍ତି ।ପୂର୍ଣ କୁଟୀର ରେ ସୀତାଙ୍କୁ ନପାଇ ଶୋକାତୁର ହୋଇ ପଡନ୍ତି ।ଏଭଳି ଶୋକାତୁର ହୋଇ ବନଗମନ କଲାବେଳେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ପକ୍ଷୀରାଜ ଜଟାୟୁ କୁ ଦେଖନ୍ତି । ଜଟାୟୁ ସୀତାହରଣ ଖବର ଦେଇ ଦେହତ୍ୟାଗ କରେ । ଜଟାୟୁ କୁ ଶ୍ରୀରାମ ନିଜର ମୈତ୍ର ପିତା ମନେକରି ତାହାର ଦେହ ସଂସ୍କାର କରି ଆଗକୁ ବଢନ୍ତି । ଏହି ସମୟ ରେ କବନ୍ଧସୁର ଶ୍ରୀରାମ ଓ ଲକ୍ଷ୍ମଣ ଙ୍କୁ ଖାଇବା ପାଇଁ ନିଜର ଦୁଇହାତ ପ୍ରଶସ୍ତ କରି ରାମ ଓ ଲକ୍ଷ୍ମଣ ଙ୍କୁ ଧରିନିଏ । ପରେ ଶ୍ରୀରାମ ଓ ଲକ୍ଷ୍ମଣ ତାର ଦୁଇ ବାହୁ କାଟି ଦେବାରୁ ତାର ମୃତ୍ୟୁ ହୁଏ ଏବଂ ସେ ମୋକ୍ଷ ପ୍ରାପ୍ତି ହୁଏ । ମାତ୍ର କବନ୍ଧ ଅସୁର ମୃତ୍ୟୁ ପୂର୍ବରୁ ରାବଣ ସୀତା ଙ୍କୁ ହରଣ କରି ନେଇଥିବା ସମ୍ପର୍କ ରେ ଶ୍ରୀରାମ ଓ ଲକ୍ଷ୍ମଣ ଙ୍କୁ ସବୁକଥା କହି ଆଗରେ ତପସ୍ୱୀ ଶବରୀ ଠାରୁ ସମସ୍ତ ଖବର ପାଇପାରିବେ କହି ସେ ଚାଲିଯାଏ । ପରେ ଶ୍ରୀରାମ ଓ ଲକ୍ଷ୍ମଣ ମାତଙ୍ଗ ମହର୍ଷିଙ୍କ ଆଶ୍ରମକୁ ଯାଇ ତପସ୍ୱୀ ଶବରୀ ସହ ସାକ୍ଷାତ ହୁଏ । ଶବରୀ ଗୁରୁଙ୍କ ଆଦେଶ ମାନି ବହୁକାଳରୁ ଶ୍ରୀରାମ ଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲା । ସେ ଶ୍ରୀରାମ ଙ୍କୁ ଦେଖି ପ୍ରଥମେ ପକ୍‌ଫଳ ଚାଖି ଶ୍ରୀରାମ ଙ୍କୁ ଖାଇବାକୁ ଦେଉଥିଲା। ମାତ୍ର ସୁନ୍ଦର ଫଳ କୁ ନ ଚାଖି ତପସ୍ୱୀ ସନାରୀ ଶ୍ରୀରାମ ଙ୍କୁ ଦେବାରୁ ସେ ଗ୍ରହଣ କରିନଥିଲେ । ପରେ ଶବରୀ ସୀତାହରଣ ର ସମସ୍ତ ବୃତାନ୍ତ ବର୍ଣ୍ଣନା କରେ । ଆଗକୁ ଗଲେ କିଷ୍କିନ୍ଦା ନଗରୀ ର ଋଷ୍ୟ ମୁକ ପର୍ବତ ରେ ସୁଗ୍ରୀବ ଓ ତାଙ୍କ ସେନାଙ୍କ ସହ ସାକ୍ଷାତ ହେବ କହି ଶବରୀ ନିଜେ ଶରୀର ତ୍ୟାଗ କରି ମୁକ୍ତି ହୁଏ । ଏଭଳି ନାଟକ କରୁଣ ରସ ଓ ଭକ୍ତି ରସ ରେ ପରିପୂର୍ଣ ଥିବାବେଳେ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ କରୁଣ ଭାବ ସୃଷ୍ଟି କରିଥିଲା।

## ଶ୍ରୀରାମ ବିଜୟା ଦଶମୀ ଶୋଭାଯାତ୍ରାରେ ପଥର ମାଡକୁ ନିନ୍ଦା

ଧାମନଗର,(ସବ୍ୟୁ):ଧାମନଗର ଏନଏସି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଧାମନଗର ଅଂଚଳରେ ଶାନ୍ତି ବଜାୟ ରଖିବା ପାଇଁ ଏକ ସଦ୍ଭାବନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧାମନଗର ଅଂଚଳର ଉଭୟ ସଂପ୍ରଦାୟ ମଧ୍ୟରେ ଶାନ୍ତି ଓ ସଦ୍ଭାବନା କିପରି ଅକ୍ଷୁର୍ଣ୍ଣ ରହିବ ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ବୈଠକରେ ଗତ ଶ୍ରୀରାମ ବିଜୟା ଦଶମୀ ସଂକୀର୍ତନ ଶୋଭାଯାତ୍ରା ଉପରକୁ କରାଯାଇଥିବା ଟେକା ପଥର ମାଡକୁ ଘୋର ନିନ୍ଦା କରାଯାଇଥିଲା। ଭାଇଚାରାର ସହର ଧାମନଗରରେ ସାମ୍ପ୍ରଦାୟିକ ସଦଭାବ ଦୃଢ ରହିଥିବାବେଳେ କେହି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଭଳି ଘଟଣା ଘଟାଇ ଧାମନଗରରେ ଅଶାନ୍ତି ସୃଷ୍ଟି କରିବାର ଅପଚେଷ୍ଟା କରିଥିଲେ। ଏହାକୁ ଧାମନଗରର ସଚେତନ ଲୋକେ କରାଇ ଦେଇନଥିଲେ। ମାତ୍ର ଧାମନଗର ପୋଲିସ ପ୍ରଶାସନ ଏହି ଘଟଣାର ନିରବଦ୍ରଷ୍ଟା ସାଜିଛି। ପୋଲିସ ସେମାନଙ୍କୁ ଚିହ୍ନଟ କରି ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା। ଧାମନଗରରେ ପାଳନ କରାଯାଇଥିବା ଇଦ୍ ପର୍ବ ଓ ଶ୍ରୀରାମ ବିଜୟା ଦଶମୀ ପର୍ବ ପାଳନ ପୂର୍ବରୁ ଶାନ୍ତି କମିଟି ବୈଠକ ଡକାଯାଇନଥିବା କାରଣ କ'ଣ ଏବଂ କୌଣସି ଅପ୍ରିତିକର ପରିସ୍ଥିତି ଘଟିବା ପରେ ଧାମନଗର ଶାନ୍ତି କମିଟିର ଜରୁରୀ ବୈଠକ ଡାକିବାକୁ ମଧ୍ୟ ସ୍ଥାନୀୟ ପ୍ରଶାସନ ଭୁଲିଯାଇଥିବା ବୈଠକରେ ଆଲୋଚନା କରାଯାଇଥିଲା। ସମାଜସେବୀ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଓ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭ ।ବନା ବୈଠକରେ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ,ସେକ ଅବଦୁଲ ହକିମ,ଆଇନଜୀବୀ ଅମରେନ୍ଦ୍ର ମହାନ୍ତି,ଅଜିତ କୁମାର ଦାସ,ଅଧ୍ୟାପକ ଚିତ୍ତରଞ୍ଜନ ଦାଶ,ଧାମନଗର ଏନଏସି ଉପାଧ୍ୟକ୍ଷ ଓସୀମ ୟେସଦାନୀ କାଦରୀ,ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,ଗୋଲାମ ଜିଲାନୀ ହବିବି,ସେକ ଜାଫର ଅଲ୍ଲୀ,ଅନନ୍ତ ଜେନା,ସମାଜସେବୀ ମନୋରଞ୍ଜନ ମଲ୍ଲିକ,ଶରତଚନ୍ଦ୍ର ମହାନ୍ତି,ମୀର ଖୁରସିଦ,ସରୋଜ କୁମାର ମହାପାତ୍ର,ଶ୍ରୀଧର ବେହେରା,ସେକ ମୋଇଉଦ୍ଦିନ,ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ,ସେକ ମୁକ୍ତାର ଅହେମ୍ମଦ,ସେକ ରୋସ୍ତମ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ଖୁବଶିଘ୍ର ଭଦ୍ରକ ଜିଲ୍ଲାପାଳ,ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ପ୍ରତିନିଧିଦଳ ଭେଟି ଧାମନଗର ଆଇନଶୃଙ୍ଖଳା ସଂପର୍କରେ ଅବଗତ କରାଇବା ପାଇଁ ନିଷ୍ପତ୍ତି ହୋଇଥିଲା।

## ମିଳୁନି ସରକାରୀ ସ୍ୱୀକୃତି : ୨୦ ବର୍ଷ ହେଲା ବେଠି ଖଟୁଛନ୍ତି ଶିକ୍ଷକ

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅନ୍ତର୍ଗତ ପୀରହାଟ ଶାନ୍ତି ଶୈଳେନ୍ଦ୍ର ସରକାରୀ ହାଇସ୍କୁଲରେ ଜଣେ ବିଇଡି ତାଲିମଧାରୀ ଶିକ୍ଷକ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ସାମାନ୍ୟ କିଛି ଟଙ୍କା ଦରମାରେ ଶିକ୍ଷାଦାନ କରିଆସୁଛନ୍ତି । ସରକାରଙ୍କ ଠାରେ ଯେତେ ହାରି ଗୁହାରୀ କରିଥିଲେ ମଧ ଆଜିଯାଏଁ ତାଙ୍କୁ ସ୍ଥାୟୀ ଶିକ୍ଷକର ମାନ୍ୟତା ମିଳି ପାରି ନଥିବାରୁ ସଂପୃକ୍ତ ଶିକ୍ଷକଙ୍କ ପରିବାର ଚରମ ଦୁର୍ଦ୍ଦଶା ମଧ ଦେଇ ସମୟ ଅତିବାହିତ କରି ଆସୁଛନ୍ତି। ପ୍ରକାଶ ଯେ, ଗତ ୨୦୦୩ ମସିହା ଜାନୁୟାରୀ ୧୫ ତାରିଖରୁ କଳାରେ ସ୍ନାତକ ଡିଗ୍ରୀ ଓ ବିଇଡି ତାଲିମପ୍ରାପ୍ତ ଯଦୁମଣି ପାଣିଗ୍ରାହୀ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲର ଶିକ୍ଷକ-ଅଭିଭାବକ କମିଟି ଦ୍ୱାରା ନିଯୁକ୍ତ ହୋଇ ନିଷ୍ଠାପର ଓ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କାର୍ଯ୍ୟ ତୁଲାଇ ଆସୁଛନ୍ତି। ତାଙ୍କ ଶିକ୍ଷକତା ଜୀବନରେ ସେ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଯୋଗ୍ୟ ମଣିଷ କରି ଗଢି ତୋଳିଛନ୍ତି । ତାଙ୍କର ଶିକ୍ଷାଦାନ ଶୈଳୀ ଓ ଛାତ୍ର ବତ୍ସଳତା ଗୁଣ ପାଇଁ ସେ ସ୍ଥାନୀୟ ଅଞ୍ଚଳର ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ବେଶ ଲୋକପ୍ରିୟ ଓ ପ୍ରଶଂସିତ ମଧ । କେବଳ ସେତିକି ନୁହେଁ ବିଦ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଉତ୍ସବ ଅନୁଷ୍ଠାନ ପାଳନରେ ଶ୍ରୀ ପାଣିଗ୍ରାହୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । କେବଳ ଜଣେ ଦକ୍ଷ ଶିକ୍ଷକ ନୁହେଁ ବରଂ ଶ୍ରୀ ପାଣିଗ୍ରାହୀ ଜଣେ କବି ଓ ପୁସ୍ତକାର ଭାବେ ସାରା ରାଜ୍ୟରେ ସୁପରିଚିତ । ଓଡିଆ ଭାଷା ସାହିତ୍ୟ ଉପରେ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି । ତାଙ୍କର ଏକାଧିକ ପୁସ୍ତକ ମଧ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଏଠାରେ ବିଭିନ୍ନ ସମୟରେ ଶିକ୍ଷକ ନିଯୁକ୍ତି କରାଯାଉଥିବା ସତ୍ତ୍ୱେ ସଂପୃକ୍ତ ବିଦ୍ୟାଳୟରେ ବର୍ଷ ବର୍ଷ ହେଲା ଏକାଧିକ ଶିକ୍ଷକ ପଦବୀ ଖାଲି ଏବେବି ଖାଲି ପଡିଛି । ମାତ୍ର ତାଙ୍କୁ ସେଠାରେ ସ୍ଥାୟୀ କରିବା ଦିଗରେ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଆଜିଯାଏଁ ଗ୍ରହଣ କରାଯାଇନାହିଁ । ଗତ ୨୦୦୭ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକଙ୍କ ସମେତ ଅସ୍ଥାୟୀ ଭାବେ କେତେ ଜଣ ଶିକ୍ଷାଦାନ କରୁଛନ୍ତି ତାହାର ରିପୋର୍ଟ ମଗାଯାଇଥିଲା । ମାତ୍ର ପରେ ଏଥିନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ସେହିପରି ୨୦୨୩ ମସିହା ସେପ୍ଟେମ୍ବରରେ ରାଜ୍ୟର ବିଭିନ୍ନ ସ୍କୁଲ ଓ କଲେଜର ଭିତ୍ତିଭୂମି ସୁଦୃଢୀକରଣ ଲାଗି ବିଧାୟକ ଭୂପିନ୍ଦର ସିଂହଙ୍କ ଅଧକ୍ଷତାରେ ସ୍ଥାୟୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଦାନପ୍ରାପ୍ତ ସ୍କୁଲରେ ଅବସର ନେଉଥିବା ଶିକ୍ଷକଙ୍କ ସ୍ଥାନ ଖାଲି ରହୁଥିବାରୁ ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ଅସ୍ଥାୟୀ ଭାବେ ସେଠାରେ ନିଯୁକ୍ତି ଦେବା ଓ ପରବର୍ତ୍ତୀ ସମୟରେ ନିଯୁକ୍ତି ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରି ନିୟମିତ କରାଯିବାକୁ କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସୁପାରିଶ କରା ଯାଇଥିଲା । ତାହା ମଧ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଇତି ମଧ୍ୟରେ ଶ୍ରୀ ପାଣିଗ୍ରାହୀଙ୍କର ଚାକିରି ବୟସ ଅତିକ୍ରାନ୍ତ । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ସେ ଏଠାରେ ଶିକ୍ଷାଦାନ କରି ମାନବସମ୍ବଳ ସୃଷ୍ଟିରେ ସହାୟକ ହୋଇଥିବା ବେଳେ ତାଙ୍କ ଓ ତାଙ୍କ ପରିବାର ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି । ତାଙ୍କୁ ସ୍ଥାୟୀ ଶିକ୍ଷକ ହିସାବରେ ସ୍ୱୀକୃତି ଦେବାକୁ ସ୍ଥାନୀୟ ଅଞ୍ଚଳର ଅଭିଭାବକ ମାନେ ସରକାରଙ୍କ ଠାରେ ଦାବି କରିଛନ୍ତି।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ବୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ଜମୁଛି ନିର୍ବାଚନ ପ୍ରଚାର

# କେନ୍ଦୁପତ୍ର ତୋଳାଳୀଙ୍କ ପ୍ରତି ଅନ୍ୟାୟ ହୋଇଛି: ପ୍ରଣବ ପ୍ରକାଶ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଲୋକସଭା କ୍ଷେତ୍ର ଅର୍ନ୍ତଗତ କୁଚିଣ୍ଡା ବିଧାନସଭା ମଣ୍ଡଳୀର ଜମନକିରା ଠାରେ ବିଜେଡ଼ି ପକ୍ଷରୁ ଜନସର୍ମ୍ପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡ଼ି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ । ତାଙ୍କ ସହିତ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ । କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କ ବିକାଶ ଧାରାକୁ ଆଗକୁ ନେବା ପାଇଁ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହା ସହିତ କେନ୍ଦୁପତ୍ର ତୋଳାଳୀଙ୍କ ପ୍ରତି ଅନ୍ୟାୟ ହୋଇଥିବା କହି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ । ଜମନକିରାରେ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟାରେ ସର୍ମଥକ ମାନେ ତାଙ୍କୁ ସ୍ୱାଗତ କରିଥିଲେ । ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ ପ୍ରଣବ ପ୍ରକାଶ । ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । କର୍ମୀ ସମ୍ମିନଳୀରେ ଉପସ୍ଥିତ ଥିବା ସମର୍ଥକ ମାନଙ୍କୁ ସେ ପ୍ରଥମେ କୃତଜ୍ଞତା ଜଣାଇଥିଲେ । କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶ କାର୍ଯ୍ୟ ଜାରି ରହିଛି । ଆପଣ ମାନଙ୍କ ଆର୍ଶିବାଦ ରହିଲେ ବିକାଶ ଧାରା କୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପ୍ରଣବ ପ୍ରକାଶ କହିଥିଲେ । ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଆସୁଛନ୍ତି । କିନ୍ତୁ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲଗାଇଥିବା ୧୮ ପ୍ରତିଶତ ଜିଏସଟି କୁ ହଟାଯାଉନାହିଁ । କେନ୍ଦ୍ର ସରକାରଙ୍କୁ ବାରାମ୍ବାର ନିବେଦନ କଲା ସତ୍ତ୍ୱେ କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର କରୁନାହାନ୍ତି । ଏଠାରେ ଅନେକ କେନ୍ଦୁପତ୍ର ତୋଳାଳୀ ରହିଥିବେ । କିନ୍ତୁ ଆପଣମାନେ ଯେଉଁ ସାଂସଦଙ୍କୁ ଭୋଟ ଦେଇ ଦିଲ୍ଲୀ ପଠାଇଥିଲେ ସେ ଏ ସର୍ମ୍ପକରେ ପଦେ ମୁହଁ ଖୋଲିନାହାନ୍ତି । କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱର ଦିଲ୍ଲୀ ଦରବାରରେ ଉଠାଇବାକୁ ଆପଣ ମାନଙ୍କୁ ଏଇ ନିର୍ବାଚନରେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ହେବ ବୋଲି ନିବେଦନ କରିଥିଲେ ।

### ରେଷ୍ଟୁରାଣ୍ଟରେ ମଦ କାରବାର, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବେଆଇନ୍ ଭାବେ ରେଷ୍ଟୁରାଣ୍ଟରେ ମଦ କାରବାର କରିବା ଅଭିଯୋଗରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି । ଲକ୍ଷାଧିକ ଟଙ୍କାର ମଦ ଜବତ ହୋଇଛି । କେଶୁରା ପାଖରେ ଥିବା କାଷ୍ଟଲ ଇନ୍ ରେଷ୍ଟୁରାଣ୍ଟରେ ଲାଇସେନ୍ସ ନଥାଇ ବାର୍ ଭଳି ମଦ କାରବାର ଦୀର୍ଘଦିନ ହେବ ସେଠାରେ ଚାଲୁଥିବା ଅବକାରୀ ସ୍କ୍ୱାର୍ଡ ଖବର ପାଇବା ପରେ ସତର୍କତାର ସହ ମୋବାଇଲ ସ୍କ୍ୱାର୍ଡ ସେଠାରେ ଚଢ଼ାଉ କରିଥିଲା । ବିପୁଳ ପରିମାଣର ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ଶୁଭ୍ରାଂଶୁ ମହାରଣା (୩୦), ଅମନ୍ଦୀପ ସିଂ (୨୦), ରମେଶ ବାରିକ (୪୨), ସଞ୍ଜୟ କୁମାର ନାୟକ (୪୫) । ଏହି ୪ ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । କେବଳ ଏହି ରେଷ୍ଟୁରାଣ୍ଟରେ ନୁହେଁ ଭୁବନେଶ୍ୱର ସହରର ଗଳିକନ୍ଦିରେ ଚୋରାମଦ କାରବାର ହେଉଛି । ଏପରିକି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଲୁକ୍କାୟିତ ଭାବେ ବିଳମ୍ବିତ ରାତିରେ ମଦ ମିଳୁଛି । ଏହା ପୋଲିସ୍ ଓ ଅବକାରୀ ଜାଣୁଥିଲେ ମଧ୍ୟ ନିୟନ୍ତ୍ରଣ କରିପାରୁନାହାନ୍ତି ।

# ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ







ଭୁବନେଶ୍ୱର (ସବ୍ୟୁ): ନାଲକୋ ଅଧ୍ୟକ୍ଷତାରେ ଶୁକ୍ରବାର ନାଲକୋ କର୍ପୋରେଟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାଲକୋ ସିଏମଡି ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ରାଜଭାଷା ବିଭାଗର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ନିର୍ମଳ କୁମାର ଦୁବେଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ହିନ୍ଦୀ କର୍ମଶାଳା, ହିନ୍ଦୀ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ, ଉପ-କମିଟି ଗଠନ, ସମିତି ପକ୍ଷରୁ ପତ୍ରିକା ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ, ଗତ ତ୍ରୈମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ବୈଠକରେ ପୁରସ୍କୃତ କରାଯାଇଥିଲା ।

ସଦସ୍ୟ କାର୍ଯ୍ୟାଳୟମାନଙ୍କ ଅଗ୍ରଗତିରେ ଖୁସି ବ୍ୟକ୍ତ କରିବା ଅବସରରେ ନାଲକୋ ସିଏମଡି ଶ୍ରୀଧର ପାତ୍ର ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ମିଳିତ ପ୍ରୟାସ ମାଧ୍ୟମରେ ନିଜ କାର୍ଯ୍ୟାଳୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପାୱାର ଗ୍ରୀଡ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ, ସେଲ, ଏମସିଏଲ, ବିଏଚଇଏଲ, ଏଫସିଆଇ, ହୁଡକୋ, ବିଇଏମଏଲ, ଆରସିଏଫଏଲ, ଗେଲ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ଆରଆଇଏନଏଲ, ଏନଟିପିସି, ରାଇଟସ, ଆରଇସି, କଳିଙ୍ଗ ଅଶୋକ ହୋଟେଲ, ୱାପକସ, ସିଏମପିଡିଆଇ, ଏବଂ ଅନ୍ୟ ସରକାରୀ ଉପକ୍ରମ ଓ ଉଦ୍ୟୋଗମାନଙ୍କର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ନାଲକୋର ସମୂହ ମହା ପ୍ରବନ୍ଧକ(ପ୍ରଶାସନ ଓ କର୍ପୋରେଟ ଯୋଗାଯୋଗ) ଆଶୁତୋଷ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ, ପରିଚାଳକ(ରାଜଭାଷା) ହିମାଂଶୁ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶୈଳବାଳା ଛାତ୍ରୀଙ୍କ ସହ ସଂତୃପ୍ତଙ୍କ ଆଲୋଚନା

# 'ଉତ୍ତମ ବିଚାରଧାରା ଉନ୍ନତ ଭବିଷ୍ୟତ ତିଆରି କରେ'

କଟକ,( ସବ୍ୟୁ): ତୁମ ଦକ୍ଷତାକୁ ଚିହ୍ନ । ତୁମ ଭିତରେ ଥିବା ଉର୍ଜା ତୁମକୁ ଆଗକୁ ନେବ । ଯେଉଁଥିରେ ତୁମେ ପାରଙ୍ଗମ, ସେ କ୍ଷେତ୍ରରେ କାର୍ଯ୍ୟକର । ଯାହା ତୁମକୁ ଖୁସି ଦେଉଛି ସେଥିରେ ମନୋନିବେଶ କର । ଉତ୍ତମ ବିଚାରଧାରା, ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ ନିଶ୍ଚିତ ରୂପେ ସହାୟକ ହେବ । ବାରବାଟୀ ଷ୍ଟାଡିୟମ ପରିସରସ୍ଥ ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଛାତ୍ରୀମାନଙ୍କୁ ନେଇ ଆୟୋଜିତ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର । ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

ନିର୍ବାଚନ ଠାରୁ ଆରମ୍ଭ କରି ଛାତ୍ରୀମାନଙ୍କ ଭବିଷ୍ୟତ ଗଠନ ଦିଗରେ ପ୍ରାୟ ଏକ ଘଣ୍ଟାର ଆଲୋଚନା ହୋଇଥିଲା । ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଛାତ୍ରୀମାନଙ୍କୁ ପ୍ରଥମେ ପ୍ରଶ୍ନ କରିଥିଲେ । ସେମାନଙ୍କ ଇଚ୍ଛା, ଆକାଂକ୍ଷା ଓ ଭବିଷ୍ୟତର ଲକ୍ଷ୍ୟ ବାବଦରେ ଜାଣିବାକୁ ଚେଷ୍ଟା କରିଥିଲେ । ନିଜର ଦକ୍ଷତା ଉପରେ ଭରସା ନହେବା, ଆର୍ଥିକ ସମସ୍ୟା ଦେଖାଦେବା ଭଳି ପ୍ରସଙ୍ଗ ଛାତ୍ରୀମାନେ ଉପସ୍ଥାପନ କରିଥିଲେ । ତେବେ ଅନଲାଇନ୍ ଯୁଗର ଉଦାହରଣ ଦେଇ ସବୁକିଛି ଜ୍ଞାନକୌଶଳ ଏବେ ସହଜରେ ହାତ ପାଆନ୍ତାରେ ମିଳୁଛି, ଏଣୁ ଏହାର ସଦୁପଯୋଗ କରିବାକୁ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କୁ ଛାତ୍ରୀମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିଥିଲା । ଜଣେ ସଫଳ ରାଜନେତା ହେବା ପାଇଁ କେଉଁ ପନ୍ଥା ଗ୍ରହଣ କରିବାକୁ ପଡିବ ବୋଲି କାର୍ଯ୍ୟକ୍ରମରେ ପ୍ରଶ୍ନ ଉଠିଥିଲା । ଏହାର ଉତ୍ତରରେ ଡଃ ମିଶ୍ର କହିଥିଲେ ଯେ, ତୁମ ଅର୍ନ୍ତନିହିତ ଗୁଣକୁ ପରିପ୍ରକାଶ କରିବାକୁ ସବୁବେଳେ ଉଦ୍ୟମ କର । ଶିକ୍ଷା ହେଉ କି ରାଜନୀତି, ଯଦି ତୁମେ ଉତ୍ତମ ବିଚାରଧାରା ରଖି କାର୍ଯ୍ୟ କରିବ, ତାହେଲେ ନିହାତି ରୂପେ ସଫଳ ହେବ । ସେହିପରି ସ୍ୱୟଂ ଶାସିତ ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦିଗରେ ଆଲୋଚନା ହୋଇଥିଲା । ସାଂସଦ ପ୍ରାର୍ଥୀ ଡଃ ମିଶ୍ରଙ୍କ ମା' ସରଳୁବାଳା ମିଶ୍ର ଏହି ମହାବିଦ୍ୟାଳୟର ପୁରାତନ ଛାତ୍ରୀ । ଏଣୁ ଏହି ଦୃଷ୍ଟିରୁ ଶୈଳବାଳା ମହାବିଦ୍ୟାଳୟ ପ୍ରତି ପରୋକ୍ଷରେ ଏକ ନିବିଡ ସମ୍ପର୍କ ରହିଛି ବୋଲି ସେ କହିଥିଲେ । ଏତଦବ୍ୟତୀତ ସମସ୍ତେ ଆଗାମୀ ସାଧାରଣ ନିର୍ବାଚନରେ ନିଜ ମତଦାନ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଫଳ କରିବାକୁ ସେ ପରାମର୍ଶ ଦେଇଛନ୍ତି । ନିଜ ଭୋଟ୍ ଦେବା ପୂର୍ବରୁ ପ୍ରାର୍ଥୀଙ୍କୁ ଚିହ୍ନ । ଗୁଗୁଲ୍ର ବ୍ୟବହାର କରି ସେମାନଙ୍କ ବିଷୟରେ ଜାଣିବା ପରେ ନିଜ ମୂଲ୍ୟବାନ ଭୋଟ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବାକୁ ସାଂସଦ ପ୍ରାର୍ଥୀ ଡଃ ମିଶ୍ର ଛାତ୍ରୀମାନଙ୍କୁ ନିବେଦନ କରିଥିଲେ । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପର୍ଯ୍ୟବେକ୍ଷକ ଶୋଭେନ ମହାନ୍ତି ଯୋଗ ଦେଇଥିଲେ । ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରୀତି ପ୍ରିୟଙ୍କା, ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, କଟକ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଳାସପୂର୍ଣ୍ଣ ରିୟଲ ଇଷ୍ଟେଟ୍ ପ୍ରକଳ୍ପ 'ସଲିଟେୟାର'ର ଶୁଭାରମ୍ଭ




ଭୁବନେଶ୍ୱର (ସବ୍ୟୁ): ହର୍ଷପ୍ରିୟା ଗ୍ରୁପ ଏବଂ ନୀଳାଚଳ ହୋମ୍ସର ମିଳିତ ସହ ଯୋଗରେ ଗଠିତ ସଂସ୍ଥା ହର୍ଷପ୍ରିୟା ନୀଳାଚଳ ଗ୍ରୁପ ଗ୍ରାହକମାନଙ୍କ ବିଳାସ ପୂର୍ଣ୍ଣଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳ ରେ ଏକ ଐତିହାସିକ ପ୍ରକଳ୍ପ 'ସଲିଟେୟାର'କୁ ଉନ୍ମୋଚନ କରିଛନ୍ତି । ଆଧୁନିକଜୀବନ ଯାପନ ପାଇଁ ନୀଳାଚଳ ହୋମ୍ସର ଅଭିନବ ଆଭିମୁଖ୍ୟ ସହିତ ଗୁଣବତ୍ତା ପ୍ରତି ହର୍ଷପ୍ରିୟା ଗ୍ରୁପ୍ରପ୍ରତିବଦ୍ଧତାକୁ ଏହି ପ୍ରକଳ୍ପ ଯୋଡ଼ିଛି । ସଲିଟେୟାର ପ୍ରକଳ୍ପ ରିୟଲଇଷ୍ଟେଟ୍ କ୍ଷେତ୍ରରେ ଉତ୍କର୍ଷତାର ଏକ ନୂତନ ମାନଦଣ୍ଡ ସୃଷ୍ଟିକରିବ ।

ହର୍ଷପ୍ରିୟା ଗ୍ରୁପର ଏମ୍ଡି ଚେତନ କୁମାର ଟେକରିୱାଲ କହିଛନ୍ତି, ଭୁବନେଶ୍ୱରରେ ବିଳାସ ଉଦ୍ଭାବନର ପ୍ରକୃତ ପ୍ରତିଫଳନ 'ସଲିଟେୟାର'କୁଉପସ୍ଥାପିତ କରି ଆମେ ଆନନ୍ଦିତ । ସଲିଟେୟାର ସହିତ ଆମର ଲକ୍ଷ୍ୟ କେବଳ ପୂରଣ କରିବା ନୁହେଁ ବରଂ ସମକାଳୀନ ଘରମାଲିକଙ୍କ ଆଶାକୁ ପୂରଣ କରିବା, ସେମାନଙ୍କୁ ଆରାମ, ସୁନ୍ଦରତା ଏବଂ ଅତ୍ୟାଧୁନିକ ସୁବିଧାର ମିଶ୍ରଣ ପ୍ରଦାନ କରିବା ହେଉଛି ଆମର ପ୍ରୟାସ ଏହି ପ୍ରକଳ୍ପରେ ଏକ ୨୧ମହଲା ବିଶିଷ୍ଟ ହାଇରାଇଜ୍ ଟାୱାର ରହିଛି, ଯେଉଁଥିରେ ଅତ୍ୟାବଶ୍ୟକ କମରସିଆଲ ଏରିଆ ସହିତ ୧୯୨ଟି ଆବାସିକ ୟୁନିଟ୍ ରହିଛି, ଯାହା ସବୁସ୍ଥାୟୀ ଏବଂ ଆଧୁନିକ ସ୍ଥାପତ୍ୟଦୃଷ୍ଟିକୋଣ ସହିତ ଡିଜାଇନ୍‌ରେ କରାଯାଇଛି ।

## ଚାନ୍ଦି ଭଣ୍ଡାରରେ ଅକ୍ଷୟ ତୃତୀୟା ସେଲିବ୍ରେସନ୍

# ରୁପା ଗହଣା, ଆର୍ଟିଫ୍ୟାକ୍ଟ ଗଢ଼ା ମଜୁରୀରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି



ଭୁବନେଶ୍ୱର (ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଭୁବନେଶ୍ୱର ଚାନ୍ଦିଭଣ୍ଡାରରେ ଏକ ଉତ୍ସବ ପାଳନ କରାଯାଉଛି । ଏହି ପର୍ବରେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ପାଇଁ ରୁପା ଗହଣାର ଏକ୍ସକ୍ଲୁସିଭ୍ ଷ୍ଟୋର ଚାନ୍ଦିଭଣ୍ଡାର ଆଣିଛି ସ୍ୱତନ୍ତ୍ର ଅଫର । ଫଳରେ ଗ୍ରାହକମାନେ ରୁପା ଗହଣା ଏବଂ ଆର୍ଟି ଫ୍ୟାକ୍ଟର ଗଢ଼ା ମଜୁରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ । ଏହି ଅଫର ଚଳିତମାସ ୨୬ତାରିଖରୁ ଆରମ୍ଭ ହୋଇଛି ଓ ଏହା ମେ ୧୦ତାରିଖ ଯାଏ ଚାଲିବ । ଚାନ୍ଦିଭଣ୍ଡାରରେ ସୁକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପୂଜା ବାସନ ଠାରୁ ଆରମ୍ଭ କରି ଫାଇନ୍ ଡିନର ୱେର ଓ ଆକର୍ଷଣୀୟ ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ । ଏହି ଅବସରରେ ଚାନ୍ଦିଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ୍ କୁହନ୍ତି ଚାନ୍ଦିଭଣ୍ଡାରରେ ଆମେ ପାରିବାରିକ ମୂଲ୍ୟବୋଧକୁ ସମ୍ମାନ ଦେଉ । ଯାହା ଆମକୁ ଶିଖରରେ ପହଞ୍ଚାଇପାରିଛି ।



ପଟିଆ ରାଜାଙ୍କ ଆର୍ଶୀବାଦ ନେଉଛନ୍ତି
ବିଜେପି ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ପ୍ରୀୟଦର୍ଶୀ ମିଶ୍ର

# ପ୍ରୋୱାଚ ଜେଡଏନ ଓ ପ୍ରୋୱାଚ ଭିଏନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଲାଭା ଇଂଟରନ୍ୟାଶନାଲର ଏକ ସବ୍-ବ୍ରାଣ୍ଡ, ପ୍ରୋୱାଚ୍ ଦୁଇଟି ନୂତନ ମଡେଲ ଯଥା ପ୍ରୋୱାଚ ଜେଡ୍ଏନ ଓ ପ୍ରୋୱାଚ୍ ଭିଏନର ଉନ୍ମୋଚନ କରିବା ସହିତ ସ୍ମାଟର୍ଓାଚ୍ ବଜାରରେ ପ୍ରବେଶ କରିଛି । ପ୍ରୋୱାଚ ଜେଡ୍ଏନ୍ ନିଜର ଅତ୍ୟାଧୁନିକ ଫିଚର ଓ ଅତୁଳନୀୟ ପ୍ରଦର୍ଶନ ସହିତ ସ୍ମାଟର୍ଓାଚ ଶିଳ୍ପରେ ଏକ ନୂଆ ମାନଦଣ୍ଡ ଧାର୍ଯ୍ୟ କରିଛି। ଏଥିରେ ସେଗ୍‌ମେଂଟ୍‌ର ପ୍ରଥମ କର୍ଣ୍ଣିଙ୍ଗ ଗରିଲା ଗ୍ଲାସ୍ ୩ ସୁରକ୍ଷା ଏବଂ ହୃଦ୍‌ସ୍ପନ୍ଦନର ନିରନ୍ତର ତଦାରଖ ପାଇଁ ଏକ ହାଇ-ଆକ୍ୟୁରେସି ପିପିଜି ସେନ୍ସର ରହିଛି। ୨୫୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ସହିତ ପ୍ରୋୱାଚ ଜେଡ୍ଏନ୍ ଅତ୍ୟାଧୁନିକ ଫିଚର ପ୍ରଦାନ କରୁଛି ଯେଉଁଥିରେ ଏକ ପ୍ରାକ୍ଟିକାଲ ରୋଟେଟିଂ କ୍ରାଉନ ସହ ଏକ ହାଲୁକା ବୃତାକାର ଡାଏଲ, ୪୬୬*୪୬୬ ରିଜୋଲ୍ୟୁଶନ ଥିବା ୧.୪୩ ଇଞ୍ଚ ଆମୋଲେଡ ଡିସ୍‌ପ୍ଲେ, ସ୍ୱାସ୍ଥ୍ୟର ତଦାରଖ କରୁଥିବା ବ୍ୟାପକ କ୍ଷମତା, ୧୧୦ରୁ ଅଧିକ ସ୍ପୋର୍ଟସ ମୋଡ୍‌ର ଏକ ବିସ୍ତୃତ ଶୃଙ୍ଖଳା, ୧୫୦ଟି କଷ୍ଟମାଇଜେବୁଲ ୱାଚ ଫେସ୍, ବାଧାହୀନ ସ୍ମାର୍ଟ ନୋଟିଫିକେଶନ, ଦ୍ରୁତ ଚାର୍ଜିଙ୍ଗ ସୁବିଧା ଏବଂ ଏକ ମଜଭୁତ ମେଟାଲିକ ଗଠନ ସାମିଲ ରହିଛି । ଏହା ଦୁଇଟି ଆକର୍ଷଣୀୟ ରଙ୍ଗ ଯଥା ଭାଲିରିଆନ ଗ୍ରେ ଓ ଡ୍ରାଗନଗ୍ଲାସ୍ ବ୍ଲାକ୍‌ରେ ଉପଲବ୍ଧ ହେଉଥିବା ବେଳେ ଉଭୟ ମଡେଲରେ ମେଟାଲ ଓ ସିଲିକନ ଷ୍ଟ୍ରାପ୍ ରହିଛି ।




# ଜୀ-ସାର୍ଥକର ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଗ୍ରାଣ୍ଡ ଫିନାଲେ ରବିବାର



ଭୁବନେଶ୍ୱର (ସବ୍ୟୁ): ଜୀ-ସାର୍ଥକ ସବୁବେଳେ ନୂଆ ନୂଆ ପ୍ରକାରରେ ରିୟାଲିଟି ଶୋ ମାଧ୍ୟମରେ ଓଡ଼ିଶାର ଦର୍ଶକମାନଙ୍କ ମନୋରଞ୍ଜନ କରିଆସିଛି । ପାରିବାରିକ ମେଗା ଧାରାବାହିକ ହେଉ କି ରିଆଲିଟି ଶୋ, ସବୁବେଳେ ଜୀ-ସାର୍ଥକ ଆଗରେ ରହିଛି । ଏଥର ମଧ୍ୟ କିଛି ନୂଆ କରିବା ଲକ୍ଷ୍ୟରେ ଦର୍ଶକଙ୍କର ଢେର ଭଲ ପାଇବା ସାଉଁଟିଥିବା 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ଡବଲ୍ସ୍ ଲିଗ୍', ରୋମାଞ୍ଚକର ରିଆଲିଟି ଡ୍ୟାନ୍ସ ଶୋ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟରେ ପହଁଚିଛି ୯ ଯାହା ଏଇ ରବିବାର ସନ୍ଧ୍ୟା ୬:୩୦ ଟା ରେ ପ୍ରସାରଣ ହେବ । ଏହି ରୋମାଞ୍ଚକର ପ୍ରତିଯୋଗିତାରେ କଳାକାର ମାନଙ୍କୁ ଏବଂ ସେମାନଙ୍କର ପ୍ରଦର୍ଶନକୁ ଦର୍ଶକ ଯେଉଁ ଭଲପାଇବା ଦେଇଛନ୍ତି, ଆଜି ଡ୍ୟାନ୍ସ ଓଡିଶା ଡ୍ୟାନ୍ସ ୧ ନମ୍ବର ରିୟାଲିଟି ଶୋ ହୋଇପାରିଛି । ଜୀ-ସାର୍ଥକର ବିଭିନ୍ନ ମେଗା ଧାରାବାହିକରୁ ଲୋକପ୍ରିୟ ସେଲିବ୍ରେଟି ୧୨ଟି ଯୋଡି ପ୍ରତି ସପ୍ତାହରେ ବିଭିନ୍ନ ନୃତ୍ୟ ଓ ମନୋରଞ୍ଜନ ପୂର୍ଣ୍ଣ ଖେଳ ମାଧ୍ୟମରେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି । ସୁଜିତ ଓ ଚାନ୍ଦିନୀଙ୍କ ସଂଯୋଜନାରେ ପ୍ରସାରିତ ହେଉଥିବା ଏହି ଡ୍ୟାନ୍ସ ଲିଗରେ ଅଭିନେତା ଦେବାଶିଷ ପାତ୍ର ଏବଂ ଡ୍ୟାନ୍ସର ହରିହର ଦାଶ ଜୁରୀ ର ଆସନ ଅଳଙ୍କୃତ କରିଛନ୍ତି । କେବଳ ନୃତ୍ୟ ନୁହେଁ ବରଂ ବିଭିନ୍ନ ମନୋରଞ୍ଜନ ପୂର୍ଣ୍ଣ ଖେଳ ମଧ୍ୟ ଏହି ପ୍ରତିଯୋଗିତାର ଆକର୍ଷଣ ହୋଇଛି ।

## ଓଡିଶାର ଶୀର୍ଷ ବିଶ୍ୱ ବିଦ୍ୟାଳୟ ଗୁଡ଼ିକ ସହିତ ଫ୍ରେଟ୍‌ବକ୍ସ ସହବନ୍ଧିତ

# ବିଦ୍ୟାର୍ଥୀ ମାନଙ୍କୁ ପ୍ରଦାନ କରୁଛି ଅଭିନବ ଡ଼ିଜିଟାଲ ପ୍ଲାଟଫର୍ମ



ଭୁବନେଶ୍ୱର(ସବ୍ୟୁ) : ଓଡିଶାର ପ୍ରମୁଖ ବିଶ୍ୱ ବିଦ୍ୟାଳୟଗୁଡିକ ଏକ ଅତ୍ୟାଧୁନିକ ପ୍ରପ୍‌ଟେକ ସଲ୍ୟୁଶନ 'ଫ୍ରେଟ୍‌ବକ୍ସ' ସହିତ କ୍ୟାମ୍ପସ୍ ଜୀବନକୁ ରୂପାନ୍ତର କରୁଛନ୍ତି । ଏକ ଏସ୍‌ଏଏସ୍-ଆଧାରିତ କମ୍ପାନୀ ଫ୍ରେଟ୍‌ବକ୍ସ ଛାତ୍ରଛାତ୍ରୀଙ୍କ ରହଣୀ ସ୍ଥାନରେ ଡିଜିଟାଲ ଅନୁଭୂତି ପାଇଁ ବଢୁଥିବା ଚାହିଦାକୁ ପୂରଣ କରୁଛି। ଏହି ଅଭିନବ ସମାଧାନ ଛାତ୍ରଛାତ୍ରୀଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଏକ ବାଧାମୁକ୍ତ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନ କରି ସେମାନଙ୍କର ସାମଗ୍ରିକ ଜୀବନ ଅନୁଭୂତିକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି। ଓଡିଶାର ଶିକ୍ଷା କେନ୍ଦ୍ର ଭୁବନେଶ୍ୱର ଛାତ୍ରଛାତ୍ରୀଙ୍କ ହଷ୍ଟେଲଗୁଡିକରେ ଡିଜିଟାଲୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସାକ୍ଷୀ ହୋଇଥିବା ବେଳେ କିଟ୍, ସୋଆ, ଶ୍ରୀ ଶ୍ରୀ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଆର୍‌ସିଏମ୍ କଲେଜ ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକ ଫ୍ରେଟ୍‌ବକ୍ସ ପ୍ରପ୍‌ଟେକ ସଲ୍ୟୁଶନକୁ ଗ୍ରହଣ କରିଛନ୍ତି । ଏହି ଗ୍ରହଣୀୟତା ଛାତ୍ରଛାତ୍ରୀ, ଅଭିଭାବକ ଓ ବିଶ୍ୱ ବିଦ୍ୟାଳୟ ପରିଚାଳକଙ୍କ ସନ୍ତୁଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି । ୨୦୨୩ରେ ପ୍ରଥମେ ଗ୍ରହଣ କରିଥିବା ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ନିଜର ହଷ୍ଟେଲ ଆଡ୍‌ମିନିଷ୍ଟ୍ରେଶନରେ ଫ୍ରେଟ୍‌ବକ୍ସକୁ ଏକୀକୃତ କରି ବହୁମାତ୍ରାରେ ଉପକୃତ ହୋଇଛି। ଫ୍ରେଟ୍‌ବକ୍ସ ଅନୁଭୂତିକୁ ପ୍ରଶଂସା କରି ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଆଇଟି ବିଭାଗ ମୁଖ୍ୟ କେ.ଏମ୍ ପାଣ୍ଡେ କହିଛନ୍ତି, 'ଫ୍ରେଟ୍‌ବକ୍ସ ଆପ୍ ସହିତ ହଷ୍ଟେଲ ଅଟୋମେଶନ ହଷ୍ଟେଲ ପ୍ରଶାସକଙ୍କ ପାଇଁ ଅନୁଭୂତିକୁ ପରିବର୍ତନ କରିଛି।

# ରୁପାଲୀଙ୍କ ପରେ ବିପ୍ଳବ ନନ୍ଦ ବି ଚୌଦ୍ୱାର କଟକରେ ହେବେ ସ୍ୱାଧୀନ ପ୍ରାର୍ଥୀ

କଟକ, (ପ୍ରଫୁଲ୍ଲ ମହାନ୍ତି) ତିନି ପ୍ରମୁଖ ଦଳର ପ୍ରାର୍ଥୀ ଏବେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ସେମାନଙ୍କର ନିର୍ବାଚନ ରଣକୌଶଳ ଆରମ୍ଭ କରିଦେଇଛନ୍ତି ।ବିଜେଡିରୁ ଗତ ନିର୍ବାଚନର ବିଜୟୀ ହୋଇଥିବା ସୌଭିକ ବିଶ୍ୱାଳ, ବିଜେପିରୁ ନୟନ କିଶୋର ମହାନ୍ତି,କଂଗ୍ରେସରୁ ଭେଟେରାନ କଂଗ୍ରେସ ଲିଡର ତଥା ପୁର୍ବତନ ବିଧାୟକଙ୍କ ବୋହୁ ମୀରା ମଲ୍ଲିକ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ତେବେ ଏହି ନିର୍ବାଚନ ମଣ୍ଡଳୀରେ ସବୁବେଳେ ମୁଣ୍ଡ ବିନ୍ଧାର କାରଣ ପାଲଟିଥାନ୍ତି ସ୍ୱାଧୀନ ପ୍ରାର୍ଥୀ ।ଗତ ୨୦୧୯ ନିର୍ବାଚନରେ ଓଟିଏମର ଶ୍ରମିକ ନେତା ଦିପୁ ବାରିକ ପ୍ରାୟ ୧୫ ହଜାର ଖଣ୍ଡ ଭୋଟ ପାଇଥିଲେ । ଚଳିତ ନିର୍ବାଚନରେ ମଧ୍ୟ ଏଠାରେ ପୁଣି ସ୍ୱାଧୀନ ପ୍ରାର୍ଥୀ ରଣାଙ୍ଗନ କୁ ଓହ୍ଲାଇବେ ଆଗରୁ ଜଳଜଳ ଦିଶିଲାଣି ।ପୁର୍ବରୁ ବିଜେଡି କର୍ପୋରେଟର ଟିକେଟ ପାଇଁ ଆଶାୟୀ ଥାଇ ଶେଷରେ ନିରାଶ ହୋଇ ସ୍ୱାଧୀନ ଭାବେ ଲଢ଼ି ହାରିଥିବା ଲୋକନାଥ ଲେଙ୍କା ଚଳିତ ନିର୍ବାଚନରେ ନିଜ ସ୍ତ୍ରୀ ରୁପାଲି ଲେଙ୍କାଙ୍କୁ ସ୍ୱାଧୀନ ଭାବେ ଲଢ଼ିବାକୁ ଯୋରଦାର ଉଦ୍ୟମ ଜାରି ରଖିଛନ୍ତି । ଚୌଦ୍ୱାରର ବିଭିନ୍ନ ଅଞ୍ଚଳରେ ବୁଲି ରୁପାଲି ସଂଗଠନ ଚାଲୁ ରଖିଛନ୍ତି ।ତେବେ ଉକ୍ତ ନିର୍ବାଚନ ମଣ୍ଡଳୀରେ ପୁଣି ଆଉଜଣେ ସ୍ୱାଧୀନ ପ୍ରାର୍ଥୀଭାବେ ଉଭାହେବା ପାଇଁ ସାମ୍ବାଦିକ ସମ୍ମିଳନୀ ଡାକି କହିବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ସମସ୍ୟା ସୃଷ୍ଟି ଯେ କରିବ ଏଥିରେ ସନ୍ଦେହ ନାହିଁ। ପାଟରା ସାହି ଅଞ୍ଚଳର ବିପ୍ଳବ ନନ୍ଦ ଜଣେ ସମାଜସେବୀ ହୋଇଥିଲାବେଳେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ସେଭଳି କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନଥିବାରୁ ସେ ସେବାମନୋବୃତ୍ତିନେଇ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ମନସ୍ଥ କରିଥିବା ସାମ୍ବାତିକ ସମ୍ମିଳନୀରେ କହିଛନ୍ତି ।

# ରାୟଗଡ଼ାରେ ରଘୁନାଥ ମେସିନାରିର ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ନିର୍ମାଣ ଯନ୍ତ୍ରପାତି ଏବଂ ଉପକରଣ ଯୋଗାଉଥିବା ସାନି ହେଭି ଇଣ୍ଡଷ୍ଟ୍ରି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏଚଓ, ମେସର୍ସ ରଘୁନାଥ ମେସିନାରୀର ମୁଖ୍ୟ କାର୍ଯ୍ୟାଳୟ ରାୟଗଡା ଠାରେ ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ଗ୍ରାହକଙ୍କୁ ଅତୁଳନୀୟ ସେବା ଓ ସହାୟତା ଯୋଗାଇ ଦେବାରେ ଏହି କାର୍ଯ୍ୟାଳୟ ସକ୍ଷମ ହେବ । କାର୍ଯ୍ୟାଳୟର ରଣନୈତିକ ଅବସ୍ଥିତି କମ୍ପାନୀକୁ ବିକ୍ରୟ, ସେବା ଏବଂ ସ୍ପେୟାର ପାର୍ଟସର ନିରବଚ୍ଛିନ୍ନ ସୁବିଧା ପ୍ରଦାନ କରିବାକୁ ସକ୍ଷମ କରିଥିଲା, ଯାହା ଦ୍ୱାରା ଗ୍ରାହକଙ୍କ ସନ୍ତୋଷ ଏବଂ ପରିଚାଳନା ଦକ୍ଷତା ବୃଦ୍ଧି ପାଇଥିଲା ।

ସାନି ହେଭି ଇଣ୍ଡଷ୍ଟ୍ରି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଭାଇସ୍ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ଗର୍ଗ କହିଛନ୍ତି, 'ଓଡ଼ିଶାର ରାୟଗଡ଼ାରେ ରଘୁନାଥ ମେସିନାରୀ ମୁଖ୍ୟ କାର୍ଯ୍ୟାଳୟ ଖୋଲିବା ଓ ଏହି ସମ୍ପ୍ରସାରଣ ଦ୍ୱାରା ଏହି ଅଂଚଳରେ ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ ଉତମ ଭାବରେ ସେବା ଯୋଗାଇବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରେ । ଆମର ବ୍ୟାପକ ସେବାକୁ ସେମାନଙ୍କ ନିକଟତର କରି ଆମେ ଆମ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ଉନ୍ନତ ମୂଲ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।' ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି, ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ସହଯୋଗୀ ଏବଂ ଗଣମାଧ୍ୟମର ସଦସ୍ୟମାନେ ଯୋଗ ଦେଇଥିଲେ ।



# ସିବିଆଇ ତଦନ୍ତ ବିରୋଧରେ ସୁପ୍ରିମକୋର୍ଟରେ ବେଙ୍ଗଲ ସରକାର



**କୋଲକାତା:** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ସିବିଆଇ ଟିମ ଏନଏସଜି କମାଣ୍ଡୋମାନଙ୍କୁ ନେଇ ସର୍ଚ୍ଚ ଅପରେସନ କରିଛି । ଏହି ସମୟରେ ସନ୍ଦେଶଖାଲିରୁ ବିଦେଶୀ ବନ୍ଧୁକ ଓ ଗୁଳିଗୋଳା ମିଳିଛି । ଏହାକୁ ନେଇ ବିବାଦ ମଧ ବିବାରେ ଲାଗିଛି । ଜାନୁଆରୀ ୫ ତାରିଖ ଇଡି ଅଧିକାରୀଙ୍କ ଉପରେ ଏଠାରେ ଆକ୍ରମଣ ହୋଇଥିଲା । ଘଟଣାର ଅଭିଯୁକ୍ତ ଶେଖ ଶାହଜାହାଁ ଏବେ ସିବିଆଇ ହେପାଜତରେ ଅଛନ୍ତି । ସେ ସନ୍ଦେଶଖାଲିରେ ଦୀର୍ଘ ଦିନ ହେଲା ଗୁଣ୍ଡାରାଜ ଜାରି ରଖିବା ସହ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ସିବିଆଇକୁ କଲିକତା ହାଇକୋର୍ଟ ହସ୍ତାନ୍ତର କରିଛନ୍ତି ।

ଏହି କ୍ରମରେ ସିବିଆଇ ଆଜି କମାଣ୍ଡୋମାନଙ୍କୁ ସନ୍ଦେଶୋଖାଲିରେ ମୁତୟନ କରି ତଦନ୍ତ ଆରମ୍ଭ କରିଛି । କିନ୍ତୁ ସିବିଆଇ ତଦନ୍ତ ବିରୋଧରେ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହାଇକୋର୍ଟ ସିବିଆଇ ତଦନ୍ତ ପାଇଁ ଦେଇଥିବା ରାୟକୁ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ।

ରାସନ ଓ ଜମି ଦୁର୍ନୀତି ମାମଲାରେ ଇଡି ଟିମ ଜାନୁଆରୀ ୫ରେ ରେଡ୍ କରିବାକୁ ସନ୍ଦେଶଖାଲି ଯାଉଥିବା ବେଳେ ସେମାନଙ୍କ ଉପରେ ଶାହଜାହାଁଙ୍କ ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ପରେ ଶାହଜାହାଁ ଫେରାର ହୋଇଯାଇଥିଲେ । ପ୍ରାୟ ୨ ମାସ ପରେ ପୁଲିସ୍ ତାଙ୍କୁ ଗିରଫ କରିଥିଲା ।

ଇଡି ମନିଲଣ୍ଡରିଂ ମାମଲର ତଦନ୍ତ କରୁଥିବା ବେଳେ ସିବିଆଇ ଆକ୍ରମଣ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୁଲିସ୍ ଠାରୁ ସିବିଆଇ ଶାହଜାହାଁଙ୍କୁ ମଧ ନିଜ ହେପାଜତକୁ ନେଇଥିଲା । ତେବେ ଶାହଜାହାଁ ଟିଏମସିର ସଦସ୍ୟ ହୋଇଥିବାରୁ ମମତା ସରକାର ତାଙ୍କୁ ଫେରାରରେ ସହାୟତା କରିଥିଲେ ବୋଲି ବିଜେପି ଅଭିଯୋଗ କରିଥିଲା । ସେହିପରି ସାଧାରଣ ନିର୍ବାଚନ ପୂର୍ବରୁ ଶାହାଜାହାଁଙ୍କ ଗିରଫଦାରୀକୁ ନେଇ ବେଙ୍ଗଲର କ୍ଷମତାସୀନ ଟିଏମସି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି ।

# ବିଜ୍ଞାପନ ପାଇଁ ଗୁଗଲରେ ୩୯୦ କୋଟି

# ବିଜେପିର ୧୦୦, କଂଗ୍ରେସର ୪୫ କୋଟି

**ନୂଆଦିଲ୍ଲୀ:** ବିଜେପି ତା'ର ଡିଜିଟାଲ ପ୍ରଚାର ପାଇଁ ଏଯାଏ ୧୦୧ କୋଟି ଟଙ୍କା ଖର୍ଚ୍ଚ କରିଛି । ଏହା କଂଗ୍ରେସ, ଡିଏମକେ ଓ ରାଜନୀତିକ ପରାମର୍ଶଦାତା କମ୍ପାନୀ ଇଣ୍ଡିଆନ ପଲଟିକାଲ ଆକ୍ସନ କମିଟିର ବିଜ୍ଞାପନ ସହ ସମାନ । ଭାରତ ଇତିହାସରେ ପ୍ରଥମ ରାଜନୀତିକ ଦଳ ଭାବେ ଶାସକ ବିଜେପି ନିଜର ପ୍ରଚାର ପାଇଁ ସର୍ଚ୍ଚ ଇଞ୍ଜିନ ଗୁଗଲ ଓ ଏହାର ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବରେ ୧୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ସାରିଲାଣି ।

ବିଜେପି ତା'ର ଡିଜିଟାଲ ପ୍ରଚାର ପାଇଁ ଏଯାଏ ୧୦୧ କୋଟି ଟଙ୍କା ଖର୍ଚ୍ଚ କରିଛି । ଏହା କଂଗ୍ରେସ, ଡିଏମକେ ଓ ରାଜନୀତିକ ପରାମର୍ଶଦାତା କମ୍ପାନୀ ଇଣ୍ଡିଆନ ପଲଟିକାଲ ଆକ୍ସନ କମିଟିର ବିଜ୍ଞାପନ ସହ ସମାନ । ୨୦୧୮ରୁ ଏଯାବତ ମଧ୍ୟରେ ବିଜେପି ଏହି ପରିମାଣର ଟଙ୍କା ଖର୍ଚ୍ଚ କରିଛି ।

୨୦୧୮ ମେ' ୩୧ରୁ ୨୦୨୪ ଏପ୍ରିଲ ୨୫ ମଧ୍ୟରେ ରାଜନୀତିକ ବିଜ୍ଞାପନ ପାଇଁ ଗୁଗଲରେ ମୋଟ ୩୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହା ମଧ୍ୟରୁ ବିଜେପିର ଭାଗ ୨୬% । ଗୁଗଲର ରାଜନୀତିକ ବିଜ୍ଞାପନର ସଂଜ୍ଞା ବେଶ ବ୍ୟାପକ । ଏହା ମଧ୍ୟରେ ନ୍ୟୁଜ ସଂସ୍ଥା, ସରକାରୀ କାର୍ଯ୍ୟକ୍ରମର ପ୍ରଚାର କରୁଥିବା ବିଭାଗ ଓ ଅଭିନେତା-ରାଜନେତାକୁ ନେଇ ପ୍ରସ୍ତୁତ ହେଉଥିବା ଗୁଗଲ ବିଜ୍ଞାପନ ରହିଛି ।




ଗତ ୬ ବର୍ଷ ମଧ୍ୟରେ ମୋଟ ୨,୧୭,୯୯୨ ବିଜ୍ଞାପନ ଗୁଗଲ ପ୍ରକାଶ କରିଥିବା ବେଳେ ଏହା ମଧ୍ୟରେ ବିଜେପିର ସଂଖ୍ୟା ୭୩% ଅର୍ଥାତ ୧,୬୧,୦୦୦ ରହିଛି । ବିଜେପି ତା'ର ଅଧିକାଂଶ ବିଜ୍ଞାପନରେ କର୍ଣ୍ଣାଟକା, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀବାସୀଙ୍କୁ ଟାର୍ଗେଟ କରିଛି ।

କର୍ଣ୍ଣାଟକା ପାଇଁ ୧୦.୮ କୋଟି, ଉତ୍ତର ପ୍ରଦେଶ ପାଇଁ ୧୦.୩ କୋଟି, ରାଜସ୍ଥାନ ପାଇଁ ୮.୫ କୋଟି ଓ ଦିଲ୍ଲୀ ପାଇଁ ଦଳ ୭.୬ କୋଟି ଟଙ୍କା ରାଜନୀତିକ ବିଜ୍ଞାପନରେ ଖର୍ଚ୍ଚ କରିଛି ।

ମୋଟ ଉପରେ ଦେଖିଲେ, ବିଭିନ୍ନ ରାଜନୀତିକ ଦଳ ତାମିଲନାଡୁ ପାଇଁ ଗୁଗଲରେ ସର୍ବାଧିକ ରାଜନୀତିକ ବିଜ୍ଞାପନ ପ୍ରକାଶ କରୁଥିବା ବେଳେ ଦ୍ୱିତୀୟରେ ତେଲଙ୍ଗାନା, ତୃତୀୟରେ ଉତ୍ତର ପ୍ରଦେଶ, ୪ର୍ଥରେ କର୍ଣ୍ଣାଟକା ଓ ୫ମରେ ମଧ୍ୟପ୍ରଦେଶ ରହିଛି ।

ବିଜେପି ୧୦୦ କୋଟି ଅଧିକ ଟଙ୍କା ଗୁଗଲ ବିଜ୍ଞାପନରେ ଖର୍ଚ୍ଚ କରିଥିବା ବେଳେ ଦ୍ୱିତୀୟରେ କଂଗ୍ରେସ ରହିଛି । କଂଗ୍ରେସ ନିଜର ପ୍ରଚାର ପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ କରିଛି ।

୬ ବର୍ଷ ମଧ୍ୟରେ କଂଗ୍ରେସ କେବଳ ୫,୯୯୨ଟି ଅନଲାଇନ ବିଜ୍ଞାପନ ପବ୍ଲିଶ କରିଛି । ଏହା ବିଜେପିର ବିଜ୍ଞାପନ ତୁଳନାରେ ୩.୭% । କଂଗ୍ରେସର ଅଧିକାଂଶ ପ୍ରଚାର କର୍ଣ୍ଣାଟକା ଓ ତେଲଙ୍ଗାନା ଉପରେ ରହିଛି । କର୍ଣ୍ଣାଟକା ଓ ତେଲଙ୍ଗାନା ପାଇଁ ଦଳ ୯.୬ କୋଟି ଲେଖାଏ ଖର୍ଚ୍ଚ କରିଥିବା ବେଳେ ମଧ୍ୟପ୍ରଦେଶ ପାଇଁ ୬.୩ କୋଟି ଟଙ୍କା ଦେଇଛି ।

ତାମିଲନାଡୁର ଶାସକ ଦଳ ଡିଏମକେ ଗୁଗଲ ବିଜ୍ଞାପନ ତାଲିକାର ତୃତୀୟ ସ୍ଥାନରେ ରହିଛି । ଦଳ ୨୦୧୮ ମେ'ରୁ ଇତି ମଧ୍ୟରେ ୪୨ କୋଟି ଟଙ୍କା ଗୁଗଲ ପ୍ଲାଟଫର୍ମରେ ଖର୍ଚ୍ଚ କରିଛି । ତାମିଲନାଡୁ ବ୍ୟତୀତ ଡିଏମକେ କର୍ଣ୍ଣାଟକା ପାଇଁ ୧୪ ଲକ୍ଷ ଓ କେରଳ ପାଇଁ ୧୩ କୋଟି ଦେଇଛି ।

୨୦୨୩ ନଭେମ୍ବର ମାସ ବିଧାନସଭା ନିର୍ବାଚନ ଯାଏ ବିଆରଏସର ବିଜ୍ଞାପନ ଗୁଗଲରେ ପ୍ରକାଶ ପାଉଥିଲା । ଦଳ ଏହି ସମୟରେ ୧୨ କୋଟି ଖର୍ଚ୍ଚ କରିଥିଲେ ହେଁ କଂଗ୍ରେସ ଠାରୁ ହାରିଥିଲା ।

# ଭାରତ-ଉଜବେକିସ୍ତାନ ମିଳିତ ସମରାଭ୍ୟାସ

**ନୂଆଦିଲ୍ଲୀ:** ଭାରତ ଏବଂ ଉଜବେକିସ୍ତାନର ସଶସ୍ତ୍ର ବାହିନୀ ମଧ୍ୟରେ ମିଳିତ ସାମରିକ ଅଭ୍ୟାସର ୫ ମ ସଂସ୍କରଣ ଚାଲିଛି । ଏହି ଯୁଦ୍ଧ ବ୍ୟାୟାମ ସମୟରେ ସୈନିକମାନଙ୍କୁ ଛୋଟ ଛୋଟ ଦଳରେ କାମ କରିବା, କ୍ଷେତ୍ର କାର୍ଯ୍ୟକଳାପ, ଲକ୍ଷ୍ୟସ୍ଥଳ ଉପରେ ନଜର ରଖିବା ଏବଂ ଆଗୁଆ ସୂଚନା ବଳରେ ବିପଦକୁ ଦୂର କରିବା ଭଳି କୌଶଳ ଶିକ୍ଷା ଦିଆଯାଉଛି । ଭାରତ ଏବଂ ଉଜବେକିସ୍ତାନର ସଶସ୍ତ୍ର ବାହିନୀ ମଧ୍ୟରେ ମିଳିତ ସାମରିକ ଅଭ୍ୟାସର ପଞ୍ଚମ ସଂସ୍କରଣ ଚାଲିଛି । ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ଏହି ଅଭ୍ୟାସ ବର୍ତ୍ତମାନ ଉଜବେକିସ୍ତାନର ସୁରଖଣ୍ଡାରିଓ ଅଞ୍ଚଳରେ ଥିବା ଟେରମେଜ୍ ଆର୍ମି ଟ୍ରେନିଂ ଏରିଆରେ ଚାଲିଛି । ଏହି ବର୍ଷର ବ୍ୟାୟାମକୁ ଭାରତର ସେନା ମୁଖ୍ୟ ତଥା ଉଜବେକିସ୍ତାନର ଯୁଦ୍ଧ ପ୍ରଶିକ୍ଷଣ ପାଇଁ ଡେପୁଟି ପ୍ରତିରକ୍ଷା ମନ୍ତ୍ରୀ ୧୮ ଅପ୍ରିଲ ୨୦୨୪ ରେ ଉଦଘାଟନ କରିଥିଲେ । ଏହି ବ୍ୟାୟାମ ୨୮ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଚାଲିବ ।



ଭାରତ-ଉଜବେକିସ୍ତାନର ଏହି ମିଳିତ ସାମରିକ ବ୍ୟାୟାମର ନାମ ହେଉଛି ଡଷ୍ଟଲିକ୍ । ଯାହା ଉଜବେକିସ୍ତାନରେ ଚାଲିଛି । ଏହି ରଣନୀତିକ ସହଯୋଗର ଉଦ୍ଦେଶ୍ୟ ହେଉଛି ସାମରିକ ସହଯୋଗକୁ ମଜବୁତ କରିବା ଏବଂ ସେନାର ଆତଙ୍କବାଦ ବିରୋଧୀ କ୍ଷମତା ବୃଦ୍ଧି କରିବା । ଏହା ଉଭୟ ଦେଶର ଆତଙ୍କବାଦ ବିରୋଧୀ କ୍ଷମତାକୁ ମଜବୁତ କରିବ । ଏହା ବିଶେଷ କରି ପାହାଡ଼ିଆ ଏବଂ ଛୋଟ ସହରାଞ୍ଚଳରେ ସୈନ୍ୟବାହିନୀ ପାଇଁ ବହୁତ କାମରେ ଆସିବ ।

### ସେନାର ପ୍ରତିରକ୍ଷା କ୍ଷମତା

### ବୃଦ୍ଧିରେ ସାହାଯ୍ୟ କରିବ

ଏହି ସାମରିକ ବ୍ୟାୟାମର ଭାରତୀୟ କଣ୍ଟିଜେଣ୍ଟରେ ମୁଖ୍ୟତଃ ସାଉଥ୍ ୱେଷ୍ଟର୍ଣ୍ଣ କମାଣ୍ଡର ସାହସୀ ଜାଟ୍ ରେଜିମେଣ୍ଟ ଏବଂ ଭାରତୀୟ ବାୟୁସେନାର ଅଭିଜିତ ଗରୁଡ଼ ଅନ୍ତର୍ଭୁକ୍ତ । ଉଜବେକିସ୍ତାନରେ ଚାଲିଥିବା ଏହି ସାମରିକ ଅଭ୍ୟାସରେ କଠିନ ଶାରୀରିକ କାର୍ଯ୍ୟକଳାପ ସୈନିକମାନଙ୍କର ପ୍ରତିରକ୍ଷା ଦକ୍ଷତା ବୃଦ୍ଧିରେ ସହାୟକ ହେବ । ଏହି ମିଳିତ ବ୍ୟାୟାମ ପାରସ୍ପରିକ ସମନ୍ୱୟ ଏବଂ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ରର ପରିଚାଳନାକୁ ବଢାଇବା ପାଇଁ ପରିକଳ୍ପନା କରାଯାଇଛି ।

### କେଉଁ କେଉଁ କୌଶଳ ଶିକ୍ଷା ଦିଆଯାଉଛି ?

ଯୁଦ୍ଧ ବ୍ୟାୟାମ ସମୟରେ ସୈନିକମାନଙ୍କୁ ଛୋଟ ଦଳରେ କାମ କରିବା, କ୍ଷେତ୍ର କାର୍ଯ୍ୟକଳାପ, ଲକ୍ଷ୍ୟସ୍ଥଳ ଉପରେ ନଜର ରଖିବା ଏବଂ ଆଗୁଆ ବିପଦକୁ ଠାବ କରିବା ଏବଂ ତାକୁ ଦୂର କରିବା ଭଳି କୌଶଳ ଶିକ୍ଷା ଦିଆଯାଉଛି । ଦୁଇ ଦେଶର ସେନା ମଧ୍ୟରେ ଏପରି ସାମରିକ କାର୍ଯ୍ୟକଳାପ ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ପ୍ରତିରକ୍ଷା ଭାଗିଦାରୀକୁ ମଧ ମଜବୁତ କରିବ ।

ଏହା ପୂର୍ବରୁ ୨୦୨୩ ମସିହାରେ ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ୧୫ ଦିନିଆ ମିଳିତ ସାମରିକ ଅଭ୍ୟାସ ହୋଇଥିଲା । ଯେଉଁଥିରେ ମଲ୍ଟି-ଡୋମେନ୍ ଅପରେସନ୍ ସହିତ ଲଢିବାର ନ୍ୟୁନେସ୍ ଉପରେ ଧ୍ୟାନ ଦିଆଯାଇଥିଲା । ଏହି ୧୫ ଦିନିଆ ମିଳିତ ସାମରିକ ଅଭ୍ୟାସ ଉତ୍ତରାଖଣ୍ଡର ପିଥୋରାଗଡରେ ଏହାର ଯୁଦ୍ଧ ଶକ୍ତି ପ୍ରଦର୍ଶନ କରିବା ପରେ ଶେଷ ହୋଇଥିଲା ।

# ଦିଲ୍ଲୀ ଏୟାରପୋର୍ଟରୁ ଧରା ପଡ଼ିଲେ ନକଲି ପାଇଲଟ

**ନୂଆଦିଲ୍ଲୀ:** ନିଜକୁ ପାଇଲଟ୍ର ପରିଚୟ ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ଏୟାରପୋର୍ଟରେ ବୁଲୁଥିବା ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରି ଅର୍ଦ୍ଧସମାରିକ ବାହିନୀ । ନକଲି ପାଇଲଟ ଜଣଙ୍କ ହେଉଛନ୍ତି ସଙ୍ଗୀତ ସିଂହ । ତାଙ୍କ ଘର ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ନଗରରେ । ସେ ପାଇଲଟ ୟୁନିଫର୍ମ ପିନ୍ଧି ଏୟାରପୋର୍ଟର ସ୍କାଏୱାକ ନିକଟରେ ବୁଲୁଥିବା ବେଳେ ତାଙ୍କ ଉପରେ ସିଆଇଏସଏଫ ଯବାନଙ୍କ ନଜର ପଡ଼ିଥିଲା । ବିମାନ ଚଳାଇବାର ତାଙ୍କ ପାଖରେ କୌଣସି ଲାଇସେନ୍ସ ନଥିବା ବେଳେ ସେ ନିଜ ପରିବାର ଲୋକଙ୍କୁ ମିଛ କହୁଥିଲେ । ସେ ଗୋଟିଏ ବ୍ୟବସାୟିକ ବିମାନର ପାଲଟ ବୋଲି ପରିବାର ଲୋକଙ୍କୁ ଜଣାଇବା ପାଇଁ ଏପରି ପଦକ୍ଷେପ ନେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସଙ୍ଗୀତ ସିଂହ ନକଲି ଆଇକାର୍ଡ ପକାଇବା ସହ ସିଙ୍ଗାପୁର ଏୟାର ଲାଇନ୍ସରେ କାମ କରୁଥିବା ସମସ୍ତଙ୍କୁ କହି ବୁଲୁଥିଲେ ।



ତେବେ ଯାଞ୍ଚ ପରେ ସ୍ପଷ୍ଟ ହୋଇଥିଲା ଯେ ସଙ୍ଗୀତ ସିଂହ ଦାବିରେ କୌଣସି ସତ୍ୟତା ନାହିଁ । ସେ ବେଆଇନ ଭାବେ ସିଙ୍ଗାପୁର ଏୟାରଲାଇନ୍ସର ଆଇକାର୍ଡ ହାତେଇଥିଲେ । ଗୋଟିଏ ବିଜନେସ କାର୍ଡ ମେକର ଆପ୍ଲିକେସନରୁ ସେ ପରିଚୟପତ୍ର ହାସଲ କରିଥିଲା । ସେହିପରି ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ସେ ପାଇଲଟ ୟୁନିଫର୍ମ ଆଣିଥିଲେ ।

୨୦୨୦ରେ ସେ ମୁମ୍ବାଇରେ ଗୋଟିଏ ବର୍ଷ ପାଇଁ ବେସାମାରିକ ବିମାନ ଚଳାଚଳ ସମ୍ପର୍କିତ ଗୋଟିଏ କୋର୍ସ କରିଥିଲେ । ଏବେ ତାଙ୍କୁ ସିଆଇଏସଏଫ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ କରୁଛି ।

# ବାରମୂଲାରେ ୨ ଆତଙ୍କୀ ନିହତ

**ଶ୍ରୀନଗର:** ଜମ୍ମୁ-କଶ୍ମୀରରେ ମତଦାନ ସମୟରେ ବାରମୂଳାରେ ସୁରକ୍ଷାବଳ ଓ ଆତଙ୍କବାଦୀ ମୁହାଁମୁହିଁ । ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇ ଜଣ ନିହତ ହୋଇଛନ୍ତି । ସେହିପରି ଗୁଳି ବିନିମୟ ସମୟରେ ଦୁଇ ଜଣ ସୁରକ୍ଷାକର୍ମୀ ଆହତ ମଧ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଖବର ମୁତାବକ, ବାରମୂଳା ଜିଲ୍ଲାର ସୋପୋର ଅଞ୍ଚଳର ନୌପୋରାର କିଛି ସ୍ଥାନରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ ସର୍ଚ୍ଚ ଅପରେସନ ଆରମ୍ଭ କରଥିଲା ସୁରକ୍ଷାବଳ । ଏହିସମୟରେ ଉଭୟ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା । ଯେଉଁଥିରେ ଦୁଇ ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି ।



ସୂଚନାଯୋଗ୍ୟ, ଦେଶରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ସମୟରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ କାଶ୍ମୀରର ୫ଟି ଲୋକସଭା ଆସନ ମଧ୍ୟରୁ 'ଜମ୍ମୁ' ସଂସଦୀୟ କ୍ଷେତ୍ରରେ ଆଜି ଭୋଟିଂ ଚାଲିଥିଲା । ଏହି ସମୟରେ ସୀମା ଅଶାନ୍ତ ହୋଇପଡ଼ିଛି ।

# ୮ ମେ' ପର୍ଯ୍ୟନ୍ତ ଜେଲ୍ ରେ ରହିବେ ସିସୋଦିଆ

**ନୂଆଦିଲ୍ଲୀ:** ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ତିହାର ଜେଲରେ ଥିବା ଆପ ନେତା ମନୀଷ ସିସୋଦିଆଙ୍କୁ ପୁଣି ଲାଗିଲା ଅଦାଲତୀ ଝଟକା । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜଡିତ ମନି ଲଣ୍ଡରିଂ ଘଟଣାରେ ରାଉସ୍ ଆଭେନ୍ୟୁ କୋର୍ଟ ମନୀଷ ସିସୋଦିଆଙ୍କ ନ୍ୟାୟିକ ହେପାଜତକୁ ମେ ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ମନୀଷ ସିସୋଦିଆଙ୍କ ବ୍ୟତୀତ ବିଜୟ ନାୟର ଏବଂ ଅନ୍ୟ ଅଭିଯୁକ୍ତଙ୍କ ନ୍ୟାୟିକ ହେପାଜତ ମଧ ମେ ୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଶୁଣାଣି ସମୟରେ ଇଡି ତା'ର ଉତ୍ତର ଦାଖଲ କରିବାକୁ ସମୟ ମାଗିଥିଲା । ଏହା ଉପରେ କୋର୍ଟ ମେ ୮ ତାରିଖ ପର୍ଯ୍ୟନ୍ତ ଇଡିକୁ ସମୟ ଦେଇଥିଲେ । କୋର୍ଟ କହିଛନ୍ତି ଯେ, ମେ ୮ ତାରିଖ ମଧ୍ୟାହ୍ନ ୧୨ ଟା ସୁଦ୍ଧା ଡକ୍ୟୁମେଣ୍ଟ ଯାଞ୍ଚ ସମ୍ବନ୍ଧରେ ଇଡି ତା'ର ଉତ୍ତର ଦାଖଲ କରିପାରିବ ।



ସୂଚନାଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗତବର୍ଷ ଫେବୃଆରୀ ୨୬ରେ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା ଇଡି । ସେବେଠାରୁ ସେ ଜେଲରେ ଅଛନ୍ତି । ତେବେ ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ ଗିରଫ କରିଛି ଇଡି ।

# ଧର୍ମ ନାଁରେ ଭୋଟ୍, ଅଯୋଗ୍ୟ ଘୋଷଣା କର: ୨୯ରେ ଶୁଣାଣି

**ନୂଆଦିଲ୍ଲୀ:** ହିନ୍ଦୁ, ଶିଖ ଓ ଧର୍ମପୀଠ ନାଁରେ ଭାରତୀୟ ଜନତା ପାର୍ଟି(ବିଜେପି) ପାଇଁ ଭୋଟ ମାଗୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆସନ୍ତା ୬ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିବାକୁ ଗୋଟିଏ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରାଯାଇଛି । ୬ ବର୍ଷ ପାଇଁ ମୋଦିଙ୍କୁ ନିର୍ବାଚନ ଲଢ଼ିବାରୁ ଦୂରେଇ ରଖାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି । କୋର୍ଟ ଏହାର ଶୁଣାଣି ଏପ୍ରିଲ ୨୯ ଅର୍ଥାତ ସୋମବାର କରିବେ ।

ଆଇନଜୀବୀ ଆନନ୍ଦ ଏସ୍ ଜୋନଧାଲେ ଏପରି ଆବେଦନ କରିଛନ୍ତି । ଆଜି ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସଚିନ ଦତ୍ତା ଏହାର ଶୁଣାଣି କରିଥାଆନ୍ତେ । କିନ୍ତୁ ସେ ୟୁଏପିଏ ଟ୍ରିବ୍ୟୁନାଲରେ ବସିଥିବାରୁ ଆବେଦନର ଶୁଣାଣି ହୋଇପାରି ନାହିଁ ।

ଆନନ୍ଦ ନିଜ ଆବେଦନରେ କହିଛନ୍ତି ଯେ ମୋଦିଙ୍କୁ ଜନ ପ୍ରତିନିଧି ଆଇନ ଅନୁସାରେ ୬ ବର୍ଷ ପାଇଁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ । ଏଥିସହ ଆଗକୁ ମୋଦି ଯେମତି କୌଣସି ଭଗବାନ କିମ୍ବା ଧର୍ମପୀଠ ନାଁରେ ଭୋଟ ମାଗିବେ ନାହିଁ, ତା'ର ବ୍ୟବସ୍ଥା କରନ୍ତୁ ।



ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ଗୋଟିଏ ଭାଷଣ ଉପରେ ମଧ ଆବେଦନକାରୀ ଆପତ୍ତି ଉଠାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କେବଳ ହିନ୍ଦୁ, ଶିଖ କିମ୍ବା ସେମାନଙ୍କ ଧର୍ମପୀଠ ନାଁରେ ଭୋଟ ମାଗୁ ନାହାନ୍ତି, ବରଂ ବିରୋଧୀ ଦଳଗୁଡ଼ିକ ମୁସଲିମ ସଂପ୍ରଦାୟକୁ ଅହେତୁକ ଅନୁକମ୍ପା ଦେଖାଉଥିବା ଦାବି କରୁଛନ୍ତି ।

ଆନନ୍ଦ ନିର୍ବାଚନ କମିଶନଙ୍କ ନିକଟରେ ମଧ ପୂର୍ବରୁ ଅଭିଯୋଗ ଦାଖଲ କରିଥିଲେ । ସେ ନିଜ ଅଭିଯୋଗରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଦାବି କରୁଛନ୍ତି ଯେ ସେ ରାମ ମନ୍ଦିର ନିର୍ମାଣ କରିଛନ୍ତି, କର୍ତ୍ତାରପୁର ସାହିବ କରିଡରର ବିକାଶ କରିଛନ୍ତି ଓ ଆଫଗାନିସ୍ତାନରୁ ଗୁରୁ ଗ୍ରନ୍ଥ ସାହିବକୁ ସ୍ୱଦେଶ ଆଣିଛନ୍ତି । ଏହାକୁ ଆଧାର କରି ସେ ଭୋଟ ମାଗୁଛନ୍ତି । ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନ ତୁରନ୍ତ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ।

ଭାରତ ବିଭିନ୍ନ ସ୍ଥାନକୁ ପ୍ରଧାନମନ୍ତ୍ରୀ ଭାରତ ସରକାରଙ୍କ ବିମାନ ଓ ହେଲିକପ୍ଟରରେ ଗସ୍ତ କରିବା ସହ ଉତ୍ତେଜନା ସୃଷ୍ଟି କରିବା ଭଳି ବୟାନ ଦେଉଛନ୍ତି । ତାଙ୍କ ଭାଷଣ ଧର୍ମ ଓ ଜାତି ମଧ୍ୟରେ ହିଂସା ଓ ଭେଦଭାବ ସୃଷ୍ଟି କରିବାର ଆଶଙ୍କା ରହିଛି । ତେଣୁ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

ଚଳିତ ମାସରେ ଆବେଦନକାରୀ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୧୫୩ ଏ ଅନୁଯାୟୀ ମୋଦିଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ଇସିଆଇଙ୍କୁ ଅନୁରୋଧ କରିବା ସହ ୬ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିବାକୁ କହିଥିଲେ । କିନ୍ତୁ ଏଯାଏ ଇସିଆଇ କୌଣସି ପ୍ରକାରର ପଦକ୍ଷେପ ନେଇ ନଥିବା ଆବେଦନକାରୀ କହିଛନ୍ତି ।

# ୯ ବର୍ଷର ଝିଅକୁ ଦୁଷ୍କର୍ମ ପରେ ହତ୍ୟା

**ଭୋପାଳ:** ମଧ୍ୟପ୍ରଦେଶର ରେୱାରେ ଘଟିଛି ଭୟଙ୍କର ଘଟଣା । ଜଣେ ୯ ବର୍ଷୀୟ ଝିଅକୁ ତାଙ୍କରି ଘରର ଭିତରର ଅଗଣାରେ ପ୍ରଥମେ ଦୁଷ୍କର୍ମ ଓ ପରେ ନିର୍ମମ ଭାବେ ହତ୍ୟା କରାଯାଇଛି । ମଙ୍ଗଳବାର ରାତିରେ ଏହି ଘଟଣା ଘଟିଥିବା ବେଳେ ପୀଡ଼ିତାଙ୍କ ପରିବାର ଓ ସ୍ଥାନୀୟ ଲୋକ ବିକ୍ଷୋଭ କରିବା ପରେ ବିଭିନ୍ନ ଜାତୀୟ ଗଣମାଧ୍ୟମ ଏ ସମ୍ପର୍କରେ ଖବର ଆଜି ପ୍ରକାଶ କରିଛନ୍ତି ।

ମଙ୍ଗଳବାର ରାତିରେ ପ୍ରବଳ ଗରମ ହେବାରୁ ନାବାଳିକା ଜଣଙ୍କ ତାଙ୍କ ଭାଇଙ୍କ ସହ ଅଗଣାରେ ଶୋଇବାକୁ ଯାଇଥିଲେ । ସେମାନଙ୍କ ମା' ଅସୁସ୍ଥ ଥିବାରୁ ସେ ଘର ଭିତରେ ଶୋଇଥିଲେ । ତାଙ୍କର ଆଉ ଦୁଇ ଜଣ ମଧ ଘର ଭିତରେ ଶୋଇଥିବା ବେଳେ ବାପା କୌଣସି କାମରେ ମୁମ୍ବାଇ ଯାଇଥିଲେ ।

ରାତି ପ୍ରାୟ ୨ଟା ହେବ ଘରର ବଡ଼ ଝିଅ ଟଏଲେଟ ପାଇଁ ଉଠିଥିଲେ । ହେଲେ ଘର ଅଗଣାର ଗୋଟିଏ କଡ଼ରେ ୯ ବର୍ଷର ଝିଅଟି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇ ଚିତ୍କାର କରିଥିଲେ । ଏହାପରେ ଗାଁ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ ।

ଅତିରିକ୍ତ ଏସ୍ପି ବିବେକ କୁମାର ଲାଲ ବୁଧବାର ସକାଳୁ ଗୋଟିଏ ଟିମ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପ୍ରାଥମିକ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଛି ଯେ ଘର ସହ ପରିଚିତ ଥିବା କେହି ଜଣେ ଝିଅଟିକୁ ପ୍ରଥମେ ଦୁଷ୍କର୍ମ କରିଥିଲା । ଏହାପରେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଛି । ପୁଲିସ୍ ଏବେ କିଛି ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ପୁଲିସ୍ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରି ନଥିବାରୁ ଗୁରୁବାର ପରିବାର ଓ ସ୍ଥାନୀୟ ଲୋକ ଜନଗହଳୀପୂର୍ଣ୍ଣ ଜାୱା ରାସ୍ତାକୁ ଅବରୋଧ କରିଥିଲେ । ପୁଲିସ୍ ଓ ପ୍ରଶାସନ ସେମାନଙ୍କୁ ଦୀର୍ଘ ଘଣ୍ଟା କାଳ ବୁଝାଇବା ପରେ ରାସ୍ତା ରୋକ ହଟିଥିଲା ।

# ମଞ୍ଜରେକରଙ୍କ ବିଶ୍ୱକପ୍ ଦଳରେ ନାହାନ୍ତି କୋହଲି, ପାଣ୍ଡ୍ୟା




ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଖୁବ୍‌ଶୀଘ୍ର ଟି-୨୦ ବିଶ୍ୱକପ୍ ନିମନ୍ତେ ଭାରତୀୟ ଦଳ ଘୋଷଣା ହେବାର ଅଛି । ଏହା ପୂର୍ବରୁ କିଛି ଦିନ ହେବ ଗଣମାଧ୍ୟମରେ ସମ୍ଭାବ୍ୟ ଖେଳାଳି ତାଲିକା ଘୂରି ବୁଲିଛି । ଏହି କ୍ରମରେ ପୂର୍ବତନ କ୍ରିକେଟ୍‌ର ସଞ୍ଜୟ ମଞ୍ଜରେକର ନିଜ ମନ୍ତବ୍ୟ ରଖି ଚର୍ଚ୍ଚାକୁ ଆସିଛନ୍ତି । ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ପହିଲାରୁ ଆରମ୍ଭ ହେବାକୁଯାଉଥିବା ଟି-୨୦ ବିଶ୍ୱକପ୍ । ତେଣୁ ଭାରତୀୟ ଦଳ ମେ' ୧ ତାରିଖ ସୁଧା ଘୋଷଣା ହେବ । ଏହା ପୂର୍ବରୁ ମଞ୍ଜରେକର ଏକ ୧୫ ଜଣିଆ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରି ହଟଚମଟ ସୃଷ୍ଟି କରିଛନ୍ତି । ମଞ୍ଜରେକରଙ୍କ ପସନ୍ଦର ବିଶ୍ୱକପ୍ ଦଳରେ ନାହାନ୍ତି ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟା । ରୋହିତ ଶର୍ମା ଦଳର ଅଧିନାୟକ । ବିଶ୍ୱକପ୍‌ରେ ରୋହିତଙ୍କ ସହ ଯଶସ୍ୱି ଜୟଶ୍ୱାଲ ଇନିଂସ ଓପନ କଲେ ଦଳ ପାଇଁ ଶୁଭଙ୍କର ହେବ । ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ, ମୁମ୍ବାଇର ତାରକା ବ୍ୟାଟର ସୂର୍ଯ୍ୟକୁମାର ଯାଦବ, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲଙ୍କୁ ମଞ୍ଜରେକର ତାଙ୍କ ସମ୍ଭାବ୍ୟ ଦଳରେ ସ୍ଥାନ ଦେଇଛନ୍ତି । ଏତଦ୍‌ଭିନ୍ନ ଅଲ୍‌ରାଉଣ୍ଡର ବର୍ଗରେ ସେ ରବିନ୍ଦ୍ର ଜାଡେଜାଙ୍କୁ ନେଇଥିବା ବେଳେ ଆଇପିଏଲ୍‌ରେ ସେତେଟା ପ୍ରଭାବ ଦେଖାଇପାରିନଥିବା ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସ୍ଥାନ ଦେଇନାହାନ୍ତି । ସ୍ପିନର କୁଲଦୀପ ଯାଦବ, ଯୁଜଭେନ୍ଦ୍ର ଚହଲ, ଦ୍ରୁତ ବୋଲର ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ଆଭେସ ଖାନ୍, ହର୍ସିତ ରାଣା, ନବାଗତ ମୟଙ୍କ ଯାଦବ ଓ ସ୍ପିନ୍ ଅଲ୍‌ରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ବିଶ୍ୱକପ୍ ଖେଳିବା ପାଇଁ ଉତ୍ତମ ବିକଳ୍ପ ହେବେ ବୋଲି ମଞ୍ଜରେକର କହିଛନ୍ତି । ଚଳିତ ଆଇପିଏଲ୍‌ରେ ମୟଙ୍କ ଯାଦବ ୧୫୦ରୁ ୧୬୦ ସ୍ପିଡରେ ବଲ ଫିଙ୍ଗି ଚର୍ଚ୍ଚାରେ ଅଛନ୍ତି । ତେଣୁ ମୟଙ୍କ ଯାଦବଙ୍କୁ ବିଶ୍ୱକପ୍ ଦଳରେ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ମ୍ୟାଚ ଛଡ଼ାଇନେଲେ ଶଶାଙ୍କ, ବେୟାରଷ୍ଟୋ

## ଆଇପିଏଲ୍ ମହାସମର




କୋଲକାତା, ୨୬।୪ (ଏଜେନ୍ସି): ଐତିହାସିକ ଇଡେନ୍‌ଗାର୍ଡେନରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସକୁ ୮ ୱିକେଟରେ ପରାଜିତ କରିଛି ପଞ୍ଜାବ କିଙ୍ଗ୍ସ । ଜନୀ ବେୟାରଷ୍ଟୋଙ୍କ ୪୮ ବଲ୍‌ରୁ ୧୦୮ ଓ ଶଶାଙ୍କ ସିଂଙ୍କ ୨୮ ବଲ୍‌ରୁ ୬୮ ରନ୍ ଯୋଗୁଁ ପଞ୍ଜାବକିଙ୍ଗ୍ସ ୮ଟି ବଲ୍ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା । ଏହି ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୧ ରନ୍ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୧୮.୪ ଓଭରରେ ୨୬୨/୨ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନାଇଟରାଇଡର୍ସ ପାଇଁ ଜମାଣିଆ ଆରମ୍ଭ ଦେଇଥିଲେ ଫିଲ ସଲ୍ଟ ଓ ସୁନୀଲ ନାରିନ । ପ୍ରଥମ ୱିକେଟ୍ ପାଇଁ ୧୦.୨ ଓଭରରେ ୧୩୮ ରନ୍‌ର ପାର୍ଟନରସିପ ହୋଇଥିଲା । ନାରିନ ୩୨ ବଲ୍‌ରୁ ୯ ଚୌକା ଓ ୪ ଛକା ସହାୟତାରେ ୭୧ ରନ୍ ଏବଂ ଫିଲ ସଲ୍ଟ ୩୭ ବଲ୍‌ରୁ ୬ଟି ଲେଖାଏଁ ଚୌକା ଓ ଛକା ମାରି ୭୫ ରନ୍ କରିଥିଲେ । ଜମାଣିଆ ଆରମ୍ଭ ଯୋଗୁଁ କୋଲକାତା ବଡ଼ ସ୍କୋର ଆଡେ ମୁହାଁଇଥିଲା । ଭେଙ୍କଟେଶ ଆୟର ୨୩ ବଲ୍‌ରୁ ୩୯, ଆନ୍ଦ୍ରେ ରସେଲ ୧୨ ବଲ୍‌ରୁ ୨୪, ଶ୍ରେୟାସ ଆୟର ୨୮ ରନ୍ କରିବାରୁ ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୧ ରନ୍ ସଂଗ୍ରହ କରିଥିଲା କୋଲକାତା । ପଞ୍ଜାବର ଅର୍ଶଦୀପ ସିଂ ୨ଟି, ସାମ କୁରନ, ହର୍ସାଲ ପଟେଲ ଓ ରାହୁଲ ଚହର ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୬୨ ରନର ବିଜୟଲକ୍ଷ୍ୟ ପଞ୍ଜାବ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା । କିନ୍ତୁ ଆଶା ହାରି ନଥିଲେ ପଞ୍ଜାବ ବ୍ୟାଟର । ଆରମ୍ଭରୁ ଆକ୍ରମଣ କରି ରନରେଟ୍‌କୁ ବଜାୟ ରଖିଥିଲେ । ଓପନର ପ୍ରଭସିମରନ୍ ସିଂ ୨୦ ବଲ୍‌ରୁ ୪ଟି ଚୌକା ଓ ୫ଟି ଛକା ସହାୟତାରେ ୫୪ ରନ୍ କରି ଭଲ ମୂଳଦୁଆ ପକାଇଥିଲେ । ସେ ଆଉଟ୍ ହେବା ବେଳକୁ ୬ ଓଭରରେ ଦଳୀୟ ସ୍କୋର ୯୩ ରନ୍ ହୋଇଥିଲା । ଏହାପରେ ଜନୀ ବେୟାରଷ୍ଟୋ ଦଳର ବ୍ୟାଟିଂ ପ୍ରମାଣ ସମ୍ଭାଳିଥିଲେ । ସେ ୪୮ ବଲର ସମ୍ମୁଖୀନ ହୋଇ ୮ଟି ଚୌକା ଓ ୯ଟି ଛକା ସହାୟତାରେ ୧୦୮ ରନ୍‌ର ମ୍ୟାଚ ବିଜୟୀ ଅପରାଜିତ ଇନିଂସ ଖେଳିଥିଲେ । ରିଲେ ରୋସୌ ୧୬ ବଲ୍‌ରୁ ୨୬ ଏବଂ ମଧ୍ୟଭାଗରେ ଶଶାଙ୍କ ସିଂଙ୍କ ବ୍ୟାଟିଂ ପ୍ରଶଂସନୀୟ ଥିଲା । ଶଶାଙ୍କ ୨୮ ବଲ୍‌ର ସମ୍ମୁଖୀନ ହୋଇ ୨ଟି ଚୌକା ଓ ୮ଟି ଛକା ସହାୟତାରେ ଅପରାଜିତ ୬୮ ରନ୍ କରିଥିଲେ । ବେୟାର ଷ୍ଟୋ ଓ ଶଶାଙ୍କ ସିଂଙ୍କ ଇନିଂସ ପାଇଁ ପଞ୍ଜାବ କିଙ୍ଗ୍ସ ୮ଟି ବଲ୍ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଏହି ବଡ଼ ବିଜୟ ସହ ପଞ୍ଜାବ ୯ ମ୍ୟାଚରୁ ୬ ପଏଣ୍ଟ ହାସଲ କରି ଅଷ୍ଟମ ସ୍ଥାନରେ ଥିବା ବେଳେ କୋଲକାତା ୮ ମ୍ୟାଚରୁ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

### ଆଜିର ମ୍ୟାଚ

| ଦିଲ୍ଲୀ–ମୁମ୍ବାଇ | ଲକ୍ଷ୍ନୌ–ରାଜସ୍ଥାନ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ଦିଲ୍ଲୀ | ସ୍ଥାନ: ଲକ୍ଷ୍ନୌ |

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ |
| କୋଲକାତା | ୮ | ୫ | ୩ | ୧୦ |
| ସନ୍‌ରାଇଜର୍ସ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ |
| ଚେନ୍ନାଇ | ୮ | ୪ | ୪ | ୮ |
| ଦିଲ୍ଲୀ | ୯ | ୪ | ୫ | ୮ |
| ଗୁଜରାଟ | ୯ | ୪ | ୫ | ୮ |
| ମୁମ୍ବାଇ | ୮ | ୩ | ୫ | ୬ |
| ପଞ୍ଜାବ | ୯ | ୩ | ୬ | ୬ |
| ବେଙ୍ଗାଲୁରୁ | ୯ | ୨ | ୭ | ୪ |

# ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ ଉଦ୍‌ଘାଟିତ

ପାଣିକୋଇଲି,୨୬।୪(ସବ୍ନ୍ୟୁ): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ (ଏମପିଏଲ) ଗୁରୁବାର ରାତ୍ରୀରେ ଉଦ୍‌ଘାଟିତ ହୋଇଛି । ୩ରାତ୍ର ବ୍ୟାପି ଏହି କ୍ରିକେଟ ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗୀତା ଗୋପିନାଥ ନାଇଟ ରାଇଡର, ଉକ୍‌ଳମଣି ଏକାଦଶ, କୁରାଶୁଣୀ ରାଇଜିଂଗ ଷ୍ଟାର, ଏମ,ଏଫଏସ, ପ୍ରତ୍ୟୁଷ ପାୱାର ହିଟର, ଏସକେଏସ ସ୍କାଏ ୱାଲକରସ, ବ୍ରଦର୍ସ ଇଲେଭେନ, ବାସୁଦେବ ଗେମ ସୁଇଂଗର୍ସ ପ୍ରମୁଖ ଦଳ ଦଳ ଭାଗ ନେଇଛନ୍ତି । ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଯୁବନେତା ଗଦାଧର ସାହୁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ । ଏହି ଖେଳକୁ ପିଣ୍ଟୁନାଥ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ । ସମୀର ସାହୁ, ଅଭିମନ୍ୟୁ ପରିଡା, ଅଜୟ କୁମାର ଗିରି, ଲକ୍ଷ୍ମଣ ମାଝୀ, ପ୍ରତାପ ପରିଡା, ପ୍ରଦୀପ ମାଝୀ, ଲୋଟନ ସାହୁ ପ୍ରମୁଖଙ୍କ ସମେତ ଏମପିଏଲର କର୍ମକର୍ତ୍ତା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଖେଳାଳି ଓ ଟିମ ମାଲିକମାନେ ଉପସ୍ଥିତ ଥିଲେ ।

# ଜୁଭେନାଇଲ କ୍ଲବ୍‌ରେ ଓସିଏର ଦକ୍ଷତା ବିକାଶ ଶିବିର



ଭୁବନେଶ୍ୱର,୨୬।୪(ସବ୍ନ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷର କଟକର ଜୁଭେନାଇଲ କ୍ଲବ୍ ପରିସରରେ ଦକ୍ଷତା ବିକାଶ ଶିବିର ଅନୁଷ୍ଠିତ ହୋଇଛି । ଓସିଏର ଟେକ୍ନିକାଲ ଡାଇରେକ୍ଟର ଭି.ଭେଙ୍କଟ ରମଣଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପରେ ଯୋଗଦେଇଥିବା ୮୦ରୁ ଉର୍ଦ୍ଧ୍ୱ କ୍ରିକେଟ୍‌ରଙ୍କୁ କ୍ରିକେଟ୍ ଶୈଳୀ ସମ୍ପର୍କରେ ଶିକ୍ଷା ଯାଇଥିଲା । ସ୍ଥାନୀୟ କୋଚ୍ ଓ ଖେଳାଳି ଏ ଶିବିରରେ ଯୋଗଦେଇଥିଲେ । ଜୁଭେନାଇଲ କ୍ଲବ୍‌ର ନିର୍ବାଣ ରଥ, ଦେବାଶିଷ ବେହେରା, କୋଚ୍ ମନୋଜ ଦାସ, ସୁହାଶ ସିଂ, ପ୍ରଣବ ମହାନ୍ତି, ପବିତ୍ର ରାଉତରାୟଙ୍କ ଉପସ୍ଥିତି ଓ ସହଯୋଗ ଯୋଗୁ ଶିବିର ସଫଳ ହୋଇଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଯୁବରାଜ ବ୍ରାଣ୍ଡଆମ୍ବାସାଡର






ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଜୁନ୍ ପହିଲାରୁ ଟି-୨୦ ବିଶ୍ୱକପ୍ ବିଗୁଲ ବାଜିବ । ବିଶ୍ୱକପ୍‌ର ବ୍ରାଣ୍ଡଆମ୍ବାସାଡର ଭାବେ ଆଇସିସି ଟିମ୍ ଇଣ୍ଡିଆର ପୂର୍ବତନ ତାରକା କ୍ରିକେଟ୍‌ର ଯୁବରାଜ ସିଂଙ୍କୁ ନିଯୁକ୍ତି କରିଛି । ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି । ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୩୫ ଦିନ ବାକି ରହିଛି । ତେଣୁ ଏଥର ବିଶ୍ୱକପ୍‌କୁ ଅଧିକ ଲୋକପ୍ରିୟ କରିବା ପାଇଁ ଆଇସିସି ପକ୍ଷରୁ ପ୍ରଚାର ଓ ପ୍ରସାର ନିମନ୍ତେ ସାରାବିଶ୍ୱର ବଛାବଛା କ୍ରୀଡାବିତଙ୍କୁ ବ୍ରାଣ୍ଡଆମ୍ବାସାଡର କରାଯାଉଛି । ଦିନକ ଆଗରୁ ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କୁ ବ୍ରାଣ୍ଡଆମ୍ବାସାଡର କରିଥିଲା ଆଇସିସି ।

୨୦୦୭ ଟି-୨୦ ବିଶ୍ୱକପ୍ ପ୍ରଥମ ସଂସ୍କରଣରେ ଭାରତ ଟାଇଟଲ ଜିତିଥିଲା । ଏହି ସଂସ୍କରଣରେ ଯୁବରାଜ ସିଂ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡଙ୍କୁ ଗୋଟିଏ ଓଭରରେ ୬ଟି ଛକା ମାରି ରେକର୍ଡ କରିଥିଲେ । ସେ ବ୍ରାଣ୍ଡଆମ୍ବାସାଡର ଭାବେ ନିଯୁକ୍ତି ପାଇଥିବାରୁ ଆମେରିକା ଓ ଇଣ୍ଡିଜ୍‌ରେ ହେବାକୁଥିବା ବିଶ୍ୱକପ୍ ପ୍ରମୋସନାଲ କାର୍ଯ୍ୟକ୍ରମରେ ଭାଗ ନେବେ । ଜୁନ୍ ୯ରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚର ମଧ୍ୟ ପ୍ରମୋସନ କରିବେ ।

ଯୁବରାଜ ସିଂ କହିଛନ୍ତି ଟି-୨୦ ବିଶ୍ୱକପ୍‌ର କିଛି ସ୍ମରଣୀୟ ମୁହୂର୍ତ୍ତ ମନେ ପଡିଯାଉଛି । ଗୋଟିଏ ଓଭରରେ ୬ ଛକା ମୋ ପାଇଁ ବିଶେଷ ମୁହୂର୍ତ୍ତ ଥିଲା । ପୁଣିଥରେ ବିଶ୍ୱକପ୍ ସହ ପ୍ରତ୍ୟକ୍ଷ ଭାବେ ଯୋଡି ହୋଇଥିବାରୁ ଉତ୍ସାହିତ ଅଛନ୍ତି । ଆମେରିକାରେ କ୍ରିକେଟ୍ ପ୍ରବେଶ କରିବା ଭଲ ଖବର । ଟି-୨୦ ବିଶ୍ୱକପ୍ ଦ୍ୱାରା ଆମେରିକାରେ କ୍ରିକେଟ୍ ଆହୁରି ଆଦୃତ ହୋଇପାରିବ । ତେବେ ଖାସ୍ କରି ନ୍ୟୁୟର୍କରେ ଭାରତ-ପାକିସ୍ତାନ ମୁକାବିଲା ଚଳିତ ବର୍ଷର ସବୁଠାରୁ ବଡ଼ କ୍ରୀଡା ପ୍ରତିଯୋଗିତା ହେବାକୁଯାଉଛି । ଏହାର ଅଂଶଦାର ହେବା ସୌଭାଗ୍ୟର ବିଷୟ । ନୂଆ ଷ୍ଟାଡିୟମ୍‌ରେ ଦୁଇ ଶ୍ରେଷ୍ଠ ଦଳର ଲଢ଼େଇ ଦେଖିବାର ସୌଭାଗ୍ୟ ମିଳିବ ବୋଲି ଯୁବରାଜ କହିଛନ୍ତି । ଆସନ୍ତା ଜୁନ୍ ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ଇଣ୍ଡିଜ୍ ଓ ଆମେରିକାରେ ଟି-୨୦ ବିଶ୍ୱକପ୍ ଆୟୋଜନ ହେବ ।








Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking.
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୋବେଙ୍କ ଏକାଡେମୀ ପରିଦର୍ଶନ

ଭୁବନେଶ୍ୱର,୨୬।୪(ସବ୍ନ୍ୟୁ): ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ଟ୍ରାଏଲ ନିମନ୍ତେ ଭୁବନେଶ୍ୱର ଶିବିର ପରିଦର୍ଶନ କରିଛନ୍ତି । ଆଇଏସ୍‌ଏଲ୍ ସେମିଫାଇନାଲ ପ୍ରଥମ ଲେଗ୍ (ଓଡ଼ିଶା ଏଫ୍‌ସି-ମୋହନବାଗାନ) ନିମନ୍ତେ ଭୁବନେଶ୍ୱର ଆସିଥିଲେ । ଓଡ଼ିଶା ସରକାର ଏବଂ ଏଆଇଏଫ୍‌ଏଫ୍ ମଧ୍ୟରେ ଫୁଟବଲର ବିକାଶ ପାଇଁ ସହଭାଗିତା ହୋଇଛି । ୨୦୨୩ ନଭେମ୍ବରରେ ଆର୍ସେନୀ ୱିଙ୍ଗଲଙ୍କ ଉପସ୍ଥିତିରେ ସହଭାଗିତା ହୋଇଥିଲା । ଏଆଇଏଫ୍‌ଏଫ୍-ଫିଫା ଏକାଡେମୀରେ ଏପ୍ରିଲ ୧୮ରୁ ମେ' ୨ ମଧ୍ୟରେ ୪ଟି ପର୍ଯ୍ୟାୟର ଜାତୀୟ ଶିବିର ଚୟନ ଅନୁଷ୍ଠିତ ହେବ । ଏ ଟ୍ରାଏଲ ନିମନ୍ତେ ସାରାଦେଶରୁ ବହୁ ଦକ୍ଷ ଫୁଟବଲ ଖେଳାଳି ଭୁବନେଶ୍ୱର ଆସିଛନ୍ତି । ଏହି ଅବସରରେ ଏଆଇଏଫ୍‌ଏଫ୍ ସଭାପତି ଚୌବେ ମୁଖ୍ୟ କୋଚ୍ ସର୍ଗି ଆମେଜକୁଆଙ୍କୁ ଭେଟିଥିଲେ । ଉଭୟଙ୍କ ମଧ୍ୟରେ ଶିବର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଗୋଥିଆ କପ୍ ଫୁଟବଲ ନିମନ୍ତେ ଓଡ଼ିଶାରୁ ୭



ଭୁବନେଶ୍ୱର,୨୬।୪(ସବ୍ନ୍ୟୁ): ଜୁଲାଇ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ୱିଡେନ୍‌ରେ ଗୋଥିଆ କପ୍ ଆୟୋଜନ ହେବ । ଏହି ପ୍ରତିଯୋଗିତାରେ ୧୫ଟି ସ୍କାଣ୍ଡିନୋଭିଆ ରାଷ୍ଟ୍ର ଓ ୧୫ଟି ଅନ୍ୟ ରାଷ୍ଟ୍ରର ୧୬ରୁ ୨୧ ବର୍ଷ ବୟସ୍କ ୭ ଜଣିଆ ଫୁଟବଲ ଦଳ ଭାଗ ନେବେ । ଭାରତର ଏକ ୨୪ ଜଣିଆ ଦଳ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ପକ୍ଷରୁ ଭାଗ ନେବାକୁ ଯାଉଛି । ଏହି ଜାତୀୟ ଦଳ ଚୟନ ଶିବିର ଗ୍ୱାଲିୟର ସ୍ଥିତ ଅଟଳ ବିହାରୀ ବାଜପେୟୀ ଭିନ୍ନକ୍ଷମ କ୍ରୀଡା କେନ୍ଦ୍ରଠାରେ ଆରମ୍ଭ ହୋଇଛି । ଏଥିରେ ଓଡ଼ିଶାରୁ ଏକ ୭ ଜଣିଆ ଦଳ ଭାଗ ନେଇଛନ୍ତି । ସେମାନେ ହେଲେ ସମିତ ଖୁଣ୍ଟିଆ, ସୁନୀଲ ଭୋଇ, ବୈଭବ ରାଜପାଳିଆ, ରାମ ବରିହା, କାହ୍ନୁ ସାହୁ, ଦୀପକ ଚନ୍ଦନ ଓ ପ୍ରଶିକ୍ଷକ ଯଶକେତନ ସାହୁ, ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନୀତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡଙ୍ଗୀ, କ୍ରୀଡା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓ ବୋର୍ଡ ସଦସ୍ୟ ମନୋତଷ ବେହେରା, ତନ୍ମୟ ସେନାପତି ଓ ଦୀପ୍ତିମୟୀ ରାଉତ ପ୍ରମୁଖ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି । ଶିବିର ୨୯ ତାରିଖରେ ଶେଷ ହେବ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି

## ୩ଟି ପଞ୍ଚାୟତରେ ବିଜେଡ଼ିର ବୁଥ୍ କମିଟି ବୈଠକ

ଖଣ୍ଡପଡା,(ସବ୍ୟୁ) : ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବ୍ଲକ୍ ଅଧିନ ରୟତ ଡୋଲମରା, କୋସ୍କା ଓ ବୋଦସା ପ୍ରଭୃତି ୩ଟି ପଂଚାୟତରେ ବିଜେଡି ପକ୍ଷରୁ ବୁଥ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମସ୍ତ ବୈଠକରେ ଉପସ୍ଥିତ ରହି ପ୍ରତ୍ୟେକ ବୁଥ୍‌ରେ ଶୃଙ୍ଖଳିତ ଭାବେ ଭୋଟ ଗ୍ରହଣ ସହ ନିର୍ବାଚନ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ବୁଥସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ କରିବା ନିମେ଼ ଗଠିତ ବୁଥ କମିଟିର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଚନ୍ଦ୍ରକା଼ ବଳିଆର ସିଂ, ପୂର୍ବତନ ସରପଂଚ ନିରନ ମହାଁ, ସର୍ବେଶ୍ୱର ସ୍ୱାଇଁ ସଂଗଠକ ଜିତେନ୍ଦ୍ର କୁମାର ସ୍ୱାଇଁ, ପ୍ରସା଼ ନାୟକ, ଜନ୍ମେଶ୍ୱର ପ୍ରଧାନ, ମୁରଲିଧର ବାରିକ, ନାରାୟଣ ସ୍ୱାଇଁ, ନୀଳମଣି ପରିଡ଼ା, କୁମର ମୁଳିଙ୍କ ସମେତ ବିଜେଡି ଦଳର ବହୁ ପୁରୁଖା ନେତା, ଯୁବ ସଂଗଠକ ଓ ବୁଥ କମିଟିର ସଭାପତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଚଳିତ ନିର୍ବାଚନକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା ।

## ରଣପୁର ବିଜେପିର ମିଶ୍ରଣ ପର୍ବ : ମିଶିଲେ ବିଜେଡି ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ



ରଣପୁର ,(ସବ୍ୟୁ) : ଶୁକ୍ରବାର ମଧ୍ୟାହ୍ନ ୧୨ଘଂଟିକା ସମୟରେ ରଣପୁର ଏନ. ଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡ ସ୍ଥିତ ମା ନାରାୟଣୀ ଙ୍କ ପଡିଆ ଠାରେ ଭାରତୀୟ ଜନତା ପାର୍ଟୀ ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରଣପୁର ଏନ. ଏସି ବିଜୁ ଜନତା ଦଳ ର ଟାଣୁଆ ନେତା ତଥା ପୂର୍ବତନ ଏନ. ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ (ଟୁଲୁ ଭାଇନା ) ତାଙ୍କ ଶହ ଶହ ସମର୍ଥକ ଙ୍କ ସହିତ ବିଜେପି ରେ ସାମିଲ ହୋଇଛନ୍ତ।ଯାହାକୁ ନେଇ ରଣପୁର ଏନ. ଏସି ରେ ବିଜେପି ତାହାର ଶକ୍ତି ବୃଦ୍ଧି କରିଥିବା ଜଣାପଡିଛି।ଏହି ମିଶ୍ରଣ ପର୍ବ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ରଣପୁର ବିଜେପି ର ବିଧାୟିକା ପ୍ରାର୍ଥୀନି ଶ୍ରୀମତି ସୁରୁମା ପାଢ଼ୀ ସାଂସଦ ପ୍ରାର୍ଥୀ ଡ଼ଃ ସମ୍ବିତ ପାତ୍ର ସହିତ ରଣପୁର ଏନ. ଏସି ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ.. ତେବେ ପ୍ରିୟବ୍ରତ ପ୍ରହରାଜ (ଟୁଲୁ ଭାଇନା ) ରଣପୁର ଅଞ୍ଚଳର ବିଜୁ ଜନତା ଦଳ ର ଜଣେ ଟାଣୁଆ ନେତା ଭାବେ ବେଶ ପରିଚିତ ଲାଭ କରିଥିବା ବେଳେ ରଣପୁର ଏନ. ଏସି ଗଠନ ପୂବରୁ ସେ ରଣପୁର ପଞ୍ଚାୟତ ସହିତ ରଣପୁର ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ବହୁବାର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଏବଂ ବିଜୁ ଜନତା ଦଳ ତରଫରୁ ରଣପୁର ଏନ ଏସି ର ଉପାଧ୍ୟକ୍ଷ ରହିଥିଲେ ତା ସହିତ ଜିଲ୍ଲା ସ୍ତରୀୟ ବହୁ ସାଙ୍ଗଠନିକ ପଦପଦବୀ ରେ ଦୀର୍ଘ ଦିନ ଧରି ରହିଥିଲେ. ଶୁକ୍ରବାର ଡ଼ଃ ସମ୍ବିତ ପାତ୍ର ଓ ବିଜେପି ବିଧାୟିକା ପ୍ରାର୍ଥୀନି ଙ୍କ ଉପସ୍ଥିତି ରେ ନିଜ ର ଏକ ହାଜର ରୁ ଉର୍ଦ୍ଧ ସମର୍ଥକ ଙ୍କ ସହିତ ଭାରତୀୟ ଜନତା ପାର୍ଟୀ ରେ ସାମିଲ ହୋଇଛନ୍ତି ଯାହାକୁ ଏହି ମିଶ୍ରଣ ଦ୍ୱାରା ରଣପୁର ଏନ. ଏସି ରେ ଭାରତୀୟ ଜନତା ପାର୍ଟୀ ର ଶକ୍ତି ବୃଦ୍ଧି ପାଇଥିବା ବେଳେ ଶାସକ ବିଜେଡି ଏନ. ଏସି ବହୁ ଭୋଟ ପଛରେ ରହିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତବ୍ୟକ୍ତ କରିଛନ୍ତି ।

## ବାଲି ଚାଲାଣ କରୁଥିବା ଦୁଇ ହାଇୱା ଜବତ : ୨ ଗିରଫ

ବାଙ୍କୀ , (ସବ୍ୟୁ) କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ବୈଦେଶ୍ୱର୍ ରେ ସ୍ୱୀକୃତିପ୍ରାପ୍ତ ବାଲିଘାଟ ରହିଛି। ମାତ୍ର ସେଠାରୁ ବାଲି ଉଠାଣ ନ କରି କେତେକ ବ୍ୟବସାୟୀ ଭାପୁର ତହସିଲ ଅନ୍ତର୍ଗତ କରବର୍ ପଞ୍ଚାୟତର ନିକଟସ୍ଥ ମହାନଦୀ ଘାଟ ରୁ ବାଲି ଉଠାଣ ନ କରି ବାଙ୍କୀ ତହସିଲ ଅନ୍ତର୍ଗତ ବୈଦେଶ୍ୱର୍ ଗ୍ରାମ ପଞ୍ଚାୟତର ବଡବର୍ ଗ୍ରାମ ନିକଟସ୍ଥ ଘାଟ ରୁ ଚୋରାରେ ବାଲି ଚାଲାଣ ହେଉଥିବାର ଖବର କଟକ ଖଣି ବିଭାଗ ଅଧିକାରୀ ଙ୍କ ନିକଟରେ ଅଭିଯୋଗ ହେଇଥିଲା ।ଅଭିଯୋଗ ସତ୍ୟତା କୁ ଦେଖି ଖଣି ବିଭାଗ ର ବରିଷ୍ଠ ଅଧିକାରୀ ବୈଦେଶ୍ୱର୍ ଥାନା ଅଧିକାରୀ ଙ୍କୁ ବାଲି ବୋଝେଇ ହାଇୱା କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଦେଶ୍ୱର୍ ଥାନା ଅଧିକାରୀ ପ୍ରିୟ ରଂଜନ ସେଠୀ ବୈଦେଶ୍ୱର୍ କଳାପଥର ରାସ୍ତାରୁ ଦୁଇ ଗୋଟି ବାଲି ବୋଝେଇ ହାଇୱାକୁ ଜବତ କରି ଥାନା ରେ ରଖିଥିବା ବେଳେ ଦୁଇ ଜଣ ଙ୍କୁ ଗିରଫ କରି ଥିବାର ସୂଚନା ଦେଇଛନ୍ତି ବୈଦେଶ୍ୱର୍ ଥାନା ଅଧିକାରୀ ପ୍ରିୟ ରଂଜନ ସେଠୀ। ତେବେ ବୈଦେଶ୍ୱର୍ ପୋଲିସ ଯଦିଓ ଚୋରାବାଲି ଚାଲାଣ କରୁଥିବ ହାଇୱା ଜବତ କରି ପାରୁଛନ୍ତି ।ତେବେ ବାଙ୍କୀ ସୁନାଡେଇ ପାହାଡ ନିକଟସ୍ଥ ବାଲି ଘାଟ ରୁ ବାଙ୍କୀ ବଜାର ଦେଇ ଚାଲାଣ ହେଉଛି ପୋଲିସ ନୀରବ କାହିଁକି ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ୨୦୦ ବୋତଲ ଆସ୍କା ଫର୍ଟି ଜବତ : ବେପାରୀ ଗିରଫ



ନିରାକାରପୁର,(ସବ୍ୟୁ) : ନିର୍ବାଚନ ପୂର୍ବରୁ ମଦ ଗୁଡିକ ଗାଁ ଗହଳି ଅଂଚଳରେ ମହଜୁଦ ରଖି ବ୍ୟବସାୟ କରିବାକୁ ଚୋରା ଲାଭଖୋର ମଦ ବେପାରୀ ମାନେ ମନ ବଳାଇଛନ୍ତି। ଶୁକ୍ରବାର ଦିନ ଭୂଷଣ୍ଡପୁର ଅଂଚଳର ମଦ ବେପାରୀ ନିର୍ମଳ ବେହେରା ୨୦୦ବୋତଲ ଆସ୍କା ଫର୍ଟି ମଦ ଏକ ଲୁନାରେ ନେଇ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ନିରାକାରପୁର ପୋଲିସ ପକ୍ଷରୁ ଡିଆ ଗାଁ ରାସ୍ତାରେ ଅତର୍କିତ ଚଢ଼ାଉ କରାଯାଇଥିଲା।ପୋଲିସ ଚୋରା ମଦ ବେପାରୀକୁ ଗିରଫ କରି ତା ଠାରୁ ୨୦୦ ବୋତଲ ଆସ୍କା ଫର୍ଟି ମଦ ଓ ବ୍ୟବହୃତ ମୋଟର ସାଇକେଲକୁ ଜବତ କରିଛି ପୋଲିସଛଏନେଇ ନିରାକାରପୁର ଥାନାରେ ୧୧୯/୨୪ରେ ଏକ ମାମଲା ରୁଜୁ କରିଥିବା ଏ ଏସ ଆଇ ତପନ କୁମାର ପ୍ରଧାନ ଜଣାପଡ଼ିଛି।

## ମଧୁସୂଦନ ସେବାକୁର ପରିଚାଳିକାଙ୍କ ପରଲୋକ

ନୟାହାଟ,(ସବ୍ୟୁ) :ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ଶାଖା ଆଶ୍ରମ ମଧୁସୂଦନ ସେବାକୁର ପରିଚାଳିକା ସଂଯୁକ୍ତା ଶିଶୁ(୫୪)ଙ୍କର ୫୪ ବର୍ଷରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ । ସ୍ୱର୍ଗତ ସଂଯୁକ୍ତା ଜଗତସିଂହପୁର ଜିଲ୍ଲା ନାଉଗାଁ କାନୁନଗୋ ସାହିରେ ଜନ୍ମ ଗ୍ରହଣ କରିଥିଲେ । ୨୦୦୩ ମସିହାରେ ସଦଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶିଷତ୍ୱ ଗ୍ରହଣ କରି ସୁ ମା ବୋଲି ପରିଚିତ ଥିଲେ । ଗତ କାଲି ତାଙ୍କ ମୃତ୍ୟୁ ଖବର ପାଇ ବହୁ ଗୁରୁଭାଇ ଭଉଣୀମାନେ ପହଞ୍ଚ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ୨୦୦୭ ମସିହାରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶାଖା ଆଶ୍ରମ ମଧୁସୂଦନ ସେବାକୁର ଆହାର ଦାୟିତ୍ୱ ନିଜେ ପରିଚାଳନା କରୁଥିଲେ । ତାଙ୍କର ମରଶରୀର ନାଉଗାଁ ସେବାକୁରେ ପହଞ୍ଚୁବା ପରେ ଶିକ୍ଷକ ଜୟକୃଷ୍ଣ ଲେଙ୍କା, ବାବାଜୀ ଆତ୍ମାକୃଷ୍ଣ ଦାସ, ସୁରେନ୍ଦ୍ର ରାଉଳ, ଦୁର୍ଯ୍ୟୋଧନ ରାଉତ, ବିଜୟରାମ ରାୟ, ଜ୍ୟୋତିରଂଜନ ରାଉତ, ପ୍ରଭାତି ମା, ବୁଲାକି ସେଠୀ, ରଶ୍ମିଂରଜନ ମହାଁଙ୍କ ସମେତ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତ ଶେଷ ଦର୍ଶନ କରିଥିଲେ । ସେଠାରେ ଗ୍ରାମ ପରିକ୍ରମା ପରେ ମୁଖ୍ୟ ଆଶ୍ରମର ପରିଚାଳକ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ନାମ କୀର୍ତ୍ତନ କରି ମୁଖ୍ୟ ଆଶ୍ରମ ପୁରୀ ଜିଲ୍ଲା ନୟାହାଟ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ପହଞ୍ଚୁଥିଲା । ବୈଷ୍ଣବ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସ୍ୱର୍ଗତ ସଂଯୁକ୍ତା ଶିଶୁଙ୍କୁ ସମାଧି ଦିଆଯାଇଥିଲା । ବାବାଜୀ ଦିବ୍ୟକୃଷ୍ଣ ଦାସ, ବାବାଜୀ ବିବେକାନନ୍ଦ ଦାସ. ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ସବିତା ଦାସ, ପ୍ରୀତିରଂଜନ ଦାସ, ପ୍ୟାରୀମୋହନ ସାହୁ, ରାଜକିଶୋର ସାହୁ, ରମୟ ରାଉତ, ଶଶୀକା଼ ଖୁଣ୍ଟିଆ, ଶକୁ଼ଳା ଦାଶ, ଶ୍ରୀଚରଣ ସ୍ୱାଇଁ, ସୁକା଼ ଖଟାଇ, କୃଷ୍ଣଚନ୍ଦ୍ର ଓଝା, ରବୀନ୍ଦ୍ର ଓଝା, ମୀନା ମା, ଅଭୟ ରାୟ ଓ ନୀଳମଣି ସାହୁଙ୍କ ସମେତ ଶହ ଶହ ଭକ୍ତଙ୍କ ହରିବୋଲ ନାମ ଧ୍ୱନିରେ ଅଂଚଳ ପ୍ରକମ୍ପିତ ହୋଇଥିଲା । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ବୈଷ୍ଣବ ବ୍ରତ ପାଳିକା ଥିଲେ । ତାଙ୍କ ମୃତ୍ୟୁରେ ଆଖପାଖ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

## ଶ୍ରୀଶ୍ରୀ କୋଚିଲା ଗୋସ୍ୱାମୀଙ୍କ ଯଜ୍ଞ ଚତୁର୍ଥ ଦିନରେ



କଣ୍ଟାପଡା,(ସବ୍ୟୁ): କଣ୍ଟାପଡା ବ୍ଲକ ଅଡଶପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ବରାହିପୁର ଓ ଗୁପ୍ତମାଣିକାସ୍ଥିତ ମାଳିକବର୍ଣ୍ଣିତ ପବିତ୍ର ଗୋବରଗାଡିଆ ସନିକଟ ଏକ କୋଚିଲା ଗଛ ତଳେ କାହିଁ କେଉଁକାଳରୁ ପୂଜା ପାଉଆସୁଥିବା ଏକ ହଳ କଠଉ ଓ ଚିମୁଟା କୋଚିଲା ଗୋସ୍ୱାମୀ ନାମରେ ପ୍ରସିଦ୍ଧି ଲାଭ କରିଛି।ବାବା କୋଚିଲା ଗୋସ୍ୱାମୀଙ୍କ ପୀଠରେ ଦୁଇ ଗ୍ରାମର ସମିଳିତ ଉଦ୍ୟମରେ ଦୀର୍ଘ ୪୦ବର୍ଷ ହେଲାବହୁ ଆଡମ୍ବରରେ ପଞ୍ଚ ଦିବସୀୟ ବିଶ୍ୱଶାଂ଼ିମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି। ଏହି ପୀଠର ମାହାତ୍ମ୍ୟ ହେଉଛି ଯେଉଁ ଶ୍ରଦ୍ଧାଳୁମାନେ ଏହିସାଧୁ ଗୋସ୍ୱାମୀଙ୍କ ନିକଟରେ ମାନସିକ କରିଥାନ୍ତି ତାହା ଅଚିରେ ପୁରଣ ହୋଇଥାଏ। ଯାହାକି ଆଜିବହୁ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପ୍ରତିଦିନ ଏହି ଠାରେ ମାନସିକ କରିବାକୁ ଆସୁଥିବାର ଦେଖିବାକୁ ମିଳୁଛି।ଏହି ପୀଠ ସମ୍ବନ୍ଧରେ ବହୁ ଲୋକମତ ଶୁଣିବାକୁମିଳେ ତାହା ସେବେଠାରୁ ଏକ କିମ୍ବଦନ୍ତୀ ହୋଇରହି ଆସିଛି।ଏହି ସାଧୁ ଗୋସ୍ୱାମୀଙ୍କ ପଞ୍ଚଦିବସୀୟ ଯଜ୍ଞ ଶୁକ୍ରବାର ଦିନି ଚତୁର୍ଥ ଦିନରେ ପହଞ୍ଚିଥିବା ବେଳେ ଶନିବାର ଗୋବନ୍ଦାଣ, ରବିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

## ମେ' ୧୪ରୁ ମା' ଖରାଖାଇ ଶ୍ରୀରାମଲୀଳା ମହୋତ୍ସବ

ତେଲେଙ୍ଗାପେଣ୍ଠ (ସବ୍ୟୁ )କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ନଂ ୱାର୍ଡ ସ୍ଥିତ ମୁଗଭଙ୍ଗା ଗ୍ରାମରେ ଆସନ୍ତା ମେ ୧୪ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୧୦ମ ବାର୍ଷିକ ମା' ଖରାଖାଇ ଶ୍ରୀରାମଲୀଳା ମହୋତ୍ସବ ଅନୁଷ୍ଠିତ ହେବ । ଏଥି ନିମନ୍ତେ ନିମନ୍ତେ ଭାଗ୍ୟଧର ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସବୁବର୍ଷ ପରି ଚଳିତ ବର୍ଷ ମହାଆଡମ୍ବର ସହକାରେ ପାଳନ କରାଯିବ ବୋଲି ଗ୍ରାମର ବରିଷ୍ଠ ନାଗରିକ ନବ କିଶୋର ଦଳାଇ ପ୍ରକାଶ କରିଥିଲେ। ପ୍ରଥମ ରାତିରେ ଜେନା ଦେଇ ଶ୍ରୀ ରାମଲୀଳା ଯୁବ ପରିଷଦ, ଆଠଗଡ଼ ପକ୍ଷରୁ ଲଙ୍କା ଦହନ, ଦିତୀୟ ରାତିରେ ମା କନକ ଦୁର୍ଗା ରାମଲୀଳା ପ୍ରଚାର ସମିତି ,ମୁଣ୍ଡ ମୁହାଣ ପକ୍ଷରୁ ଇନ୍ଦ୍ରଜିତ ବଧ,ତୃତୀୟ ରାତିରେ ଶ୍ରୀ ଶ୍ରୀ ଦଧିବାମନ ଜୀଉ ରାମଲୀଳା ସମିତି,ବମ୍ଫୁରୀ ପକ୍ଷରୁ ମୁକ୍ତି ପଥେ ଦଶାନନ ପରିବେଷଣ କରାଯିବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ପ୍ରତ୍ୟେକ ଦିନ ଅଞ୍ଚଳର ମୂରବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଉଦୀୟମାନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ହେମନ୍ତ କୁମାର ଦଳାଇ ସୂଚନା ଦେଇଛନ୍ତି। ଏହି ବୈଠକରେ ବିଚିତ୍ରାନନ୍ଦ ଦଳାଇ, ଛବୀନ୍ଦ୍ର ଦଳାଇ, ଭୀମସେନ ଭୂୟାଁ, ସୁଶାନ୍ତ ଦଳାଇ, ଦୀପକ ଦଳାଇ, ସଞ୍ଜୀବ ବସ୍ତିଆ, ଚିନ୍ମୟ ଦଳାଇ, ପ୍ରଭାତ ଦଳାଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ମା' ଖରାଖାଇ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

## ଝାମୁ ଯାତ୍ରା ପାଇଁ ଅବଢା ପାଣି ବଣ୍ଟନ



ନୟାହାଟ, ,(ସବ୍ୟୁ) :କାକଟପୁର ମା ମଙ୍ଗଳାଙ୍କ ଝାମୁ ଯାତ୍ରା ଅବସରରେ ପ୍ରଚଣ୍ଡ ରୌଦ୍ରତାପରେ ମା'ଙ୍କୁ ଦର୍ଶନ କରିବା ନିମିତ୍ତ ତୃଷାର୍ତ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୟାହାଟ ସାମନ୍ତ ବଜାର ଠାରେ ଅବଢା ପାଣି ବଣ୍ଟନ କରାଯାଇଥିଲା । ଧୂମାଳ ପଞ୍ଚାୟତ ଓବିଶେସ୍ୱରୀ କମିଟିର ସ୍ୱେଚ୍ଛାସେବୀ ମାନଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ଅବଢା ପାଣି ବଣ୍ଟନକୁ ନୟାହାଟ ଫାଣ୍ଡି ଅଧିକାରୀକୁନାଲ କୁମାର ଉଦ୍ଘାଟନ କରିଥିଲେ । ଜଙ୍ଗଲବୋରୀ ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ,ସମାଜସେବୀ ଅଭିମନ୍ୟୁ ସିଂ ପ୍ରମୁଖଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅବଢାପାଣି ଓ ଦହି ପାଣି ବଣ୍ଟନ କରିଥିଲେ । ସେହିପରି ଲକ୍ଷ୍ମୀବଜାର ,ମେଡିକାଲ ଛକ,କଲେଜ ଛକ ଏବଂ ପାଣିଛତ୍ର ଠାରେ ଅନୁରୂପ ଭାବେ ଅବଢାପାଣି ବଣ୍ଟନ କରାଯାଇଥିଲା ।

## ୪ପଞ୍ଚାୟତରେ ବିଜେଡ଼ିର ବୁଥ୍ କମିଟି ବୈଠକ

ଖଣ୍ଡପଡା,(ସବ୍ୟୁ) ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବ୍ଲକ୍ ଅଧିନ କଂଟିଲୋବେଣାଗାଡିଆ, ଗଡିଆସାହି ଓ ବଳଭଦ୍ରପ୍ରସାଦ ପ୍ରଭୃତି ୪ଟି ପଂଚାୟତରେ ବିଜେଡି ପକ୍ଷରୁ ବୁଥକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମସ୍ତ ବୈଠକରେଉପସ୍ଥିତ ରହି ପ୍ରତ୍ୟେକ ବୁଥ୍‌ରେ ଶୃଙ୍ଖଳିତ ଭାବେ ଭୋଟ ଗ୍ରହଣ ସହ ନିର୍ବାଚନ ସୁପରିଚାଳନା ଉପରେଗୁରୁତ୍ୱାରୋପ କରିଥିଲେ । ସେହିପରି ବୁଥସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ କରିବା ନିମନ୍ତେ ଗଠିତବୁଥ କମିଟିର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ସଂଗଠକ ଅଖିଳ କୁମାର ମହାରଣା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟରମାକାନ୍ତ ସେଠୀ, କଂଟିଲୋ ବିକାଶ ପରିଷଦର ସଭାପତିଯୁଗଳକିଶୋର ନାୟକ, ସର୍ବେଶ୍ୱର ସ୍ୱାଇଁଙ୍କସମେତ ବିଜେଡି ଦଳର ବହୁ ପୁରୁଖା ନେତା, ଯୁବ ସଂଗଠକ ଓବୁଥ କମିଟିର ସଭାପତି ଓ ସଦସ୍ୟମାନେଉପସ୍ଥିତ ଥିଲେ । ଚଳିତ ନିର୍ବାଚନକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ଘାତକ ହୋଇପାରେ ପଥର ସମସ୍ୟା



ଡାକ୍ତର ପ୍ରବାସ ନାୟକ
(ୟୁରୋଲୋଜିଷ୍ଟ)

ଆମେ ସମସ୍ତେ ଜାଣିଛନ୍ତି କି ଆମ ଶରୀରରେ ବିଭିନ୍ନ ସମୟରେ ପଥର ସମସ୍ୟା ସୃଷ୍ଟି ହୋଇଥାଏ। କେତେବେଳେ ପିତକୋଷରେ ତ ଆଉ କେତେବେଳେ ବୃକକରେ । ପୁଣି କେତେବେଳେ ମୁତ୍ରନଳୀରେ ମଧ୍ୟ ଏହି ପଥରର ଆବିର୍ଭାବ ଘଟିଥାଏ ଏବଂ ତାହା ରୋଗୀକୁ ଦ୍ୱିବିଧାରେ ପକାଏ । ମଣିଷ ଖାଦ୍ୟ ଓ ପାନୀୟ ଆକାରରେ ଯାହା ଗ୍ରହଣ କରିଥାଏ ସେଥିରୁ କିଛି ପଦାର୍ଥ ଶରୀର ଭିତରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଜମା ହୋଇଗଲେ ତାହାକୁ ଆମେ ପଥରର ଆଖ୍ୟା ଦେଇଥାଉ।

ବୃକକ, ପିତକୋଷ ଏବଂ ମୁତ୍ରନଳୀ ଯେଉଁଠାରେ ବି ଏହି ପଥର ଜମା ହୋଇଯାଏ ସେଠାରେ ତାହା କ୍ରମଶଃ ବୃଦ୍ଧିପାଇ ଶରୀରର ଗଠନ ପ୍ରକ୍ରିୟାରେ ବାଧା ଉପୁଜାଇଥାଏ । ଫଳରେ ମଣିଷଟି ରୋଗୀ ବୋଲି ବିବେଚିତ ହୁଏ । ବିଶେଷ କରି କହିବାକୁ ଗଲେ କିଡ଼ନୀ ବା ବୃକକରୁ ଏରିଥ୍ରୋପୋଏଟିନ ନାମକ ହରମୋନ ବାହାରେ ଯାହାକି ରକ୍ତ ତିଆରି କରିବାରେ ସାହାଯ୍ୟ କରିଥାଏ । ରକ୍ତ ପରିଷ୍କାର କରିବା ଠାରୁ ଆରମ୍ଭ କରି ଶରୀରରେ କ୍ୟାଲସିୟମ ଓ ଫସଫରସ ସ୍ତରକୁ ନିୟନ୍ତ୍ରଣ କରିବା ସହିତ ରକ୍ତର ପିଏଚ ସ୍ତର ସନ୍ତୁଳିତ ରଖିବା ଏହି କିଡ଼ନୀର ପ୍ରମୁଖ କାର୍ଯ୍ୟ ହୋଇଥାଏ। ମାତ୍ର ଯଦି କିଡ଼ନୀରେ ଷ୍ଟୋନ ହୁଏ ତେବେ ଏସବୁ କାର୍ଯ୍ୟରେ କିଛିଟା ପ୍ରତିବନ୍ଧକ ସୃଷ୍ଟି ହୁଏ । ଆକ୍ସାଲାଇଟ ଜାତୀୟ ଖାଦ୍ୟ ଅଧିକ ଖାଇଲେ ଏବଂ କ୍ୟାଲସିୟମ ଔଷଧ ଅଧିକ ଖାଇଲେ କ୍ୟାଲସିୟମ ଅକ୍ସାଲାଇଟ ଷ୍ଟୋନ ଓ ଫସଫେଟ ଷ୍ଟୋନ ହୋଇଥାଏ । ଯେଉଁମାନଙ୍କ ରକ୍ତରେ ୟୁରିକ ଏସିଡ଼ ପରିମାଣ ଅଧିକ ଥାଏ ସେମାନଙ୍କୁ ୟୁରିକ ଏସିଡ଼ ଷ୍ଟୋନ ହେବା ଆଶଙ୍କା ରହିଥାଏ । ସେହିଭଳି ସିଷ୍ଟାଇନ ଷ୍ଟୋନ ବଂଶଗତ କାରଣରୁ ଲୋକମାନଙ୍କର ହୋଇଥାଏ । ବାରମ୍ବାର ସଂକ୍ରମଣ ହେଲେ ଷ୍ଟ୍ରୁଭାଇଟ ଷ୍ଟୋନ ହୁଏ ଏବଂ ଏହା ବଡ଼ ଆକାରରେ ହୋଇ ରୋଗୀକୁ ମାନସିକ ଓ ଶାରୀରିକ ପୀଡ଼ା ଦେଇଥାଏ । ରକ୍ତପରୀକ୍ଷା ଏବଂ ସିଟିସ୍କାନ ମାଧ୍ୟମରେ ଏହି କିଡ଼ନୀ ଷ୍ଟୋନର ଆକାର ପ୍ରକାର ଜାଣିବା ପରେ ଡାକ୍ତର ଓ ବିଶେଷଜ୍ଞମାନେ ତାହାର ନିରାକରଣ ବାଟ ଖୋଜିଥାନ୍ତି । ଲୁଣ ଅଧିକ ଖାଇବା ଏବଂ ପାଣି କମ୍ ପିଇବା କିଡ଼ନି ଷ୍ଟୋନର ମୁଖ୍ୟକାରଣ ବୋଲି କୁହାଯାଇଥାଏ । ପରିସ୍ରାରେ ବାରମ୍ବାର ରକ୍ତ ପଡ଼ିବା, ବାନ୍ତି ଲାଗିବା ସହିତ ପ୍ରବଳ ଆବିନ୍ଧା ଏହାର ଲକ୍ଷଣମାନ ହୋଇଥିବା ବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ କିଡ଼ନି ଷ୍ଟୋନର ନିରାକରଣ ପ୍ରକ୍ରିୟା ମଧ୍ୟ ସହଜସାଧ୍ୟ ହୋଇପାରୁଛି । ସେହିଭଳି ୟୁରେଟର, ବ୍ଲାଡ଼ର କିମ୍ବା ୟୁରୋଥ୍ରାରେ ମଧ୍ୟ ଏଭଳି ଷ୍ଟୋନ ହୋଇଥାଏ। ଅତ୍ୟାଧୁନିକ ଜୀବନଶୈଳୀ ସାଙ୍ଗକୁ ଅସମୟରେ ଖାଦ୍ୟ ପାନୀୟ ଗ୍ରହଣ କଲେ ଏସବୁ ସ୍ଥାନରେ ଷ୍ଟୋନ ବା ପଥର ସୃଷ୍ଟି ହୁଏ । ଯଦି ଏହାକୁ ଅଣଦେଖା କରାଯାଏ ତେବେ ସମୟକ୍ରମେ ତାହା ଜୀବନ ପ୍ରତି ଘାତକ ହୋଇପଡ଼େ।

ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ମୂତ୍ରାଶୟରେ ପଥର ହେଉଛି । ବୃକକରେ ପଥର ହେବା ଅପେକ୍ଷା ମୂତ୍ରାଶୟରେ ପଥର ହେଲେ ତାହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ପରିସ୍ରାରେ ଅଧିକ ପରିମାଣର ରାସାୟନିକ ପଦାର୍ଥ ନିର୍ଗତ ହେଲେ ତାହା ପଥର ସୃଷ୍ଟି କରାଏ । ଏହା ମୂତ୍ରର ସାଧାରଣ ପ୍ରବାହକୁ ଅବରୋଧ କରିବା ସହିତ ଯନ୍ତ୍ରଣା ବଢାଇଦିଏ । ଏହାଦ୍ୱାରା ମଧ୍ୟ ରୋଗୀର ପରିସ୍ରାରେ ରକ୍ତ ପଡ଼ିବା ସହିତ ଜ୍ୱର ଓ ବାନ୍ତି ଲାଗିରୁହେ । ଯଦି ସଠିକ ମାତ୍ରାରେ ପରିମାର୍ଜିତ ଖାଦ୍ୟ ସାଙ୍ଗକୁ ପାନୀୟ ଜଳ ଗ୍ରହଣ ହୁଏ ତେବେ ମୂତ୍ରାଶୟରେ ପଥର ହେବା ଆଶଙ୍କା ନଥାଏ । ମାନସିକ ଚାପରୁ ଦୂରେଇ ରହି ସପ୍ତାହରେ ଅତିକମରେ ୪/୫ ଥର ସକାଳ ସନ୍ଧ୍ୟାରେ ବ୍ୟାୟାମ କଲେ ପଥର ସମସ୍ୟା ସୃଷ୍ଟି ହେବାର ଆଶଙ୍କା କମ ଥାଏ । ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନିହାତି ଜରୁରୀ ହୋଇପଡ଼ିଥାଏ ।

**ୟୁରେକା ହେଲଥ କେୟାର**
**ମହାନଦୀ ବିହାର, କଟକ, ମୋ : ୭୭୮୭୦୦୦୨୨୨**

## ୨୯ରେ ନାମାଙ୍କନପତ୍ର ଭରିବେ ସଞ୍ଜୟ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ କଣାସ ବ୍ଲକର ୨୮ ପଞ୍ଚାୟତ ଓ ସତ୍ୟବାଦୀ ବ୍ଲକର ୨୪ପଞ୍ଚାୟତକୁ ନେଇ ଗଠିତ । ଏଠାରେ ସାଧାରଣ ନିର୍ବାଚନ ମେ ମାସ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ମହାନ ପର୍ବରେ ତିନି ପ୍ରମୁଖ ରାଜନୈତିକ ଦଳ ନିଜ ନିଜର ପ୍ରଚାର ଆରମ୍ଭ କରିଦେଲେଣି । ଚଳିତ ସାଧାରଣ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତ୍ୟବାଦୀରୁ ସଞ୍ଜୟ କୁମାର ଦାସବର୍ମାଙ୍କୁ ପ୍ରାର୍ଥୀ କରିଥିବା ବେଳେ ସାଧାରଣ ଜନତାଙ୍କ ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି ବୋଲି ସଞ୍ଜୟ କହିଛନ୍ତି ।ସେପଟେ ଶ୍ରୀଯୁକ୍ତ ଦାସବର୍ମା ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ଗାଁ ଗାଁ ବୁଲି ପ୍ରଚାର ଆରମ୍ଭ କରିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ କରି ନିଜର ଶକ୍ତି ବୃଦ୍ଧି କରୁଛନ୍ତି ।ଆଗାମୀ ୨୯ ତାରିଖ ସୋମବାର ଦିନ କଣାସ ଓ ସତ୍ୟବାଦୀର ଅଧ୍ୟକ୍ଷ,ସରପଞ୍ଚ, ସମିତିସଭ୍ୟ,ମହିଳା,ଯୁବକ ଓ ହଜାର ହଜାର ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ପୁରୀ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଳଛତ୍ର

ନିରାକାରପୁର,,(ସବ୍ୟୁ) :ପ୍ରଚଣ୍ଡ ରୌଦ୍ରତାପରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛିଛ ଲୋକେ ବାଟ ରେ ଘାଟ ରେ ବିଶୁଦ୍ଧ ପାଣି ଟିକେ ପିଇବା ପାଇଁ ପାଉ ନଥିବାରୁ ଛଟପଟ ହେଉଛନ୍ତି। ଏହାକୁ ଅନୁଭବ କରି ବାଟୋଇ ଙ୍କୁ ପିଇବା ପାଣି ଦେବା ଉଦ୍ଦେଶ୍ୟରେ ନିରାକାରପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ରୋଡ ସ୍ଥିତ ତାରିଣୀ ମଣ୍ଡପରେ ଏକ ଜଳ ଛତ୍ର ଖୋଲାଯାଇଛି।ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ, ସମ୍ପାଦକ ଦୀନବନ୍ଧୁ କର, କୋଷାଧ୍ୟକ୍ଷ ସର୍ବେଶ୍ୱର ପାହାଡସିଂହ ଓ ଉପସଭାପତି ସତ୍ୟନାରାୟଣ କର ପ୍ରମୁଖଙ୍କ ସମେତ ସଂଘ ର ସମସ୍ତ କର୍ମକର୍ତ୍ତା , ସଭ୍ୟ ସହଯୋଗ କରିଥିଲେ।

## ଧାକୁଲେଇଙ୍କ ଯାତ୍ରା ମହୋତ୍ସବରେ ସମ୍ବର୍ଦ୍ଧନା ସଭା

ଫୁଲନଖରା,(ସବ୍ୟୁ) :ସିଏମସି ୫୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା ଧାକୁଲେଇଙ୍କ ପ୍ରସିଦ୍ଧ ଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟାରେ ଏକ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଥିଲା । ମା ଧାକୁଲେଇ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କମିଟିର ସଦସ ସ୍ୱର୍ଗତ ସଦାନନ୍ଦ ଜେନାଙ୍କୁ ମରଣୋର ଭାବରେ ଅନୁଷ୍ଠାନର ସର୍ବୋଚ୍ଚ ସେବା ସମ୍ମାନ ଭାବେ ପ୍ରଶଂସାପତ୍ର , ଉରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ସଦାନନ୍ଦ ଜେନାଙ୍କ ପିତା ବୁଦ୍ଧଦେବ ଜେନା ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିପରି ଆଧ୍ୟାତ୍ମିକ ସ୍ତମ୍ଭକାର , ପ୍ରବକ୍ତ ଆଧ୍ୟାତ୍ମିକ ପତ୍ରିକା ଦିବାଲୋକ ସନ୍ଧାନେର ସଂପାଦକ ଶ୍ରୀ ସନ୍ନାସୀ ଜୀଙ୍କୁ ବିଶିଷ୍ଟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିରେ ଗ୍ରାମ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସଂପାଦକ ପ୍ରମୋଦ କୁମାର ବେହେରା, ସହ ସଂପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ ଓ ଅନର୍କର୍ମୀ ମାନେ ଯୋଗ ଦେଇଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ଅପେରା ଅନୁଷ୍ଠିତ ହୋଇଥିଲା । ଗ୍ରାମ ଉନ୍ନୟନ କମିଟି ସଦସ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

## ନାମାଙ୍କନପତ୍ର ଦାଖଲ କଲେ ରମେଶ ବେହେରା



ଦଶପଲ୍ଲା ,(ସବ୍ୟୁ) : ଚଳିତ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଦଶପଲ୍ଲା ବିଧାନ ସଭା ଆସନ ପାଇଁ ପୁଣିଥରେ ବିଜେଡି ପ୍ରାର୍ଥୀ ହୋଇଥିବା ବିଧାୟକ ରମେଶ ଚନ୍ଦ୍ର ବେହେରା ଶୁକ୍ରବାର ଦିନ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସକାଳୁ ସକାଳୁ ବିଧାୟକ ରମେଶ ଚନ୍ଦ୍ର ବେହେରା ଦଶପଲ୍ଲାର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ଙ୍କୁ ଦର୍ଶନ କରି ପରେ ନିଜ ସମର୍ଥକ ମାନଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଥିଲେ । ସେଠାରେ ଜଗନ୍ନାଥ ଙ୍କୁ ଦର୍ଶନ କରି ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାପାଳ ଅଫିସ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ।ଏହି ଶୋଭାଯାତ୍ରାରେ ଦଶପଲ୍ଲା ବିଧାୟକ ମେଶ ଚନ୍ଦ୍ର ବେହେରା ଙ୍କ ସହ କନ୍ଧମାଳ ସାଂସଦ ଡ଼ ଅଚ୍ୟୁତ ସାମନ୍ତ, ନୟାଗଡ଼ ବିଧାୟକ ଡ ଅରୁଣ କୁମାର ସାହୁ,ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ , ଦଶପଲ୍ଲା ପଂଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ପଂଚାୟତ ସମିତି ଅଧ୍ୟକ୍ଷା ଝୁନା ପ୍ରଧାନ, ନୂଆଗାଉଁ ପଂଚାୟତ ସମିତି ଅଧ୍ୟକ୍ଷା, ଏନ ଏ ସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ । ବିଜେଡି ଜିଲ୍ଲା ସମ୍ପାଦକ ଶ୍ରୀହରି ନାଏକ ଙ୍କ ସମେତ ସହ ସହ କର୍ମୀ ଏଥିରେ ସାମିଲ ହୋଇଥିଲେ । ।

## ବିଜେଡ଼ିର କର୍ମୀ ସମ୍ମିଳନୀ

ଫୁଲନଖରା,(ସବ୍ୟୁ) :ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ ଗବବସ୍ତଠାରେ ନିଆଳି ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସାଇଁଶୋ ପଞ୍ଚାୟତ କାର୍ଯାଳୟ ସମ୍ମୁଖ ଗବବସ୍ତସ୍ଥିତ ଏକ ପଡ଼ିଆରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନିଆଳି ନିର୍ବାଚନ ମଣ୍ଡଳି ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇଥିଲେ । ଯୁବ ସଂଗଠକ ମିନାଜ ଅହେମଦଙ୍କ ତ୍ୱାବଧାନରେ ପଞ୍ଚାୟତର ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମୀ ଅନ ଦଳ ଛାଡ଼ି ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ ମଲ୍ଲିକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ମିଶିଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକ ସେମାନଙ୍କୁ ବିଜେଡ଼ିର ଉରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ଆଗାମୀ ନିର୍ବାଚନରେ ସାଇଁଶୋ ପଂଚାୟତ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଦଳକୁ ଅଧିକ ଶକ୍ତିଶାଳୀ କରିବ ଏବଂ ପଂଚାୟତରେ ଡ଼ବଲ ଶଙ୍ଖରେ ନିର୍ବାଚନ ମଣ୍ଡଳୀରେ ସବୁଠାରୁ ଅଧିକ ଭୋଟ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଗଣେଶ ବେହେରାଙ୍କ ସଂଚାଳନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ପଞ୍ଚାୟତର ବରିଷ୍ଠ ସଂଗଠକ ଗଗନ ବିହାରୀ ଜେନା , ସରକାରୀ ଓକିଲ କବିନାରାୟଣ ଜେନା,ରଂଜିତ ପାତ୍ର, ସମୀର ସାମନ୍ତରାୟ,ଅଶୋକ ରଥ,ବିପ୍ଳବ ଯାଦବ, ଶଶୀଭୂଷଣ ଦାଶ,ଶୋଭନ ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ,ବିଶ୍ୱରଂଜନ ସାହୁ, ସମିତି ସଭ ସତବ୍ରତ ଜେନା,ବେଣୁଧର ମୁଳିଆ, ବିଶ୍ୱରଂଜନ ସାହୁ, ସାଧନା ଜେନା ପ୍ରମୁଖ ମଂଆସୀନ ହୋଇ ବିଜେଡ଼ି ସରକାରର ବିଭିନ୍ନ ଜନ କଲାଣ ଯୋଜନା ସଂପର୍କରେ ଉପସ୍ଥିତ କର୍ମୀମାନଙ୍କୁ ବୁଝାଇବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା.ପ୍ରମୋଦ ମଲ୍ଲିକଙ୍କ ହାତ ମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ । ପଂଚାୟତ ସଭାପତି ଅତାଉଲ ରହେମନ , ସୟଦ ହିପିଜୁର ରହେମନ,ସମ୍ମିଉଲ୍ଲା ଖାନ,ଗଗନ ବିହାରୀ ସେଠୀ,କମଳାକାନ୍ତ ରଥ,ମହମ୍ମଦ ମୁସ୍ତାକ ଅଲ୍ଲୀ,ଏସ କେ ସିଦ୍ଧିକ,ବିକ୍ରମ ବେହେରା,ଦିଲ୍ଲିପ ବେହେରା ପ୍ରମୁଖ କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ




ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ବୁଦବାର ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିତି ଆଦର୍ଶ ଓ ବିକାଶ ମୁଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଏହି ନିର୍ବାଚନମଣ୍ଡଳୀର ୧୧ ନମ୍ବର ଜୋନ ଅନ୍ତର୍ଗତ ତାଳଜଙ୍ଗ ପଂଚାୟତର ବହୁ ବିଜେପି କର୍ମୀ ଆଜି ବିଜେଡିରେ ସାମିଲ ହୋଇଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଆଜି ଅଞ୍ଚିରା ପଂଚାୟତର ସ୍ମୃତି ରଞ୍ଜନ ଧିର, ଚିତରଞ୍ଜନ ମହାନ୍ତି, ରାଜେନ୍ଦ୍ର ସିଂ, ରଞ୍ଜନ ପରିଛା,ସାଗର ଧିର, ବଳରାମ ଧିର, ରାକେଶ ବାରିକ, ଜ୍ୟୋତିରଞ୍ଜନ ନାୟକ, ନରହରି ମହନ୍ତି, ପଦ୍ମନାଭ ବାରିକ,ରୁଦ୍ର ପ୍ରସାଦ ଧିର, ପ୍ରକାଶ ଧିର, ଅଭିଶେଖ ଧିର, ଦେବାଶିଷ ମହାନ୍ତି, ଚୈତନ୍ୟ ଧିର, ଆକାଶ ଧିର, ଚିନ୍ମୟ ଧିର,ସବ୍ୟସାଚୀ ଧିର, ସୁମନ ଧିର, ଆଶୁତୋଷ ଧିର, ଆଶୁତୋଷ ମହାନ୍ତି, ଅନିଲ ବାରିକ, ରମେଶ ବାରିକ, ଚକ୍ରଧର ବାରିକ, ସତ୍ୟବ୍ରତ ଧିର, ଗ୍ୟାନରଞ୍ଜନ ଧିର ପ୍ରମୁଖ ବହୁ କର୍ମୀ ବିଜେପି ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ଓ ୧୧ ନଂ ଜୋନ ଛାତ୍ର ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କଂଗ୍ରେସ ପ୍ରାର୍ଥୀଙ୍କ ମା'ଙ୍କ ଦର୍ଶନ ପରେ ବଢ଼ିଲା କର୍ମୀଙ୍କ ଜୋସ୍

# ନିର୍ବାଚନ ମଇଦାନରେ କଂଗ୍ରେସ ଦଳ ସ୍ୱତନ୍ତ୍ର ରଣନୀତିରେ ଲଢ଼ିବ



ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବିଧାନସଭା କ୍ଷେତ୍ରର ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି ଜଣେ ଟାଣୁଆ ଯୁବନେତା । ପୂର୍ବତନ ରାଜ୍ୟ ଯୁବ କଂଗ୍ରେସର ସଭାପତି ତଥା ମହାକାଳପଡ଼ା ପଂଚାୟତର ମାଟିର ପୁଅ ଶ୍ରୀ ମହାରଥି ରାଜ୍ୟ କଂଗ୍ରେସର ଜଣେ ଜଣାଶୁଣା ଚେହେରା । ବର୍ତମାନ ସେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅଛନ୍ତି । ତାଙ୍କ ଦକ୍ଷତା ଓ ନେତୃତ୍ୱ ଏବଂ ସାଂଗଠନିକ ଅଭିଜ୍ଞତାକୁ ପୁଞ୍ଜି କରି ଦଳ ମହାକାଳପଡ଼ାରେ ଭଲ ଫଳ କରିବ ବୋଲି ଆଶା କରି ଶ୍ରୀ ମହାରଥିଙ୍କ ନାମ ଘୋଷଣା କରାଯାଇଥିଲା । ଆଜି ଆନୁଷ୍ଠାନିକ ଭାବେ ନିଜ ମହାକାଳପଡ଼ାରୁ ଏକ ମୋଟର ସାଇକେଲ ର୍‍ୟାଲିରେ ବାହାରି ଦଳୀୟ କର୍ମୀମାନଙ୍କୁ ସାଙ୍ଗରେ ଧରି ପୂର୍ବାହ୍ନରେ ମା' ରାମଚଣ୍ଡୀଙ୍କ ପୀଠରେ ପହଂଚିଥିଲେ । ମା'ଙ୍କୁ ପୂଜାର୍ଚ୍ଚନା କରିସାରିବା ପରେ ମା'ଙ୍କ କୃପାଭିକ୍ଷା କରିବା ପରେ ଆଜି ଠାରୁ ଆନୁଷ୍ଠାନିକ ଭାବେ ପ୍ରଚାର କାମ ଆରମ୍ଭ ହେଲା ବୋଲି କଂଗ୍ରେସ ପ୍ରାର୍ଥୀ ପ୍ରକାଶ କରିଥିଲେ । ମହାକାଳପଡ଼ା ବିଧାନସଭା କ୍ଷେତ୍ର ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକକୁ ନେଇ ଗଠିତ । ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ କଂଗ୍ରେସର ଟିକେଟରେ ଲଢ଼ିଥିବା ପ୍ରାର୍ଥୀମାନଙ୍କ ଠାରୁ ଚଳିତ ନିର୍ବାଚନ ଏକ ସ୍ୱତନ୍ତ୍ର ନିଆରା ଫଳାଫଳ ପ୍ରଦର୍ଶନ କରିବା ଏବଂ କର୍ମୀମାନଙ୍କର ଭାବନାକୁ ବିଚାରକୁନେଇ ଓ ଅଂଚଳର ସମସ୍ୟା ସମାଧାନ କରିବା ତଥା ଲୋକମାନଙ୍କ ସାଙ୍ଗରେ ରହିବା ପାଇଁ ଦଳ ସ୍ୱତନ୍ତ୍ର ଯୋଜନା କରୁଛି ବୋଲି ମହାରଥି ପ୍ରକାଶ କରିଥିଲେ । ବିଗତ କିଛିଦିନ ହେଲାଣି ଜିଲ୍ଲା କଂଗ୍ରେସର ଭାର ଶ୍ରୀ ମହାରଥି ମୁଣ୍ଡେଇ ଚାଲିଛନ୍ତି। ଘଡ଼ିସନ୍ଧି ମୁହୂର୍ତରେ ଦଳର ଭାର ନେଇ ନିଜେ ପୁଣି ଭୋଟ ଲଢ଼ିବା ଏକ ବିରଳ ଚିନ୍ତାଧାରା ବୋଲି ଆଜି ସାଙ୍ଗରେ ଥିବା କର୍ମୀମାନେ ପ୍ରକାଶ କରିଛନ୍ତି । ଦଳର ବରିଷ୍ଠ ସଦସ୍ୟମାନେ ରାମଚଣ୍ଡୀ ପୀଠରେ କହିଛନ୍ତି ଦଳ ସହିତ ଲୋକମାନଙ୍କର ଭାବନା ଜଡ଼ିତ ରହିଛି । ଯିଏ ଯାହା କହିଲେ ମଧ୍ୟ ଆମେ ଶ୍ରୀ ମହାରଥିଙ୍କୁ ଜିତାଇବା ପାଇଁ ଆଜିଠାରୁ ଉଦ୍ୟମ ଆରମ୍ଭ କରିବୁ ବୋଲି ବରିଷ୍ଠ କର୍ମୀମାନେ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ କଂଗ୍ରେସ କମିଟି ସଭାପତି କବିନ୍ଦ୍ର ସାମଲ, ବସନ୍ତ ସେଠୀ, କାର୍ତିକ ବେରା, ରବିନ୍ଦ୍ର ସ୍ୱାଇଁ, କଳ୍ପତରୁ ପ୍ରଧାନ, ଉପେନ୍ଦ୍ର କର, ଚନ୍ଦ୍ରମଣି ନାୟକଙ୍କ ସମେତ ବହୁ ଛାମୁଆଁ କର୍ମୀ ଉପସ୍ଥିତ ଥିଲେ ।

# ମହାବିନାୟକଙ୍କୁ ଦର୍ଶନ କରି ଆଶୀଷ ଭିକ୍ଷା କଲେ ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ ଟିକେଟ ପାଇବା ପରେ ଶୁକ୍ରବାର ଦିନ ପ୍ରଥମକରି ବଡଚଣାକୁ ଆସି ଛତିଆବଟ ଜଗନ୍ନାଥ ମନ୍ଦିର ଓ ପ୍ରଶିଦ୍ଧ ଶୈବପୀଠ ମହାବିନାୟକଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।ବର୍ଷା ଅପରାହ୍ନରେ ଛତିଆଠାରେ ପହଞ୍ଚିବା ପରେ ପ୍ରଥମେ ଛତିଆବଟ ସ୍ଥିତ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ।ପରେ ଧନଞ୍ଜୟ ନିବାଶରେ ବିଶ୍ରାମ କରିବା ପରେ ଅପରାହ୍ନରେ ଯାଜପୁର ସାଂସଦ ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ଏକତ୍ରିତ ହୋଇ ଛତିଆଠାରୁ ଜାତୀୟ ରାଜପଥରେ ଏକ ବିରାଟଛମୋଟର ସାଇକେଲ ଶୋଭାଯାତ୍ରାରେ ଚନ୍ଦାଳ,ବଡଚଣା, ଚଣ୍ଡିଖୋଲ ଦେଇ ସନ୍ଧ୍ୟାରେ ମହାବିନାୟକ ପୀଠରେ ପହଞ୍ଚିଥିଲେ।ପରେ ସେଠାରେ ଉଭୟେ ବର୍ଷା ଓ ଶର୍ମିଷ୍ଠା ପଞ୍ଚ ଦେବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଗାମୀ ନିର୍ବାଚନରେ ନିଜ ନିଜର ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ବର୍ଷା ଓ ଶର୍ମିଷ୍ଠାଙ୍କ ସହ ଏକ ଖୋଲା ଜିପରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷା ଇତିଶ୍ରୀ ସାମଲ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କାଞ୍ଚନବାଳା ଦାସ ପ୍ରମୁଖ ରହିଥିଲା ବେଳେ ବଡଚଣା ପଞ୍ଚାୟତ ସମିତିର ବର୍ତ୍ତମାନର ଅଧକ୍ଷା ମିନତୀ ସେନାପତି ଓ ଅନ୍ୟ ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ସେହି ଖୋଲାଜିପରେ ଦେଖିବାକୁ ମିଳି ନଥିଲା। ଶୋଭାଯାତ୍ରାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା,କଂଗ୍ରେସରୁ ଯାଇ ସଦ୍ୟ ବିଜେଡିରେ ମିଶିଥିବା ରାଜନାରାୟଣ ମହାପାତ୍ର,ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ,ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ,ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, ପଞ୍ଚାୟତ ସମିତି ଉପାଧକ୍ଷ ବିଭାଷ ଚନ୍ଦ୍ର ନନ୍ଦ ପ୍ରମୁଖ ସାମିଲ ଥିଲାବେଳେ ବିଧାୟକ ଅମରପ୍ରସାଦ ଶତପଥୀଙ୍କୁ ଦେଖିବାକୁ ମିଳିନଥିଲା।ତେବେ ମହାବିନାୟକ ପୀଠରେ ବ୍ଲକ ଅଧକ୍ଷା ମିନତୀ ସେନାପତି ଓ ଅନ୍ୟ ଜଣେ ଜିଲ୍ଲା ପରିଷଦ ସଭ୍ୟା ପରେ ବର୍ଷା ଓ ଶର୍ମିଷ୍ଠାଙ୍କୁ ଭେଟି ସ୍ୱାଗତ କରିଥିଲେ। ପ୍ରଥମ ଦିନରୁ ବିଜେଡି କର୍ମୀଙ୍କ ମଧ୍ୟରେ ବେସ ଉତ୍ସାହ ପରିଲକ୍ଷିତ ହୋଇଥିବାଛଦେଖିବାକୁ ମିଳିଥିଲା।

# ସଠିପୁରରେ ନାବକେଳି ଉତ୍ସବ

ପାଣିକୋଇଲି, (ସବ୍ୟୁ) :ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନ୍ଦପୁର ପଂଚାୟତର ସଠିପୁର ନିଖିଳ ଉତ୍କଳ ପତିତପାବନ କୈବର୍ତ ସଂଘର ୧୨୬ ତମ ନାବକେଳି ଉତ୍ସବଏକ ପବିତ୍ର ମୟ ଆଧ୍ୟାତ୍ମିକ ପରିବେଷ ମଧ୍ୟରେ ଅନୁଷ୍ଠିତ ହୋଉଅଛି । କୈବର୍ତ ଗୀତାରେ ଉଲ୍ଲେକ ରହିଛି ଯେ ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟ ପାଳନ କରି ୧୪ ବର୍ଷ ବନବାସ ବେଳେ ସରଜୁ ନଦୀରେ ତାଙ୍କୁ ଜଣେ କୈବର୍ତ ନଦୀ ପାର କରାଇଥିଲେ । ଯାହାଙ୍କ ନାମ ଥିଲା ଦାସ ରାଜା । ତାଙ୍କ ଭକ୍ତିରେ ପ୍ରୀତ ହୋଇ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଗୋଟିଏ ଘୋଟକ ପୁରସ୍କାର ଭାବେ ଦେଇଥିଲେ । ସେହି ପବିତ୍ର କୃପା ଓ ଆର୍ଶିବାଦକୁ ସ୍ମରଣ ପୂର୍ବକ କୈବର୍ତ ମାନେ ଏହି ଦିବସରେ ମୂର୍ତି ନିର୍ମାଣ କରି ପୂଜାର୍ଚ୍ଚନା କରିଥାନ୍ତି । ଏହି ପୌରାଣିକ ତଥ୍ୟକୁ ଆଧାର କରି ସଠିପୁରର ସଠିପୁରର କୈବର୍ତ ମାନେ ନିଜ ଘରକୁ ଲିପାପୋଛା ପୂର୍ବକ ପବିତ୍ର କରିଥିଲେ । ଚଳିତ ବର୍ଷ ଚୈତ୍ର ପୂର୍ଣ୍ଣମା ଠାରୁ ଏହି ଉତ୍ସବ ଖୁବ ଆଡମ୍ବର ସହିତ ପାଳନ କରାଯାଉଛି । ସଠିପୁରର କୈବର୍ତ ମାନେ ଏହି ଦିନରେ ନିଜ ବୋଇତକୁ ଧୋଇ ଫୁଲ, ଚନ୍ଦନ, ନୈବେଦ୍ୟ ଦେଇ ସର୍ମପଣ କରିଥିଲେ । ପାଂଚ ଦିନ ବ୍ୟାପି ଏହି ଉତ୍ସବରେ ଘୋଡାନାଚ, ପାରମ୍ପରିକ ନୃତ୍ୟ, କିର୍ତନ, ସଂଗୀତ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି । ସୀତାରାମ ମୂର୍ତିକୁ ପୂଜାର୍ଚ୍ଚନା କରାଯାଉଛି । ଏସମସ୍ତ କାର୍ଯ୍ୟକ୍ରମରେ ଚକ୍ରଧର ଦାସ, ଲକ୍ଷ୍ମୀଧର ତରାଇ, କେଶବ ଚନ୍ଦ୍ର ଦାସ, ସୁଦର୍ଶନ ପରିଡା, ଭୋଳାନାଥ ମାଝୀ, ଧବଳେଶ୍ୱର ମାଝୀ, ଏକ ମାଝୀ, ନିବାସୀ ପରିଡା, ଶ୍ରୀଧର ମାଝୀ, ଗେଡନ ମାଝୀ, ଶ୍ରନିବାସ ମଳିକ, ବଟକୃଷ୍ଣ ମଳିକ, ରବିନ୍ଦ୍ର ପରିଡା, ବିଳାସ ମାଝୀ, ଦିଲ୍ଲୀପ ତରେଇ, ବାବୁଲା ତରେଇ,ଏବଂ ସମସ୍ତ କର୍ମକର୍ତା ସହଯୋଗ କରିଛନ୍ତି ।ଏଥି ସହିତ ବିଭିନ୍ନ କୈବର୍ତ ବସ୍ତିରେ ଏହି ନାବକେଳି ଉତ୍ସବ ଚାଲୁ ରହିଛି ।

# ୭୧ ବର୍ଷରେ ପହଞ୍ଚିଲା କୁନି ପିଲାଙ୍କ ଚଇତି ମେଳଣ

ଉଦୟଗିରି,(ସବ୍ୟୁ) : ୭୧ବର୍ଷରେ ପହଞ୍ଚିଛି କୁନିପିଲାମାନଙ୍କ ଚଇତି ମେଳଣ । ପ୍ରତିବର୍ଷ ଏହି ମେଳଣରେ ଭାଗ ନେଇଥାନ୍ତି ଗୋଟିଏ ଗ୍ରାମର ଶତାଧିକ ଶିଶୁ । ଏମିତି ଏକ କୁନିପିଲାଙ୍କ ଚଇତି ମେଳଣ ଦୀର୍ଘ ବର୍ଷ ଧରି ବଡଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ପଟଣା ଗ୍ରାମଠାରେ ଅନୁଷ୍ଠିତ ହୋଇଆସୁଛି। ଏହି ଗ୍ରାମର ଗ୍ରାମୀଣ ପାର୍କଠାରେ ଥିବା ଶ୍ୟାମସୁନ୍ଦର ମନ୍ଦିର ପରିସରରେ ଗ୍ରାମର କୁନିକୁନି ପିଲା ଏକାଠି ହୋଇ ଏହି ଚଇତି ମେଳଣ ଉତ୍ସବ ପାଳନ କରିଥିଲେ । ଏହି ମେଳଣରେ ଗ୍ରାମର କୁନି ପିଲା ପ୍ରିୟଙ୍କା ପ୍ରଧାନ,ରିୟା ପ୍ରଧାନ,ସୋନାଲି ସାହୁ,ଦିବ୍ୟାନ୍ସ ପୃଷ୍ଟି,ଅଂଶୀତା ବାନା,କୀର୍ତ୍ତିସା ବାନା,ଦିବ୍ୟରଞ୍ଜନ ସାହୁ,ସାଇ ମୋହନ ମହାପାତ୍ର,ଯଶୋବନ୍ତ ସାହୁ,କୈବଲ୍ୟ ସାହୁ,ପ୍ରତ୍ୟୁଷା ସାହୁ,କମଳାକାନ୍ତ ପଣ୍ଡା,କାଜଲ ସାହୁ ଓ ପ୍ରିୟଦର୍ଶିନୀଙ୍କ ସମେତ ଗ୍ରାମର ୫ବର୍ଷରୁ ୧୨ବର୍ଷ ପର୍ଯ୍ୟନ୍ତ ଶତାଧିକ ଶିଶୁ ନିଜ ନିଜ ହାତରେ ଛୋଟ ବଡ ବିମାନ ତିଆରି କରି ସେଥିରେ ରାଧାକୃଷ୍ଣ,ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବସାଇ ମେଳଣ ସ୍ଥଳକୁ ଆଣିଥିଲେ । ପିଲାମାନଙ୍କର ଏହି ଅପୂର୍ବ ମେଳଣ ଦୃଶ୍ୟ ଦେଖିବା ପାଇଁ ଗ୍ରାମବାସୀଙ୍କ ସମେତ ବାହାର ଅଞ୍ଚଳର ଲୋକେ ଦେଖି ଆନନ୍ଦ ଅନୁଭବ କରି ପିଲାମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ପିଲାଦିନେ ଏହି ମେଳଣରେ ଭାଗ ନେଇଥିବା ଗ୍ରାମର ଯୁବକ ଦିନେଶ କୁମାର ବାନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ଭାବେ ପଣ୍ଡିତ ରବୀନ୍ଦ୍ର ମିଶ୍ର ଉପସ୍ଥିତ ରହି ସମସ୍ତ ବିମାନରେ ଭୋଗ ଲଗାଇଥିଲେ ।

# ଗଢ଼ିଲା ଭିନ୍ନକ୍ଷମ ଭୋଟର ସଚେତନତା ରଥ

କେନ୍ଦ୍ରାପଡ଼ା, (ସବ୍ୟୁ) : ଦିବ୍ୟାଙ୍ଗ ଭୋଟ୍ଟାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ (ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) ପକ୍ଷରୁ ଗଢ଼ିଛି 'ଭିନ୍ନକ୍ଷମ ଭୋଟର୍ ସଚେତନତା ରଥ।' ଏହି ରଥକୁ ଆଜି ସକାଳ ୮ଘଟିକା ସମୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କହିଛନ୍ତି ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଜୁନ୍ ୧ ତାରିଖରେ ଭୋଟ ଦେଇ ସେମାନଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ। ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି। ଦିବ୍ୟାଙ୍ଗ ଓ ବୟୋବୃଦ୍ଧ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ୍ ବାଲଟ୍ ବ୍ୟବସ୍ଥା ରହିଛି। ଘର ଠାରୁ ଭୋଟ୍ଟାନ କେନ୍ଦ୍ର ପର୍ଯ୍ୟନ୍ତ ପୁଣି ମତଦାନ କେନ୍ଦ୍ରରୁ ଘର ପର୍ଯ୍ୟନ୍ତଯିବା ଆସିବା ପାଇଁ ସକ୍ଷମ ଯାନର ବନ୍ଦୋବସ୍ତ କରାଯାଇଛି। ସେମାନଙ୍କୁ ସହଯୋଗ କରିବାକୁ ପ୍ରତ୍ୟେକ ବୁଥ୍‌ରେ ରହିବେ ଜଣେ ଜଣେ ସ୍ୱେଚ୍ଛାସେବୀ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜିଠୁ ଗଡ଼ିଥିବା ଏହି ଦୁଇଟି ସଚେତନତା ରଥ ଆସନ୍ତା ୮ଦିନ ପର୍ଯ୍ୟନ୍ତ ସମସ୍ତ ୨୪୯ଟି ପଂଚାୟତରେ ସଚେତନତାର ବାର୍ତା ବାଂଟିବା ଗାଁ କୁ ଗାଁ ବୁଲି ସୁଗମ ନିର୍ବାଚନ ନିମନ୍ତେ ଦିବ୍ୟାଙ୍ଗ ଭୋଟ୍ଟାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରାଇବା ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଆଲୋକ କୁମାର ମହାଁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ମନୋରଜ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଲୋକନାଥ ପାଣିଗ୍ରାହୀ, ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ, ଜିଲ୍ଲା କାର୍ଯ୍ୟାଳୟର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, ଅଫିସ ସହାୟକ ଦେବୀପାଦ ସ୍ୱାଇଁ, ଅତିସ କୁମାର ସ୍ୱାଇଁ, କିରଣବାଳା ଚୌଧୁରୀ, ରଜନୀକାନ୍ତ ଶୁକ୍ଳା, ସୟ କୁମାର ବାରିକ, ମନୋରଜ ସାହୁ, ସର୍ବେଶ୍ୱର ବାରିକ, ନାରାୟଣ ଜେନା, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରିଥିଲେ।ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବେଡାରୀ , ସୋଲପାଟ ଓ କୁଲଡୁଠୀ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ମନ୍ଦିରର ତପସୀନୀ ଆରତୀ ଦାସ ଓ ବାବା ପ୍ରୟୋଗ ଦାସ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ଶେଷ ହୋଇଥିଲା ।

# ଆମ୍ ଆଦ୍‌ମୀ ପାର୍ଟିର କର୍ମୀ ସମ୍ମିଳନୀ

ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକ୍‌ର କଳାବୁଦା ବାରୁଣୀ ପଡିଆରେ ଆମ୍ ଆଦ୍‌ମୀ ପାର୍ଟିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଶିଷ୍ଟ ଶ୍ରମିକ ନେତା ତଥା ଆମ୍ ଆଦ୍‌ମୀ ପାର୍ଟିର ପାଟକୁରା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ଆମ୍ ଆଦ୍‌ମୀ ପାର୍ଟିର ଆଭିମୁଖ୍ୟ ଏବଂ ନିଜ ପ୍ରାର୍ଥିତ୍ୱ ସପକ୍ଷରେ କର୍ମୀମାନଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଏପରିକି ଆଗାମୀ ନିର୍ବାଚନରେ ପାଟକୁରା ଜନସାଧାରଣ ଯଦି ତାଙ୍କୁ ଆଶୀର୍ବାଦ କରନ୍ତି, ତେବେ ସେ ପାଟକୁରାବାସୀଙ୍କ ସୁଖ ଦୁଃଖରେ ସେବକ ହିସାବରେ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ସାହୁ, ବ୍ରଜକିଶୋର ନାୟକ, ବାବାଜୀ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଆମର ପ୍ରିୟ ନେତା ଶ୍ରୀ ତ୍ରିପାଠୀଙ୍କୁ ବିଧାୟକ ଭାବେ ନିର୍ବାଚିତ କରିବାକୁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରିଥିଲେ।

## ||||||||||||||||| ସରକାରଙ୍କ ଲେବର କାର୍ଡ଼ ଯୋଜନା ଦିଗହରା |||||||||||||||||

# ମୃତ୍ୟୁକାଳୀନ ସହାୟତା ପାଇବାରୁ ହିତାଧିକାରୀ ବଞ୍ଚିତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଓରତି ଗ୍ରାମର ଲକ୍ଷ୍ମୀଧର ନାୟକ ଓ ତାଙ୍କ ପତ୍ନୀ ପ୍ରତିମା ନାୟକ ଲେବର କାର୍ଡ଼ ସହାୟତା ରାଶି ପାଇବା ପାଇଁ ଗତ ୭ମାସ ହେବ ଏକ ଡ଼େମୋ ଚେକ୍ ଧରି ବସିଛନ୍ତି । ଏହି ଚେକ ମାଧ୍ୟମରେ ଲେବର କାର୍ଡ଼ ସହାୟତା ପାଇଁ ବିଭିନ୍ନ ବ୍ୟାଙ୍କ ବୁଲି ନୟାନ୍ତ ହେଲେଣି । ଏହି ଦମ୍ପତିଙ୍କ ଏକମାତ୍ର ପୁତ୍ର ପ୍ରହଲ୍ଲାଦ ନାୟକ ଙ୍କ ଅକାଳ ବିୟୋଗ ଘଟିବାରୁ ତାଙ୍କ ନାମରେ ଥିବା ଲେବର କାର୍ଡ଼ ଦ୍ୱାରା ସରକାରଙ୍କ ଠାରୁ ୨ଲକ୍ଷ ୫ହଜାର ଟଙ୍କା ସହାୟତା ରାଶି ଆସିଥିଲା । ଗତ ୩୦.୦୯.୨୦୨୩ରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଭତ୍ତା ବଣ୍ଟନ କରୁଥିବା ଏକ ସଭାରେ ଲେବର ଅଫିସରଙ୍କ ଉପସ୍ଥିତିରେ ତାଙ୍କୁ ଏହି ରାଶି ବାବଦରେ ଏକ ଡ଼େମୋ ଚେକ୍ ପ୍ରଦାନ କରାଯାଇ ଦୁଇ ଦିନ ଭିତରେ ଅସଲି ଚେକ୍ ଦିଆଯିବ ବୋଲି କୁହାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ଅସଲି ଚେକ୍ ଦିଆଯାଇନାହିଁ । ଏହି ଚେକର ଅର୍ଥ ଲକ୍ଷ୍ମୀଧର ଙ୍କ କେଉଁ ବ୍ୟାଙ୍କ୍ ଖାତାକୁ ଯାଇଛି ତାହା ସେ ଜାଣିପାରୁନାହାଁନ୍ତି । ଏ ସଂକ୍ରାନ୍ତରେ ଜାଣିବା ପାଇଁ ବିଭିନ୍ନ ବ୍ୟାଙ୍କକୁ ଯାଇ ନିରାଶ ହେବା ପରେ ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢଙ୍କ ନିକଟକୁ ଯାଇଥିଲେ । ଶ୍ରୀ ଷଣ୍ଢ ଏ ସଂକ୍ରାନ୍ତରେ ବୁଝାବୁଝି କରିବା ପରେ ଆଧାର କାର୍ଡ଼ ମାଧ୍ୟମରେ ସହାୟତା ରାଶି ପଠାଯାଇଥିବାରୁ ଶ୍ରୀ ନାୟକଙ୍କ ଅର୍ଥ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଖାତାକୁ ଯାଇଥିବା ଜଣାପଡ଼ିଥିଲା। ହେଲେ ତାଙ୍କର ଏହି ବ୍ୟାଙ୍କ ଖାତା ଠିକ୍ ନଥିବାରୁ ସେ ସହାୟତା ରାଶି ପାଇପାରୁନଥିବା ଜଣାଯାଇଛି । ଅପରପକ୍ଷରେ ପୋଷଣହାରୀ ପୁତ୍ରକୁ ହରାଇ ଏହି ବୃଦ୍ଧ ଦମ୍ପତି ଅତ୍ୟନ୍ତ ଦହନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ପାଖରେ ସ୍ୱାମୀ ପରିତ୍ୟକ୍ତା ଏକ ମାନସିକ ବିକୃତି କନ୍ୟା ମଧ ରହିଛି । କାହାରି ରୋଜଗାର ନଥିବାରୁ ତିନିପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର ହୋଇପଡ଼ିଛି। ଏହାଛଡ଼ା ଦୀର୍ଘ ବର୍ଷ ହେବ ସେ ଏକ ଦଦରା ଭଙ୍ଗା ମାଟି କାନ୍ଥ ଚାଳଘରେ ପାଲ ଟାଣି ରହୁଛନ୍ତି । ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ, ଅନ୍ୟ ବେଳେ ବର୍ଷା ଓ ଶୀତର ପ୍ରକୋପରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଏହି ଘରେ ପଡ଼ି ରହିଛନ୍ତି । ସରକାରଙ୍କ ପକ୍ଷରୁ ଅଦ୍ୟାବଧି ତାଙ୍କୁ କୌଣସି ପକ୍କାଘର ଯୋଜନାରେ ସାମିଲ କରାଯାଇନାହିଁ । ଶ୍ରୀ ନାୟକ ଜଣେ ସୁନାମଧନ୍ୟ ତାବଲବାଦକ ହୋଇଥିବାରୁ କଳାକାର ଭତ୍ତା ପାଇଁ ଆବେଦନ କରି ପାଇନଥିବା ଏବଂ ତାଙ୍କୁ ୬୩ବର୍ଷ ହୋଇଥିଲେ ମଧ ସେ ଅଦ୍ୟାବଧି ସାଧାରଣ ଭତ୍ତାଟିଏ ମଧ ପାଇନାହାଁନ୍ତି । ତାଙ୍କର କନ୍ୟା ମାନସିକ ବିକୃତି ହୋଇଥିଲେ ମଧ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଦିଆଯାଇନାହିଁ କି କୌଣସି ସରକାରୀ ସୁବିଧା ଯୋଗାଇ ଦିଆଯାଇନଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ସ୍ଥିତିରେ କେତେବେଳେ କ'ଣ ଯେ ଅଘଟଣ ଘଟିଯିବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ପ୍ରଶାସନିକ ସ୍ତରରେ ଦୃଷ୍ଟି ଦିଆଯାଇ ସମ୍ପୃକ୍ତ ବୃଦ୍ଧ ଦମ୍ପତିଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ସନ୍ଦେହଘେରରେ ବୃଦ୍ଧାଙ୍କ ମୃତ୍ୟୁ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ଥାନା ଅଧୀନସ୍ଥ ପୁରଣଓଡପଡା ଗ୍ରାମପଂଚାୟତ ଅନନ୍ତପୁର ଗ୍ରାମର ଜନୈକ ବୃଦ୍ଧା ରେଣୁବାଳା ପଢିଆରୀ (୮୨)ଙ୍କ ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି। ସୁଚନା ଯୋଗ୍ୟ, ବୃଦ୍ଧାଙ୍କ ମୃତ୍ୟୁ ହେବା ପୂର୍ବରୁ ପରିବାର ଲୋକଙ୍କ ସହିତ ପାଟିତୁଣ୍ଡ ହୋଇଥିବା ପାଖ ପଡିଶାଙ୍କ ନିକଟରୁ ପ୍ରକାଶ।ତେବେ ଖଟରୁ ଗଳି ପଡି ମାଙ୍କ ମୃତ୍ୟୁ ହୋଇଥିବା ପୁଅ ପୂର୍ଣ୍ଣଚନ୍ଦ୍ର ପଢିଆରୀ କହିଛନ୍ତି। ଏ ବାବଦରେ ରଘୁନାଥପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି। ବୃଦ୍ଧାଙ୍କ ଅଚାନକ ମୃତ୍ୟୁକୁ ନେଇ ଗ୍ରାମରେ ସନ୍ଦେହର ବାତାବରଣ ଦେଖାଯାଇଛି।

# ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ପୋଲିଂ ଅଫିସରଙ୍କୁ ତାଲିମ୍



ଜଗତସିଂହପୁର, (ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ୮୬୦ ଜଣ ନୂତନ ପୋଲିଂ ଅଫିସରଙ୍କର ଏକ ଦିବସୀୟ ଟ୍ରେନିଂ କାର୍ଯ୍ୟକ୍ରମ ଜିଲ୍ଲାର ୮ଟି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି ।ପୁର୍ବରୁ ୭୬୦୨ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଫିସର ମାନଙ୍କର ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି ।ଏବେ ନୂତନ ଭାବେ ୮୬୦ ଜଣ ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦେଇ ସେମାନଙ୍କର ପ୍ରଥମ ପର୍ଯ୍ୟାୟ ତାମିଲ ଜିଲ୍ଲାପାଳ ଅନୁପମ ସାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୮ଟି ବ୍ରଲକରେ ସକାଳ ୭.୩୦ ରୁ ୧.୩୦ ପ୍ରଯନ୍ତ ଚାଲୁରହିଛି ।ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ପୋଷ୍ଟାଲ ବାଲାଟ ନିମନ୍ତେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଫର୍ମ ୧୨ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।ଜିଲ୍ଲାପାଳ ଅନୁପମ ସାହା ଆଜି ଏରସମା ବ୍ଲକ ଅର୍ନ୍ତଗତ ଏସଏସକେ ମହାବିଦ୍ୟାଳୟ ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତଦାରଖ କରିବା ସହିତ ପୋଲିଂ ଅଧିକାରୀମାନଙ୍କୁ ନିର୍ଭୁଲ ଭାବରେ ସଚେତନତାର ସହ ଏହି ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ ।ଜିଲ୍ଲାପାଳ ବିଭିନ୍ନ ବ୍ଲକରେ ବୁଥ ଗୁଡିକ ପରିଦର୍ଶନ କରି ଏଏମଏଫ ଯଥା ପାନୀୟ ଜଳ,ଶୌଚାଳୟ,ରାମ୍ପ,ବିଦ୍ୟୁତକର.ସେଡ,ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦୁଇଟି ଡୋର ବ୍ୟବସ୍ଥାର ତଦାରଖ କରିଥିଲେ ।ଟ୍ରେନିଂ କାର୍ଯ୍ୟକ୍ରମର ସୁପରଭାଇଜିଂ ଅଫିସର ଭାବରେ ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ),ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ,ଉପଜିଲ୍ଲାପାଳ ଜଗତସିଂହପୁର ଦାୟିତ୍ୱରେ ରହିଛନ୍ତି । ଜଗତସିଂହପୁର ବ୍ଲକରେ ଏସଭିଏମ କଲେଜ,କୁଜଙ୍ଗରେ ବିବି ହାଇସ୍କୁଲ,ତିର୍ତୋଲରେ ତରଜଙ୍ଗ। ହାଇସ୍କୁଲ,ଏରସମାରେ ଏସଏସକେ ମହାବିଦ୍ୟାଳୟ,ବାଲିକୁଦାରେ ବାଲିକୁଦା ଡିଗ୍ରୀ କଲେଜ,ନାଉଗାଁରେ ବ୍ଲକ କନଫେରେସ ହଲ,ବିରିଡି ବ୍ଲକ କନଫରେନସ ହଲ ଓ ରଘୁନାଥପୁର ବ୍ଲକ କନଫରେନସ ହଲ ଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ସରକାରଙ୍କ ଅଜବ ନୀତି

# କୋମଳମତି ଅଙ୍ଗନବାଡି ଶିଶୁଙ୍କୁ କାଟୁନି ଖରା

ଉଦୟଗିରି, (ସବ୍ୟୁ) : ଗତ କିଛିଦିନ ହେବ ରାଜ୍ୟବାସୀଙ୍କୁ କଲବଲ କରୁଥିବା ଗ୍ରୀଷ୍ମପ୍ରବାହ ଆସନ୍ତାକାଲିଠାରୁ ଅସମ୍ଭାଳ ହେବ । ସ୍ଥିତି ଯାହା ଥିଲା ତାହାଠୁ ଆହୁରି ଆହୁରି ବିଗିଡିବ । ଟାଣ ଖରା କଲବଲ କରିବା ସହ ଝାଞ୍ଜିମାଡରେ ଶରୀର ଝାଇଁଝାଇଁ ହେବ । ଶୁକ୍ରବାରଠାରୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଶୁଷ୍କ ଓ ଗରମ ପବନ ପ୍ରବେଶ କରିବ । ଫଳରେ ରାଜ୍ୟର ଏକାଧିକ ସ୍ଥାନରେ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଭୀଷଣ ଗ୍ରୀଷ୍ମ ଲହରୀ (ହିଟ ୱେଭ ସିଭିୟର ହିଟ ୱେଭ) ଚେତାବନୀ ଜାରି କରାଯାଇଛି । ଶୁକ୍ରବାର ଓ ଶନିବାର ସ୍ଥିତି ଅତି ସମ୍ବେଦନଶୀଳ ହେବା ନେଇ ଆଶଙ୍କା ଥିବାରୁ ଏହି ଦୁଇଦିନ ବିଭିନ୍ନ ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି ହୋଇଛି । ରାଜ୍ୟ ସରକାର ସମସ୍ତ ସରକାରୀ ବେସରକାରୀ ସ୍କୁଲ ବନ୍ଦ ଘୋଷଣା କରିଛନ୍ତି । ହେଲଲେ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ଛୁଟି ଘୋଷଣା ସରକାର କରିନାହାନ୍ତି। ସରକାର ଦୃଢ଼ ନିଶ୍ଚିତ ଯେ କୋମଳମତି ଅଙ୍ଗନୱାଡ଼ି ଶିଶୁମାନଙ୍କୁ ପ୍ରଚଣ୍ଡ ଖରା କାଟୁ କରିବା ନାହିଁ। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ସରକାର ଛୁଟି ଘୋଷଣା କରୁନାହାନ୍ତି ।ମାତ୍ର ଖରାଛୁଟିରୁ ଅଙ୍ଗନବାଡି କେନ୍ଦ୍ର ଗୁଡିକ ବାଦ ପଡିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୋମଳମତୀ କୁନି ଶିଶୁମାନେ ଅସହ୍ୟ ଗରମରେ ଘରୁ କେନ୍ଦ୍ରକୁ ଯାତାୟାତ କରି ପ୍ରଚଣ୍ଡ ରୌଦ୍ରତାପରେ ସନ୍ତୁଳିତ ହେଉଛନ୍ତି । ଏଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି ।